
RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

THE SAKALA


PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-141 • MONDAY • 17 NOVEMBER 2025 • PAGE-12 • ₹ 6.00 | BHUBANESWAR | ବର୍ଷ-୪୩ • ସଂଖ୍ୟା-୧୪୧ • ସୋମବାର • ୧୭ ନଭେମ୍ବର ୨୦୨୫ • ପୃଷ୍ଠା-୧୨ • ଟ.୬.୦୦

ଆସିପାରେ 'କୁଛ କୁଛ ହୋତା ହେଁ'ର ସିକ୍ୱେଲ

ପୃଷ୍ଠା ୧୧ ଦେଖନ୍ତୁ...





# ଉଜୁଡ଼ି ଗଲା ଲାଲୁ ପରିବାର

## ରୋହିଣୀଙ୍କ ପରେ ଘର ଛାଡ଼ିଲେ ଆଉ ତିନି ଝିଅ, ଦିଲ୍ଲୀ ପଳାଇଲେ

**ପାଟନା, ୧୬।୧୧ (ଏଜେନ୍ସି):** ବିହାର ବିଧାନସଭା ନିର୍ବାଚନରେ ବଡ଼ ପରାଜୟ ପରେ ଆର୍‌ଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କ ଘରେ ଅଦିନିଆ ଝଡ଼ ଆସିଛି। ପରିବାରର ସଦସ୍ୟଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଛି। ବଡ଼ ପୁଅ ତେଜପ୍ରତାପ ଯାଦବଙ୍କ ପରେ ଏବେ ବାପାଙ୍କୁ କିଡ୍‌ନୀ ଦେଇଥିବା ଝିଅ ରୋହିଣୀ ଆଚାର୍ଯ୍ୟ ପରିବାର ଏବଂ ପାର୍ଟି ଛାଡ଼ି ପଳାଇଛନ୍ତି। ତାଙ୍କୁ ସମର୍ଥନ କରି ଲାଲୁଙ୍କ ଆଉ ତିନି ଝିଅ ମଧ୍ୟ ଆଜି ପାଟନା ଘର ଛାଡ଼ି ପିଲାମାନଙ୍କୁ ନେଇ ଦିଲ୍ଲୀ ପଳାଇଛନ୍ତି। ଏହି ତିନି ଝିଅ ହେଲେ ରାଜଲକ୍ଷ୍ମୀ, ରାଗିନୀ ଏବଂ ଚନ୍ଦା। ସେମାନେ ମଧ୍ୟ ପରିବାର ସହିତ ସଂପର୍କ ତୁଟାଇବାକୁ ଘୋଷଣା କରିଛନ୍ତି।

ବାହାରର ଦୁଇ ବ୍ୟକ୍ତିଙ୍କ ଯୋଗୁଁ ଏବେ ଜଣଙ୍କ ପରେ ଜଣେ ଆରଜେଡି ଏବଂ ଲାଲୁଙ୍କୁ ଛାଡ଼ି ଚାଲି ଯାଉଛନ୍ତି। ରାଜନୀତି ଏବଂ ପରିବାର ଛାଡ଼ିବାର ଦିନକ ପରେ ରବିବାର ରୋହିଣୀ ସାମାଜିକ ଗଣମାଧ୍ୟମ ପୋଷ୍ଟ ମାଧ୍ୟମରେ ଗୁମର ଖୋଲିଛନ୍ତି। ସେ ତେଜସ୍ୱୀ ଯାଦବ ଏବଂ ସଞ୍ଜୟ ଯାଦବଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ଲଗାଇଛନ୍ତି। ରୋହିଣୀ ଏକ କୋହଭରା ପୋଷ୍ଟରେ କହିଛନ୍ତି ଯେ ମୋତେ ଶ୍ୱଶୁର ଘରଠାରୁ ଅଲଗା କରି ଅନାଥ ବନାଇ ଦିଆଗଲା। କାନ୍ଦି କାନ୍ଦି ଘର ଛାଡ଼ିବାକୁ ପଡ଼ିଲା। ମୋ ଉପରକୁ ମଧ୍ୟ ଚପଲ ଉଠାଗଲା। ଆତ୍ମସମ୍ମାନ ସହ ସାଲିସ ନ କରି ମୁଁ ବାହାରି ଆସିଲି। ଆଉ କେହି ମୋ ଭଳି ଦୁର୍ଦ୍ଦଶା ନଭୋଗନ୍ତୁ। କୌଣସି ଘରେ ମୋ ଭଳି ଭାଇ-ଭଉଣୀ ନ ରୁହନ୍ତୁ। ଏହି ପୋଷ୍ଟ ରୋହିଣୀ କିଡ୍‌ନୀ ଦେଇଥିବାର ଭିଡିଓ ପୋଷ୍ଟ କରିଛନ୍ତି।



**ମୋ ସହିତ ଖରାପ ବ୍ୟବହାର କରାଯାଉଥିଲା: ରୋହିଣୀ**
**ଭଉଣୀଙ୍କ ପ୍ରତି ଅପମାନ ସହିବି ନାହିଁ: ତେଜପ୍ରତାପ**

ଅନ୍ୟ ଏକ ପୋଷ୍ଟରେ ରୋହିଣୀ ଲେଖିଛନ୍ତି ଯେ ଶନିବାର ମତେ ଗାଳିଗୁଲଜ କରାଯାଇଥିଲା। ବାପାଙ୍କୁ ଖରାପ କିଡନୀ ଦେଇ କୋଟି କୋଟି ଟଙ୍କା ଏବଂ ଟିକଟ ନେଇଥିବା କୁହାଯାଇଥିଲା।

ନିର୍ବାଚନରେ ପରାଜୟକୁ ନେଇ ତେଜସ୍ୱୀ ଏବଂ ରୋହିଣୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଶନିବାର ଅପରାହ୍ଣରେ ଇଣ୍ଡିଆ ମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଥିବା ତେଜସ୍ୱୀ ପରାଜୟ ପାଇଁ ରୋହିଣୀଙ୍କୁ ଦାୟୀ କରିଥିଲେ। ତେଜସ୍ୱୀ ତାଙ୍କ ଉପରକୁ ଚପଲ ଫୋପାଡ଼ି ଥିଲେ। ଲାଲୁ ପରିବାରରେ ଏହି ବିବାଦ ପଛରେ ବାହାରର ଦୁଇ ଜଣ ବ୍ୟକ୍ତିଙ୍କ ହାତ ଥିବା କୁହାଯାଉଛି। ସେମାନେ ହେଲେ ତେଜସ୍ୱୀଙ୍କ ଘନିଷ୍ଠ ସଞ୍ଜୟ ଯାଦବ ଏବଂ ରମିଜ ଖାନ। ଉଭୟଙ୍କ ପାଇଁ ଭାଇ ତାଙ୍କୁ ଏଭଳି ବ୍ୟବହାର କଲା ବୋଲି ରୋହିଣୀ ଅଭିଯୋଗ କରିଛନ୍ତି। ଆଜି ମୁମ୍ବାଇ ଯିବା ସମୟରେ ରୋହିଣୀ କହିଛନ୍ତି, ସେ ତାଙ୍କର ସଂପର୍କ କେବଳ ତେଜସ୍ୱୀଙ୍କ ସହ ତୁଟାଇଛନ୍ତି। ବାପା ମାଆ ଏବଂ ଅନ୍ୟ ଭାଇ ଭଉଣୀ ତାଙ୍କ ସହିତ ଅଛନ୍ତି ବୋଲି ସେ କହିଛନ୍ତି। ଏହି ବିବାଦ ଉପରେ ସେ ଅଧିକ କିଛି କହିବାକୁ ମନା କରିଦେଇଥିଲେ।

ଇତିମଧ୍ୟରେ ଏହି ବିବାଦକୁ ନେଇ ମୁହଁ ଖୋଲିଛନ୍ତି ଲାଲୁଙ୍କ ବଡ଼ ପୁଅ ତେଜପ୍ରତାପ। ସେ କହିଛନ୍ତି ଯେ ତାଙ୍କ ପ୍ରତି ହୋଇଥିବା ଅନ୍ୟାୟକୁ ସେ ସହିଛନ୍ତି। କିନ୍ତୁ ତାଙ୍କ ଭଉଣୀ ରୋହିଣୀଙ୍କ ପ୍ରତି ହୋଇଥିବା ଅପମାନକୁ ସେ ଆଦୌ ସହିବେ ନାହିଁ। ବାହାର ଲୋକଙ୍କ ପାଇଁ ତାଙ୍କ ଘରେ ଝଗଡ଼ା ହେଉଛି ଏବଂ ଏହା ଗ୍ରହଣୀୟ ନୁହେଁ। ବାପା (ଲାଲୁ)ଙ୍କ ଇସାରା ମିଳିବା ମାତ୍ରେ ରାଜ୍ୟବାସୀ ଏହି ବାହାର ଲୋକଙ୍କୁ ସାବାଡ଼ କରିଦେବେ। ସୂଚନାଯୋଗ୍ୟ ଯେ ନିର୍ବାଚନ ପୂର୍ବରୁ ଲାଲୁ ତାଙ୍କ ପରିବାର ଓ ଦଳରୁ ତେଜ ପ୍ରତାପଙ୍କୁ ବହିଷ୍କାର କରିଥିଲେ। ଅନ୍ୟ ଜଣେ ମହିଳାଙ୍କ ସହ ସଂପର୍କ ପାଇଁ ତେଜ ପ୍ରତାପଙ୍କୁ ବିଦା କରାଯାଇଥିଲା। ଏହାପରେ ତେଜ ପ୍ରତାପ ନୂଆ ଦଳ ଗଠନ କରି ଆରଜେଡି ବିରୋଧରେ ପ୍ରାର୍ଥୀ ଦେଇଥିଲେ। କିନ୍ତୁ ସମସ୍ତେ ହାରିଯାଇଥିଲେ।

# ବିହାର ନିର୍ବାଚନରେ ବଣ୍ଟା ହୋଇଛି ବିଶ୍ୱ ବ୍ୟାଙ୍କ ଋଣ: ପ୍ରଶାନ୍ତ କିଶୋର

**ପାଟନା, ୧୬।୧୧ (ଏଜେନ୍ସି):** ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋରଙ୍କ ଜନସୁରାଜ ପାର୍ଟି ପକ୍ଷରୁ ବଡ଼ ଅଭିଯୋଗ କରାଯାଇଛି। ବିଶ୍ୱ ବ୍ୟାଙ୍କ ଦେଇଥିବା ୧୪ ହଜାର କୋଟି ଟଙ୍କାର ଋଣକୁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ସରକାର ବିଧାନସଭା ନିର୍ବାଚନରେ ଖର୍ଚ୍ଚ କରିଥିବା କୁହାଯାଇଛି। ନିର୍ବାଚନରେ ଗୋଟିଏ ହେଲେ ବି ଆସନ ଜିତିପାରି ନ ଥିବା ଜନସୁରାଜ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରି କୁହାଯାଇଛି ଯେ ଋଣ ଅର୍ଥକୁ ମାଗଣା ବାଣ୍ଟିବା ପାଇଁ ବ୍ୟବହାର କରାଯାଇଥିଲା। ଗତ ଜୁନ୍ ମାସରୁ ନିର୍ବାଚନ ଘୋଷଣା ହେବା ପର୍ଯ୍ୟନ୍ତ ୪୦ ହଜାର କୋଟି ଟଙ୍କା ବଣ୍ଟା ଯାଇଛି। ଏହି ଟଙ୍କା ବ୍ୟବହାର କରି ନୀତୀଶ କୁମାରଙ୍କ ସରକାର ଭୋଟ କିଣିଛନ୍ତି। ଲୋକଙ୍କ ଟଙ୍କାରେ ଭୋଟ କିଣାଯାଇଛି। ଏହି ପରିମାଣ କଳ୍ପନାଠାରୁ ବାହାରେ ଥିଲା। ବିଶ୍ୱ ବ୍ୟାଙ୍କ ଦେଇଥିବା ୧୪ ହଜାର କୋଟି ଟଙ୍କାର ଋଣକୁ ବି ଛଡ଼ା ଯାଇ ନ ଥିଲା। ଠିକ୍ ନିର୍ବାଚନ ପୂର୍ବରୁ ଏହି ଅର୍ଥରେ ମହିଳାଙ୍କ ବ୍ୟାଙ୍କ ଖାତାକୁ ୧୦ ହଜାର ଟଙ୍କା ଲେଖାଏଁ ଦିଆ ଯାଇଥିଲା।

- **୧୪୦୦୦ କୋଟି ଟଙ୍କା ମିଳିଥିଲା: ଏହି ଟଙ୍କା ମହିଳାଙ୍କୁ ଦିଆଯାଇଥିଲା**
- **ମତଦାନର ପୂର୍ବ ଦିନ ପର୍ଯ୍ୟନ୍ତ ମହିଳାଙ୍କ ଖାତାକୁ ଯାଉଥିଲା ଟଙ୍କା**



ଜନସୁରାଜର ଜାତୀୟ ଅଧ୍ୟକ୍ଷ ଉଦୟ ସିଂହ କହିଥିଲେ ଯେ ପ୍ରଥମ ଥର ପାଇଁ ବିହାରରେ ମତଦାନ ହେବାର ଦିନେ ପୂର୍ବରୁ ବି ମହିଳାଙ୍କ ଖାତାକୁ ଟଙ୍କା ଯାଇଥିଲା। ନିର୍ବାଚନ ଆଚରଣ ବିଧି ଲାଗିଥିବା ସତ୍ତ୍ୱେ ଏପରି କରାଯାଇଥିଲା। ଅତି କଷ୍ଟରେ ଜୀବନଯାପନ କରୁଥିବା ମହିଳାଙ୍କ ଭୋଟ ହାତେଇବା ପାଇଁ ଏହି ଟଙ୍କା ଯଥେଷ୍ଟ ଥିଲା। ଯଦି ଲୋକଙ୍କ ଟଙ୍କାକୁ ଭୋଟ କିଣିବା ପାଇଁ ବ୍ୟବହାର କରାଯାଇ ନ ଥାଆନ୍ତା ତେବେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ପୁଣି କ୍ଷମତାକୁ ଆସି ନ ଥାଆନ୍ତା। ଜନସୁରାଜ ବୃଦ୍ଧବୃଦ୍ଧାଙ୍କୁ ମାସକୁ ୨ ହଜାର ଟଙ୍କା ଭତ୍ତା ଦେବାକୁ ଘୋଷଣା କରିଥିଲା। କିନ୍ତୁ ପରେ ବିଜେପି ଏହାକୁ ୭୦୦ରୁ ବଢ଼ାଇ ୧୧୦୦ କରିଦେଲା।

ଜନସୁରାଜ ନେତା ପବନ ବର୍ମା କହିଛନ୍ତି ଯେ ଏବେ ବିହାର ଉପରେ ୪, ୦୬, ୦୦୦ କୋଟି ଟଙ୍କାର ଋଣ ରହିଛି। ଏଥିପାଇଁ ଦିନକୁ ୬୩ କୋଟି ଟଙ୍କାର ସୁଧ ଦିଆଯାଉଛି। ଟ୍ରେଜେରି ଖାଲି ଥିବାବେଳେ ମହିଳାଙ୍କୁ ୧୦ ହଜାର ଲେଖାଏଁ ଦିଆଯାଉଛି। ବିଶ୍ୱ ବ୍ୟାଙ୍କ ଦେଇଥିବା ୨୧ ହଜାର କୋଟିର ଋଣରୁ ୧୪ ହଜାର କୋଟି ନେଇ ୧.୨୫ କୋଟି ମହିଳାଙ୍କୁ ଟଙ୍କା ଦିଆଯାଇଛି। ଏହା ଅନୁଚିତ ବୋଲି ସେ କହିଛନ୍ତି। ଏହା ସହିତ ନିର୍ବାଚନ କମିଶନଙ୍କ ନିରବତାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି।

# ବିବାହର କିଛି ଘଣ୍ଟା ପୂର୍ବରୁ କନ୍ୟାକୁ ହତ୍ୟା କଲା ବର

**ଭାବନଗର, ୧୬।୧୧ (ଏଜେନ୍ସି):** ଗୁଜରାଟର ଭାବନଗରରେ ବିଚଳିତ କଲା ଭଳି ଏକ ଘଟଣା ସାମ୍ନାକୁ ଆସିଛି। ବିବାହର କିଛି ଘଣ୍ଟା ପୂର୍ବରୁ ଜଣେ ବର ତାଙ୍କର କନ୍ୟା ତଥା ଭାବି ପତ୍ନୀଙ୍କୁ ହତ୍ୟା କରିଛନ୍ତି। ହଳଦୀ ସମାରୋହର ଗୋଟିଏ ଦିନ ପରେ ସୋନୀ ରାଠୋରଙ୍କୁ ହତ୍ୟା କରାଯାଇଥିଲା। ବର ସାଜନ ବରେୟାଙ୍କୁ ପୁଲିସ ମୁଖ୍ୟ ଅଭିଯୁକ୍ତ ବୋଲି କହିଛି। ସୋନୀ ଓ ସାଜନ ଗତ ଦେଢ଼ବର୍ଷ ହେବ ସାଥି ହୋଇ ଏକାଠି ରହୁଥିଲେ। ଦୁହିଙ୍କର ନିର୍ବନ୍ଧ ହୋଇସାରିଥିଲା। ବିବାହର ସବୁ ପରମ୍ପରା ପାଳନ ହୋଇ ସାରିଥିଲା। ଶନିବାର ରାତିରେ ସେମାନେ ବାହା ହୋଇଥାନ୍ତେ। ତେବେ ଏହାପୂର୍ବରୁ ସବୁ କିଛି ଶେଷ ହୋଇଛି। ଶାଢ଼ି ଓ ଟଙ୍କା ପଇସାକୁ ନେଇ ଦୁହିଁଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା।



ଏଥିରେ ଉତ୍‌କ୍ଷିପ୍ତ ହୋଇ ସାଜନ ଏକ ଲୁହା ପାଇପ୍‌ରେ ସୋନୀଙ୍କୁ ବାଡେଇଥିଲେ ଓ ସୋନୀଙ୍କ ମୁଣ୍ଡକୁ କାନ୍ଥରେ ପିଟିଥିଲେ। ଫଳରେ ସୋନୀ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ ବୋଲି ପୁଲିସ କହିଛି। ଫେରାର ହେବା ପୂର୍ବରୁ ସାଜନ ଘରେ ଭଙ୍ଗାରୁଜା ମଧ୍ୟ କରିଥିଲା। ସୂଚନା ପାଇବା ମାତ୍ରେ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ସୋନୀଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ସାଜନ ଶନିବାର ପଡୋଶୀଙ୍କ ସହ ମଧ୍ୟ ଝଗଡ଼ା କରିଥିଲା ବୋଲି ପୁଲିସ କହିଛି। ସାଜନକୁ ଧରିବା ପାଇଁ ପୁଲିସ ଏକାଧିକ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

## ପାକିସ୍ତାନରେ ସମ୍ବିଧାନ ସଂଶୋଧନକୁ ବିରୋଧ

# ସୁପ୍ରିମକୋର୍ଟ ପରେ ଲାହୋର ହାଇକୋର୍ଟ ଜଜ୍‌ଙ୍କ ଇସ୍ତଫା

**ଇସ୍‌ଲାମାବାଦ, ୧୬।୧୧ (ଏଜେନ୍ସି):** ପାକିସ୍ତାନରେ ସମ୍ବିଧାନ ସଂଶୋଧନକୁ ବିରୋଧ କରି ଲାହୋର ହାଇକୋର୍ଟର ଜଣେ ବରିଷ୍ଠ ବିଚାରପତି ଇସ୍ତଫା ଦେଇଛନ୍ତି। ଫଳରେ ନ୍ୟାୟ ପାଳିକା ଉପରେ ସଙ୍କଟ ଆହୁରି ବୃଦ୍ଧି ପାଇଛି। ଲାହୋର ହାଇକୋର୍ଟର ଜଜ୍ ଜଷ୍ଟିସ ଶମ୍ସ ମେହମୁଦ ମିର୍ଜା ଇସ୍ତଫା ଦେଇଛନ୍ତି। ସେ ପ୍ରଥମ ଜଜ୍ ଭାବେ ହାଇକୋର୍ଟରୁ ଇସ୍ତଫା ଦେଇଛନ୍ତି। ମିର୍ଜା ୨୦୨୮ ମାର୍ଚ୍ଚ ୬ରେ ଅବସର ନେଇଥାନ୍ତେ। ସେ ଇମ୍ରାନ ଖାନ୍‌ଙ୍କ ପାର୍ଟି ପିଟିଆଇର ବରିଷ୍ଠ ନେତା ସଲମାନ ଆକ୍ରାମ ରାଜାଙ୍କ ଶାଳକ। ଏହା ପୂର୍ବରୁ ନଭେମ୍ବର ୧୩ରେ ସୁପ୍ରିମକୋର୍ଟର ଦୁଇଜଣ ବରିଷ୍ଠ ବିଚାରପତି ସୟଦ ମନସୁର ଅଲି ଶାହ ଓ ଜଷ୍ଟିସ ଅତର ମିନଲ୍ଲାହ ମଧ୍ୟ ସମାନ କାରଣ ଯୋଗୁ ଇସ୍ତଫା ଦେଇଥିଲେ। ୨୭ତମ ସମ୍ବିଧାନ ସଂଶୋଧନକୁ ସମ୍ବିଧାନ ଓ ନ୍ୟାୟପାଳିକା ଉପରେ ଆକ୍ରମଣ ସଦୃଶ ବୋଲି ସେମାନ କହିଥିଲେ। ଏହି ସଂଶୋଧନ ସୁପ୍ରିମକୋର୍ଟକୁ ଶେଷ କରୁଛି ଓ ସରକାର ସ୍ୱାଧୀନତାକୁ ବିପଦରେ ପକାଇଛି ବୋଲି ଜଷ୍ଟିସ ମନସୁର ଅଲି କହିଛନ୍ତି। ନ୍ୟାୟପାଳିକାକୁ ସରକାର ନିଜ ନିୟନ୍ତ୍ରଣକୁ ନେଉଛନ୍ତି ଓ ଏହା ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିଛି। ଫେଡେରାଲ କନ୍‌ଷ୍ଟିଟୁସନାଲ କୋର୍ଟ (ଏଫ୍‌ସିସି) ସୁପ୍ରିମକୋର୍ଟଙ୍କୁ ଦେଶର ଦେଶର ସବୁଠୁ ଉଚ୍ଚତମ ନ୍ୟାୟଳୟ ପଦରୁ ହଟାଇ ଦେଇଛି ବୋଲି ଇସ୍ତଫା ଦେଇଥିବା ଜଜ୍‌ମାନେ କହିଛନ୍ତି।

# ମେକ୍ସିକୋରେ ମାତିଲେ ଜେନ୍ ଜେଡ୍

**ମେକ୍ସିକୋ, ୧୬।୧୧ (ଏଜେନ୍ସି):** ଶ୍ରୀଲଙ୍କା, ବାଂଲାଦେଶ, ନେପାଳ ପରେ ଏବେ ଆଉ ଏକ ଦେଶରେ ଜେନ୍-ଜେଡ୍ ଆନ୍ଦୋଳନ ଆରମ୍ଭ ହୋଇଛି। ମେକ୍ସିକୋରେ ଶନିବାର ହଜାର ହଜାର ଯୁବଗୋଷ୍ଠୀ ସରକାରଙ୍କ ବିରୋଧରେ ରାସ୍ତାକୁ ଓହ୍ଲାଇଛନ୍ତି। ବର୍ଦ୍ଧିତ ଅପରାଧ, ଦୁର୍ନୀତି, ହିଂସା, ସାର୍ବଜନୀନ ହତ୍ୟା ଏବଂ ସୁରକ୍ଷା ବ୍ୟବସ୍ଥା ଭୁଶୁଡ଼ିଯିବାକୁ ନେଇ ଜେନ-ଜେଡ୍ ଉଗ୍ର ବିକ୍ଷୋଭ କରିଛନ୍ତି। ସାର୍ବଜନୀନ ସ୍ଥାନରେ ମେୟରଙ୍କୁ ହତ୍ୟା ପରେ ଏହା ଉଗ୍ର ହୋଇ ଉଠିଥିଲା। ପଶ୍ଚିମ ରାଜ୍ୟର ମିଚୋଆକେନରେ ନଭେମ୍ବର ୧ରେ ଅରୁଅପନର ମେୟର କାର୍ଲୋସ ମଞ୍ଜୋଙ୍କୁ ଏକ କାର୍ଯ୍ୟକ୍ରମରେ ଗୁଳି କରି ହତ୍ୟା କରାଯାଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଜେନ୍-ଜେଡ୍ ଗୋଷ୍ଠୀ ରାଷ୍ଟ୍ରପତିଙ୍କ ସରକାରୀ ବାସଭବନର କାନ୍ଥ ଭାଙ୍ଗି ଦେଇଛି। ବିକ୍ଷୋଭକାରୀ ପୁଲିସ ଉପରକୁ ପଥର, ହାତୁଡି, ବାଣ, ଠେଙ୍ଗାବାଡ଼ି ଏବଂ ଶିକୁଳିରେ ଆକ୍ରମଣ କରିଛନ୍ତି। ଏହାକୁ ରୋକିବା ପାଇଁ ପୁଲିସ ଲୁହବୁହା ଗ୍ୟାସ୍ ମାଡ଼ କରିଛି। ଏଥିରେ ୧୦୦ ପୁଲିସ ଅଧିକାରୀଙ୍କ ସମେତ ୧୨୦ ଜଣ ଆହତ ହୋଇଛନ୍ତି। ଏହି ମାମଲାରେ ୨୦ ଜଣକୁ ଗିରଫ କରାଯାଇଛି।

- **ମେୟରଙ୍କ ମୃତ୍ୟୁକୁ ନେଇ କ୍ଷୁବ୍ଧ ଯୁବଗୋଷ୍ଠୀ**
- **ରାଷ୍ଟ୍ରପତି ଭବନର କାନ୍ଥ ଭାଙ୍ଗିଦେଲେ**
- **ପୁଲିସ ଉପରେ ହାତୁଡି, ଠେଙ୍ଗାରେ ଆକ୍ରମଣ**

ଚଳିତ ବର୍ଷ ଅନେକ ଦେଶରେ ଯୁବ ଗୋଷ୍ଠୀ ଆନ୍ଦୋଳନ କଲେଣି। ଅସମାନତା, ଗଣତାନ୍ତ୍ରିକ ମୂଲ୍ୟବୋଧ ହ୍ରାସ, ଦୁର୍ନୀତି ବିରୋଧରେ ଯୁବଗୋଷ୍ଠୀ ରାସ୍ତାକୁ ଓହ୍ଲାଇଛନ୍ତି। ଗତ ସେପ୍ଟେମ୍ବରରେ ଜେନ୍-ଜେଡ୍ ଗୋଷ୍ଠୀ ନେପାଳ ସରକାରକୁ ଭୁଶୁଡ଼ାଇ ଦେଇଥିଲେ। ଏବେ ଦୁର୍ନୀତି ଏବଂ ଅପରାଧକୁ ନେଇ ଚିନ୍ତିତ ମେକ୍ସିକୋ ଯୁବୋ ଗୋଷ୍ଠୀ ରାସ୍ତାକୁ ବାହାରିଛନ୍ତି। ୨୯ ବର୍ଷୀୟ ବ୍ୟବସାୟିକ କନସୋଲଟାଣ୍ଟ ଆଣ୍ଡ୍ରେସ ମାସା କହିଛନ୍ତି ଯେ ଆମକୁ ଅଧିକ ସୁରକ୍ଷା ଦରକାର। କେବଳ ଯୁବ ଗୋଷ୍ଠୀ ନୁହେଁ, ବୟସ୍କ ଏବଂ ୪୦ରୁ ୫୦ ବର୍ଷୀୟ ବ୍ୟକ୍ତି ମଧ୍ୟ ଆନ୍ଦୋଳନରେ ସାମିଲ ଅଛନ୍ତି। ଅନ୍ୟ ଜଣେ ଆନ୍ଦୋଳନକାରୀ ୪୩ ବର୍ଷୀୟ ଡାକ୍ତର ଏରିଜବେଥ ଗାର୍ସିଆ କହିଛନ୍ତି ଯେ ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ପାଇଁ ଆମେ ଅଧିକ ପାଣ୍ଠି ଚାହୁଁଛୁ। କିନ୍ତୁ ସୁରକ୍ଷା ସବୁଠୁ ବଡ଼ ସମସ୍ୟା ହୋଇ ରହିଛି। ଏବେ ଡାକ୍ତର ବି ଅସୁରକ୍ଷିତ। ଏଠାରେ ଅନେକ ଲୋକଙ୍କ ଜୀବନ ଯାଉଛି।

କିଛିଦିନ ହେଲା ମେକ୍ସିକୋରେ ଘଟିଥିବା ହାଇପ୍ରୋଫାଇଲ ହତ୍ୟାକାଣ୍ଡକୁ ନେଇ ରାଷ୍ଟ୍ରପତି କ୍ଲାଉଡିଆ ସିନବାମ ଜନତାଙ୍କ ଆକ୍ରୋଶର ଶିକାର ହୋଇଥିଲେ। ଏହି ବିକ୍ଷୋଭର କିଛି ଦିନ ପୂର୍ବରୁ ଦକ୍ଷିଣପନ୍ଥୀ ବିରୋଧୀ ଦଳ ବିରୋଧରେ ରାଷ୍ଟ୍ରପତି ଗମ୍ଭୀର ଅଭିଯୋଗ ଲଗାଇ ଥିଲେ। ଏହି ଦଳ ଜେନ-ଜେଡ୍‌କୁ ସମର୍ଥନ ଦେଉଛି। ସାମାଜିକ ଗଣମାଧ୍ୟମକୁ ବ୍ୟବହାର କରି ବିକ୍ଷୋଭକୁ ବଡ଼ ଆକାର ଦେବାକୁ ପ୍ରୟାସ କରୁଛନ୍ତି। ଏହି ବିକ୍ଷୋଭରେ ଜାପାନୀ କମିକ୍ସ 'ୱାନ ପିସ'ର ଚରିତ୍ର ଲୁଫି ଯୁବ ଗୋଷ୍ଠୀଙ୍କ ସଙ୍କେତ ପାଲଟିଛି। ଜେନ-ଜେଡ୍ ଗୋଷ୍ଠୀ ହାତରେ ଖପୁରୀ ଚିତ୍ର ଥିବା ଟୋପି ପିନ୍ଧୁଛନ୍ତି। ଏହା ଲୁଫିର ପରିଚୟ ପାଲଟିଛି।

## ଜମ୍ମୁ-କାଶ୍ମୀରରେ କାର୍- ଡମ୍ଫର ଧକ୍କା ୪ ମୃତ; ୫ ଆହତ

**ବଡ଼ଗାଁଓ, ୧୬।୧୧ (ଏଜେନ୍ସି):** ଜମ୍ମୁ-କାଶ୍ମୀର ବଡ଼ଗାଁଓ ଜିଲ୍ଲାରେ ଶନିବାର ବିଳମ୍ବିତ ରାତିରେ ଏକ ଏସ୍‌ୟୁଭି କାର୍ ଓ ଡମ୍ଫର ଟ୍ରକ୍ ମଧ୍ୟରେ ଧକ୍କା ହୋଇଥିଲା। ଏଥିରେ ୪ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ୫ ଜଣ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ୯ ଜଣଙ୍କୁ ହସ୍ପିଟାଲ ନିଆଯାଇଥିଲା। ଏମାନଙ୍କ ମଧ୍ୟରୁ ୪ ଜଣଙ୍କୁ ମୃତ ଘୋଷିତ କରାଯାଇଥିଲା ବୋଲି ପୁଲିସ କହିଛି। ଦୁର୍ଘଟଣା ବଡ଼ଗାଁଓର ରିଙ୍ଗରୋଡ୍‌ରେ ଘଟିଥିଲା। ସୂଚନା ମିଳିବା ମାତ୍ରେ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଏବେ ମଧ୍ୟ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ପୁଲିସ ଏହି ଘଟଣାରେ ମାମଲା ରୁଜୁ କରିଛି। ଦୁର୍ଘଟଣା ପାଇଁ ଜମ୍ମୁ-କଶ୍ମୀର ମୁଖମନ୍ତ୍ରୀ ଉମର ଅବଦୁଲ୍ଲା ଦୁଃଖ ପ୍ରକାଶ କରିଛନ୍ତି। ପୀଡ଼ିତଙ୍କ ସବୁ ପ୍ରକାର ସହାୟତା ପ୍ରଦାନ କରିବାକୁ ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ଘଟଣାର କାରଣ ଜାଣିବା ପାଇଁ ସେ ଠିକ୍ ଭାବେ ଯାଞ୍ଚ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।

# ଫାରୁକ୍ ଅବଦୁଲ୍ଲା-ଶଶୀ ଥରୁର ମୁହାଁମୁହିଁ

**ନୂଆଦିଲ୍ଲୀ, ୧୬।୧୧ (ଏଜେନ୍ସି):** କଂଗ୍ରେସ ସାଂସଦ ଶଶୀ ଥରୁର ବଡ଼ ଟିପ୍ପଣୀ ଦେଇଛନ୍ତି। ସେ ରବିବାର କହିଛନ୍ତି ଯେ ଆତଙ୍କବାଦ ୧୯୮୦-୯୦ରେ କଶ୍ମୀରରେ ଆରମ୍ଭ ହୋଇଥିଲା। ଏହା ଧିରେ ଧିରେ ମୁମ୍ବଇ, ପୁନେ, ଦିଲ୍ଲୀ ପର୍ଯ୍ୟନ୍ତ ବ୍ୟାପିଗଲା। ଗତ ୩୦ ବର୍ଷ ହେଲା ଭାରତ ଆତଙ୍କବାଦ ସମସ୍ୟାର ମୁକାବିଲା କରୁଛି। ଏବେ ଏହା ଉପରେ କଠୋର ଏବଂ ପ୍ରଭାବୀ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି। ପ୍ରତ୍ୟେକ ଆତଙ୍କବାଦୀ ଘଟଣାରେ ଦୁଇଟ ଦିଗକୁ ଧ୍ୟାନ ଦେବା ଜରୁରୀ। କିଏ ଏହି ଆକ୍ରମଣ କରିଛି ଏବଂ ଯେପରି ପୁଣି ଆକ୍ରମଣ ହେବ ନାହିଁ ତାହାର ବ୍ୟବସ୍ଥା କରିବା ଆବଶ୍ୟକ। ସବୁ ପ୍ରସଙ୍ଗକୁ ଯୁଦ୍ଧ ଏବଂ ଶାନ୍ତିର ଚଷମାରେ ଦେଖିବା ଅନୁଚିତ। ଆତଙ୍କବାଦ ବିରୋଧରେ ଦୃଢ଼ତାର ସହ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ। କିନ୍ତୁ ଦେଶର ବିକାଶ ଲକ୍ଷ୍ୟକୁ ମଧ୍ୟ ଅଣଦେଖା କରିବା ଅନୁଚିତ। ଦିଲ୍ଲୀ ବିସ୍ଫୋରଣକୁ ନେଇ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟ ଫାରୁକ ଅବଦୁଲ୍ଲା ଦେଇଥିବା ମନ୍ତବ୍ୟ ପରେ ଥରୁର ଏହି ଟିପ୍ପଣୀ ଦେଇଛନ୍ତି। ଫାରୁକ କହିଥିଲେ ଯେ ପ୍ରତ୍ୟେକ କାଶ୍ମୀରୀ ଉପରେ ଅଙ୍ଗୁଳି ଉଠାଯାଉଛି। କେବେ ଆମକୁ ହିନ୍ଦୁସ୍ତାନୀ ବୋଲି ମାନିବେ? ଏହି ସମୟ କେବେ ଆସିବ? ଆମ ଏଥିପାଇଁ ଦାୟୀ ନୁହେଁ। ଯିଏ ଦାୟୀଙ୍କୁ ତାଙ୍କୁ ପ୍ରଶ୍ନ କରାଯାଉ। ଡାକ୍ତରମାନଙ୍କୁ ଏହି ରାସ୍ତା କାହିଁକି ଆପଣାଇବାକୁ ପଡ଼ିଲା ପଚରାଯାଉ। ଏହାର ଗଭୀର ଯାଞ୍ଚ ଏବଂ ଅଧ୍ୟୟନ ଜରୁରୀ। ଫାରୁକ ପୁଣି ପାକିସ୍ତାନ ସହ ସମ୍ପର୍କ ସୁଧାରିବାକୁ ପରାମର୍ଶ ଦେଇଛନ୍ତି। ପଡ଼ୋଶୀ ସହ ଭଲ ସମ୍ପର୍କ ରହିଲେ ଭଲରେ ରହିବେ, ନଚେତ ବିକାଶ ଅଟକି ଯିବ। ସେହିପରି 'ଅପରେସନ ସିନ୍ଦୂର'ର କୌଣସି ପ୍ରଭାବ ପଡ଼ି ନାହିଁ ବୋଲି ସେ କହିଛନ୍ତି।

# ମଧ୍ୟପ୍ରଦେଶ, ରାଜସ୍ଥାନରେ ଭୟଙ୍କର ଦୁର୍ଘଟଣା, ଗଲା ୧୧ ଜୀବନ

**ନୂଆଦିଲ୍ଲୀ, ୧୬।୧୧ (ଏଜେନ୍ସି):** ମଧ୍ୟପ୍ରଦେଶ ଏବଂ ରାଜସ୍ଥାନରେ ରବିବାର ସକାଳେ ଦୁଇ ଦୁଇଟି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୧୧ ଜଣ ପ୍ରାଣ ହରାଇଥିବାବେଳେ ୧୨ ଜଣ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ମଧ୍ୟପ୍ରଦେଶ ଗ୍ୱାଲିୟର-ଝାନ୍‌ସୀ ରାସ୍ତାରେ ଆଜି ବଡ଼ି ଭୋରରେ ଦ୍ରୁତଗତିରେ ଆସୁଥିବା ଏକ ଫର୍ଚ୍ୟୁନର କାର୍ ବାଲି ନେଇଆସୁଥିବା ଟ୍ରାକ୍ଟର-ଟ୍ରଲିକୁ ପଛ ପଟୁ ଧକ୍କା ଦେଇଥିଲା। ଏହା ଏତେ ଭୟାବହ ଥିଲା ଯେ ଘଟଣାସ୍ଥଳରେ ଫର୍ଚ୍ୟୁନରରେ ଯାତ୍ରା କରୁଥିବା ୫ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହା ଟ୍ରଲିର ତଳେ ପଶି ଯାଇଥିଲା। ତେଣୁ କୌଣସି ଯାତ୍ରୀଙ୍କ ଜୀବନ ବଞ୍ଚି ପାରି ନ ଥିଲା। ଗାଡ଼ିକୁ କଟରରେ କାଟି ମୃତଦେହ ବାହାର କରାଯାଇଥିଲା। ସମସ୍ତ ମୃତକ ଗ୍ୱାଲିୟରର ବାସିନ୍ଦା। ଫର୍ଚ୍ୟୁନରଟି ଉତ୍ତର ପ୍ରଦେଶର ଝାନ୍‌ସୀର ଏକ କାର୍ଯ୍ୟକ୍ରମରେ ସାମିଲ ହୋଇ ଗ୍ୱାଲିୟର ଫେରୁଥିଲା। ରାସ୍ତାର ଏକ ବୁଲାଣିରେ ଏହା ନିୟନ୍ତ୍ରଣ ହରାଇ ଥିଲା। ଅନ୍ୟପକ୍ଷରେ ରାଜସ୍ଥାନର ଯୋଧପୁର-ଜୈସାଲମେର ଏନ୍‌ଏଚରେ ଏକ୍ ମିଲେଟ ବୋଝେଇ ଟ୍ରକ ବିପରୀତ ଦିଗରୁ ଆସି ଟେମ୍ପୋକୁ ଧକ୍କା ଦେଇଛି।

- **ଗ୍ୱାଲିୟରରେ ଟ୍ରଲିରେ ପଶିଲା ଫର୍ଚ୍ୟୁନର; ୫ ମୃତ**
- **ରାଜସ୍ଥାନରେ ଟେମ୍ପୋକୁ ଧକ୍କାଦେଲା ଟ୍ରକ; ୬ ମୃତ**

# ଆତ୍ମଘାତୀ ଖୋଜୁଥିଲେ ଆତଙ୍କବାଦୀ

**ନୂଆଦିଲ୍ଲୀ, ୧୬।୧୧ (ଏଜେନ୍ସି):** ଆତଙ୍କବାଦୀ ଡ. ଉମର ନବି ସହ ସମ୍ପର୍କରେ ରଖିଥିବା କିଛି ଲୋକଙ୍କୁ ଜମ୍ମୁ-କଶ୍ମୀର ପୁଲିସ ଗିରଫ କରିଛି। ସେମାନେ କହିଛନ୍ତି ଯେ ଏହି ଡାକ୍ତରମାନେ ଗତ ବର୍ଷ ଜଣେ ଆତ୍ମଘାତୀ ଖୋଜୁଥିଲେ। ଡ.ଉମରକୁ ଏହି ଦାୟିତ୍ୱ ଦିଆଯାଇଥିଲା। ସେ ୨୦୨୩ ଅକ୍ଟୋବରରେ କାଜିଗୁଣ୍ଡର ଜସିର ଓରଫ ଦାନିଶ ସହ ଯୋଗାଯୋଗ କରିଥିଲା। ପରେ ତାକୁ ଫରିଦାବାଦର ଅଲ-ଫଲାହ ବିଶ୍ୱବିଦ୍ୟାଳୟକୁ ଅଣା ଯାଇଥିଲା। ଏଠାରେ ଭଡ଼ା ଘରେ ତାକୁ ରଖା ଯାଇଥିଲା। ସେ ଓଭରଗ୍ରାଉଣ୍ଡ ୱାର୍କର ହେଉ ବୋଲି ସମସ୍ତେ ଚାହୁଁଥିଲେ। ଏଥିପାଇଁ ଉମର ଅନେକ ମାସ ପର୍ଯ୍ୟନ୍ତ ତାର ମାଇଣ୍ଡ ୱାସ କରିଥିଲା। ଆତ୍ମଘାତୀ ପାଇଁ ରାଜି କରାଇବାକୁ ଚାହିଁଥିଲା। କିନ୍ତୁ ଘରର ଆର୍ଥିକ ସ୍ଥିତି ଖରାପ ଥିବାରୁ ଏବଂ ଇସ୍‌ଲାମରେ ଆତ୍ମହତ୍ୟା ହାରାମ କହି ଦାନିଶ ଆତ୍ମଘାତୀ ହେବାକୁ ମନା କରିଦେଇଥିଲା। ଲାଲକିଲ୍ଲା ବିସ୍ଫୋରଣର ଅନ୍ୟତମ ଅଭିଯୁକ୍ତ ଡ. ସାହିନ ସୈୟିଦକୁ ନେଇ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ସେ ୧୦ ବର୍ଷ ହେଲା ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦ (ଜେଇଏମ) ସହ ଜଡ଼ିତ ଥିଲା। ଏନ୍‌ଆଇଏର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ସାହିନ ୨୦୧୫ରେ ଜୈସରେ ସାମିଲ ହୋଇଥିଲା। ୨୦୨୧ରେ ସାହିନ ଚାକିରି ଛାଡ଼ିବାରୁ ସ୍ୱାମୀ ଅଟକାଇ ଥିଲେ। ଏହାର ଉତ୍ତରରେ ସେ କହିଥିଲା ଯେ ପରିବାର ଏବଂ ଚାକିରିରେ କିଛି ନାହିଁ। ନିଜ ପାଇଁ ବହୁତ ଜିଇଁଲି। ଏବେ ନିଜ ସମ୍ପ୍ରଦାୟର ଲୋକଙ୍କ ଋଣ ସୁଝିବାର ସମୟ ଆସିଛି। ସେହିପରି ଆତଙ୍କବାଦୀ ଡାକ୍ତର ଉମର, ମୁଜାମ୍ମିଲ ଏବଂ ସାହିନକୁ ମିଳିଥିବା ୨୦ ଲକ୍ଷ ଟଙ୍କାର 'ଫଣ୍ଡି ଟ୍ରେଲ' ଉପରୁ ଗୁଇନ୍ଦା ଏଜେନ୍ସି ଗୁଡ଼ିକ ପରଦା ଉଠାଇଛନ୍ତି। ଜୈସର ଆତଙ୍କବାଦୀ ହାୱାଲା ମାଧ୍ୟମରେ ଏହି ଟଙ୍କା ପଠାଇ ଥିବା ଜଣାପଡ଼ିଛି।

- **୧୦ ବର୍ଷ ହେଲା ଜୈସ ସହ ସାହିନ୍‌ର ସଂପର୍କ**
- **ଋଣ ସୁଝିବା ପାଇଁ ଛାଡ଼ିଥିଲା ଚାକିରି**
- **ହୱାଲା ମାଧ୍ୟମରେ ମିଳିଥିଲା ୨୦ ଲକ୍ଷ**

## ଦିଲ୍ଲୀ ବୋମା ବିସ୍ଫୋରଣ

# ସ୍କାନରରେ ୨୦୦ ସନ୍ଦିଗ୍ଧ, ଧରାପଡ଼ିଲେଣି ୬୦

**ଫରିଦାବାଦ, ୧୬।୧୧ (ଏଜେନ୍ସି):** ଦିଲ୍ଲୀ ବିସ୍ଫୋରଣର ତଦନ୍ତ ପରିସର ବଢ଼ିବା ପରେ ବିଚଳିତ କରିବା ଭଳି ଘଟଣା ସାମ୍ନାକୁ ଆସିବାରେ ଲାଗିଛି। ଏବେ ଯାଞ୍ଚ ଏଜେନ୍ସି ଫରିଦାବାଦର ଅଲ-ଫଲାହ ୟୁନିଭର୍ସିଟର ଡ. ମୁଜାମିଲ ଏବଂ ମହିଳା ଡାକ୍ତର ସାହିନର ମୋବାଇଲ କଲ୍ ରେକର୍ଡ ଏବଂ ଡିଜିଟାଲ ଟ୍ରାନ୍ସଫର ପେମେଣ୍ଟକୁ ନେଇ ବିସ୍ମୟକର ତଥ୍ୟ ଆସିଛି। ଏହି ଆତଙ୍କବାଦୀମାନେ ନିଜ ଯୋଜନାରେ ସଫଳତା ପାଇବା ପାଇଁ ସହାୟତା ନାମରେ ଅନେକଙ୍କୁ ଟଙ୍କା ବାଣ୍ଟି ଥିଲେ। ଫରିଦାବାଦର ଧୌଜ, ଫତେହପୁର ତଗା ଗାଁ ଏବଂ ନୁହ ଜିଲ୍ଲା ଏହି ଷଡ଼ଯନ୍ତ୍ରର କେନ୍ଦ୍ର ଥିଲା। ଏହି 'ହ୍ୱାଇଟ-କଲାର ଟେରର ମଡ୍ୟୁଲୋ' ସହ ପ୍ରାୟ ୨୦୦ ଜଣ ସାମିଲ ଥିଲେ। ଏଥିରୁ ପ୍ରାୟ ୬୦ ଜଣଙ୍କୁ ଏନ୍‌ଆଇଏ ଏବଂ ପୁଲିସ ଗିରଫ କଲାଣି। ୪୦ ମୋବାଇଲ ମଧ୍ୟ ଜବତ କରାଯାଇଛି। ଏଥିରୁ ଅନେକ ଫୋନରେ ଥିବା ଏନ୍‌କ୍ରିପଟେଡ ଆପ୍ ସନ୍ଦେହଜନକ ଗୋଷ୍ଠୀରେ ସାମିଲ ରହିଛି। ଅଲଗା ଅଲଗା ଯାଞ୍ଚ ଟିମ୍ ଗଠନ କରି ମାମଲାର ତଦନ୍ତ କରାଯାଉଛି।

- **ସହାୟତା ନାମରେ ଟଙ୍କା ବାଣ୍ଟିଥିଲେ ମୁଜାମିଲ୍, ସାହିନ**
- **ବିସ୍ଫୋରଣ ସ୍ଥଳରୁ ମିଳିଲା ନିଷିଦ୍ଧ ୯ ଏମ୍‌ଏମ୍ କ୍ୟାଟ୍ରିଜ୍**

ଅଲ-ଫଲାହ ବିଶ୍ୱବିଦ୍ୟାଳୟର ୧୭, ୧୩ ଏବଂ ୩୨ ନମ୍ବର ପ୍ରକୋଷ୍ଠରେ ଗୁପ୍ତ ବୈଠକ ହେଉଥିଲା। ଏଠାରୁ ଜବତ ଡାଏରୀରେ ୨୫-୩୦ ନାମ ରହିଛି। ଗତ ୮-୧୨ ତାରିଖ ମଧ୍ୟରେ ହୋଇଥିବା ଯୋଜନାର ନୋଟ୍ ମିଳିଛି। ସୂଚନା ଅନୁଯାୟୀ ଡ. ମୁଜାମିଲ ଅନେକ ଲୋକଙ୍କୁ ଆର୍ଥିକ ସହାୟତା ଦେଇ ଫସାଇ ଥିଲା। ମୌଲବୀଙ୍କ ଜମିରେ କ୍ୟାମ୍ପ ପାଇଁ ୩୫ ହଜାର ଟଙ୍କା ଦିଆଯାଇଥିଲା। ସେହିପରି ବାପାଙ୍କ ଚିକିତ୍ସା ପାଇଁ ୫୦ ହଜାର ଟଙ୍କା ନେଇଥିବା କଶ୍ମୀର ଯୁବକ ପରେ ଆଇଇଡି ଆସେମ୍ବଲିଂରେ ସହାୟତା କରିଥିଲା। ଏହା ବ୍ୟତୀତ ଜଣେ ଏମ୍‌ବିବିଏସ ଛାତ୍ର ଭାଇ ବାହାଘର ପାଇଁ ଲକ୍ଷେ ଟଙ୍କା ନେଇ ଆତଙ୍କର ରାସ୍ତାରେ ଚାଲିଥିଲା।



ଅନ୍ୟପକ୍ଷରେ ରାଜସ୍ଥାନ ସାଞ୍ଚୌରର ମୌଲବୀ ଓସାମା ଉମର ଆତଙ୍କବାଦୀ ସଂଗଠନ ତେହରିକ-ଇ-ତାଲିବାନ (ଟିଟିପି) ପାଇଁ ସ୍ଲିପର ସେଲ୍ ପ୍ରସ୍ତୁତ କରିଥିଲା। ସେ ଯୁବ ଗୋଷ୍ଠୀଙ୍କୁ ଜିହାଦୀ ପ୍ରଶିକ୍ଷଣ ଦେବା ଆରମ୍ଭ କରିଥିଲା। ଏହି ମୌଲବୀକୁ ଗିରଫ କରାଯାଇଛି। ତା ଫୋନରୁ ୩ ଲକ୍ଷରୁ ଅଧିକ ଆପତ୍ତିଜନକ ଭୋଟ ମିଳିଛି। ସେ ଆଫଗାନିସ୍ତାନ ଯାଇ ପ୍ରଶିକ୍ଷଣ ନେବାକୁ ମଧ୍ୟ ପ୍ରସ୍ତୁତ ହେଉଥିଲା। ଏହା ମଧ୍ୟରେ ଦିଲ୍ଲୀ ବିସ୍ଫୋରଣ ସ୍ଥଳରୁ ନାଗରିକଙ୍କ ବ୍ୟବହାର ପାଇଁ ନିଷିଦ୍ଧ ୯ ଏମଏମ ବୁଲେଟ ଜବତ କରାଯାଇଛି। ସେହିପରି ବିସ୍ଫୋରଣ ପୂର୍ବରୁ ଆତଙ୍କବାଦୀ ଡ. ଉମର ନବି ନୁହର ଏକ ଭଡ଼ାଘରେ ରହିଥିଲା। ଏହାର ସିସିଟିଭି ଫୁଟେଜ ସାମ୍ନାକୁ ଆସିଛି। ସେ ବିସ୍ଫୋରଣର ୧୮ ଘଣ୍ଟା ପୂର୍ବରୁ କାର୍ ନେଇ ଏଟିଏମକୁ ଟଙ୍କା ଉଠାଇବାକୁ ଯାଇଥିବା ଦେଖାଯାଉଛି।



ଭାରତ 'ଏ'କୁ ଜିତାଇଲେ ଗାଏକୱାଡ

▸କ୍ରୀଡ଼ା ପୃଷ୍ଠାରେ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in


# ସକାଳ
## THE SAKALA


PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-141 ♦MONDAY ♦17 NOVEMBER 2025 ♦PAGE-12 ♦₹ 6.00

♦ବର୍ଷ-୪୩ ♦ସଂଖ୍ୟା-୧୪୧ ♦ସୋମବାର ♦୧୭ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


**ଲାଲ୍‌କିଲ୍ଲା କାର୍ ବିସ୍ଫୋରଣ**

## ଧରାପଡ଼ିଲା ଉମର୍ ସହଯୋଗୀ

■ **ନୂଆଦିଲ୍ଲୀ,୧୬ ।୧୧(ଏଜେନ୍ସି):** ଦିଲ୍ଲୀ ଲାଲ୍‌କିଲ୍ଲା ବିସ୍ଫୋରଣ ମାମଲାରେ ନ୍ୟାସନାଲ ଇନ୍‌ଭେଷ୍ଟିଗେସନ ଏଜେନ୍ସି (ଏନ୍‌ଆଇଏ) ଆଉ ଜଣେ ସଂଦିଗ୍ଧଙ୍କୁ ଗିରଫ କରିଛି । ବିସ୍ଫୋରଣର ୬ ଦିନ ପରେ ଆତ୍ମଘାତୀ ଆକ୍ରମଣକାରୀ ଉମର ନବୀର ଜଣେ ସହଯୋଗୀ ଆମୀର ରସିଦ ଅଲିକୁ ଗିରଫ କରାଯାଇଛି । ଆମୀର ଜମ୍ମୁ-କଶ୍ମୀରର ପାମ୍ପୋରର ବାସନ୍ଦା । ବିସ୍ଫୋରଣ ପାଇଁ ଉମର ସହ ମିଶି ଆମୀର ଷଡ଼ଯନ୍ତ୍ର କରିଥିଲା । ବିସ୍ଫୋରଣ ପାଇଁ ବ୍ୟବହୃତ ହୋଇଥିବା କାର୍‌ର ମାଲିକ ହେଉଛି ରସିଦ । ବିସ୍ଫୋରଣ ପାଇଁ ସେ ହିଁ କାର କିଣି ଉମରକୁ ଦେଇଥିଲା । ସେ ଫରିଦାବାଦ୍‌ରୁ ଏହି କାର୍ କଣିଥିଲା ବୋଲି ଏନ୍‌ଆଇଏ ତରଫରୁ କୁହାଯାଇଛି । ଅନ୍ୟ ସଂଦିଗ୍ଧଙ୍କୁ ଗିରଫ କରିବା ପାଇଁ ଏନ୍‌ଆଇଏ ଚଢ଼ାଉ ଜାରି ରଖିଛି । ସେହିପରି ପୁଲିସ ନୁହ ସହରରୁ ଆଉ ଦୁଇଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ରିଜୱାନ ଓ ସୋଏବ । ଆତଙ୍କବାଦୀ ମାମଲାରେ ଦୁହେଁ ପାଣ୍ଠି ଯୋଗାଡ଼ କରିଥିବାର ଅଭିଯୋଗ ହୋଇଛି ।



**ଆଉ ଜଣେ ମହିଳା ଡାକ୍ତର ଗିରଫ**

ଏନଆଇଏ ପକ୍ଷରୁ କୁହାଯାଇଛି ଯେ ଦିଲ୍ଲୀ ବିସ୍ଫୋରଣ ଥିଲା ଆତ୍ମଘାତୀ ବିସ୍ଫୋରଣ । ଆଉ ଏକ ଉଲ୍ଲେଖନୀୟ ଘଟଣାକ୍ରମେ ପୁଲିସ୍ ଏହି ମାମଲାରେ ଜମ୍ମୁ-କଶ୍ମୀରର ଅନନ୍ତ ନାଗରେ ଚଢ଼ାଉ କରି ଜଣେ ମହିଳା ଡାକ୍ତରଙ୍କୁ ଗିରଫ କରିଛି । ସେ ହେଉଛନ୍ତି ହରିୟାଣାର ପ୍ରିୟଙ୍କା ଶର୍ମା । ସେ ଅନନ୍ତନାଗର ମଲକନାଗ ଅଞ୍ଚଳରେ ଏକ ଭଡ଼ା ଘରେ ରହୁଥିଲେ । ବିସ୍ଫୋରଣରେ ସେ ଜଡିତ ଥିବା ପୁଲିସ ସନ୍ଦେହ କରୁଛି ।

**ସାରା ରାଜ୍ୟରେ ଶୀତ ଲହରୀ**

## ୫ ଡିଗ୍ରୀକୁ ଖସିଲା ପାରଦ

■ **ଭୁବନେଶ୍ୱର, ୧୬।୧୧ (ସମିସ):** ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳ ଶୀତ ଜାରି ରହିଛି । କ୍ରମାଗତ ଭାବେ ରାଜ୍ୟକୁ ଆସୁଥିବା ଥଣ୍ଡା ଓ ଶୁଷ୍କ ପବନ ତାପମାତ୍ରା ହ୍ରାସରେ ସହାୟକ ହେଉଥିବା ବେଳେ ଥଣ୍ଡା ବଢ଼ି ଚାଲିଛି । ଯାହାଫଳରେ ଚଳିତ ବର୍ଷ ରାଜ୍ୟରେ ପ୍ରଥମ ଥର ପାଇଁ ତାପମାତ୍ରା ୫ ଡିଗ୍ରୀକୁ ଖସିଛି । ଗତ ୨୪ ଘଣ୍ଟାରେ ରାଜ୍ୟର ୧୩ ସହରରେ ତାପମାତ୍ରା ୧୨ ଡିଗ୍ରୀ ତଳେ ରହିଥିବା ବେଳେ ଜି ଉଦୟଗିରିରେ ତାପମାତ୍ରା ୫.୮ ଡିଗ୍ରୀ ରେକର୍ଡ ହୋଇଛି । ଏହା ବ୍ୟତୀତ ଭୁବନେଶ୍ୱର ଓ କଟକରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୫ ଡିଗ୍ରୀ ତଳକୁ ଖସିଯାଇଥିବା ବେଳେ ଏଠାରେ ଶୀତ ଲହରୀ (କୋଲ୍ଡ ୱେଭ୍) ସ୍ଥିତି ସୃଷ୍ଟି ହୋଇଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟାରେ ରାଜ୍ୟରେ ଜି.ଉଦୟଗିରି ରେ ତାପମାତ୍ରା ୫.୮ ଡ଼ିଗ୍ରୀ ରେକର୍ଡ ହେବା ସହ ଏହା ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଛି । ସେହିପରି କଟକରେ ତାପମାତ୍ରା ୧୩.୬ ଡିଗ୍ରୀ ରହିଥିବା ବେଳେ ଏଠାରେ ▸ପୃଷ୍ଠା-୭



**ଦେଶର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଋଣ ୯୪ ଲକ୍ଷ କୋଟି**

# ଋଣ ଚାପରେ ଅର୍ଥନୀତି

■ **ନୂଆଦିଲ୍ଲୀ/ଭୁବନେଶ୍ୱର, ୧୬।୧୧ (ସମିସ):** ନିର୍ବାଚନୀ ପ୍ରତିଶ୍ରୁତି ପୂରଣ ନିମନ୍ତେ ନିଜସ୍ୱ ରାଜସ୍ୱ ଓ ଅଣରାଜସ୍ୱ ବୃଦ୍ଧି ପରିବର୍ତ୍ତେ ଦେଶର ବିଭିନ୍ନ ରାଜ୍ୟ କେବଳ ଋଣ ଉପରେ ଭରସା କରୁଛନ୍ତି । ଯାହା ଫଳରେ ବିଭିନ୍ନ ରାଜ୍ୟ ଉପରେ ଋଣ ପରିମାଣ ବଢ଼ିବଢ଼ି ଚାଲିଛି ଏବଂ ଚଳିତ ବର୍ଷ ଶେଷ ବେଳକୁ ଏହି ପରିମାଣ ୯୯ ଲକ୍ଷ କୋଟି ଅତିକ୍ରମ କରିବ ବୋଲି ଆକଳନ କରାଯାଇଛି । ରିଜର୍ଭ ବ୍ୟାଙ୍କର ଏକ ରିପୋର୍ଟ ଅନୁସାରେ ଅକ୍ଟୋବର ୨୦୨୫ ସୁଦ୍ଧା ଦେଶର ବିଭିନ୍ନ ରାଜ୍ୟଗୁଡ଼ିକ ୯୩.୯୩ କୋଟିରେ ପହଞ୍ଚିଛି ଓ ବିଭିନ୍ନ ରାଜ୍ୟଗୁଡ଼ିକ ଆର୍ଥିକ ବର୍ଷରେ ଦେଶ ଦୁଇଟି ତ୍ରୟମାସିକରେ ପ୍ରାୟ ୫ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଋଣ କରିବାକୁ ପ୍ରସ୍ତାବ ଦେଇଛନ୍ତି ।

**ମାର୍ଚ୍ଚ ଶେଷ ବେଳକୁ ରାଜ୍ୟଗୁଡ଼ିକର ଋଣ ହେବ ୯୯ ଲକ୍ଷ କୋଟି ଟଙ୍କା**

**୧୦ ବର୍ଷରେ ରାଜ୍ୟ ସମୂହର ଋଣ ପରିମାଣ ୪ ଗୁଣା ବଢ଼ିଛି**

**୨୦୦୪ରୁ ୨୦୧୪ ମଧ୍ୟରେ ଋଣ ବଢ଼ିଥିଲା ମାତ୍ର ୩ ଗୁଣା**



ରିପୋର୍ଟ ଅନୁସାରେ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସିକରେ ଦେଶର ୧୬ଟି ରାଜ୍ୟ ସେମାନଙ୍କ ବାର୍ଷିକ ଋଣରେ ୫୮% ବୃଦ୍ଧି କରିଛନ୍ତି । ଯାହାର ପରିମାଣ ପ୍ରାୟ ୧.୩୬ ଲକ୍ଷ କୋଟି ବୋଲି କୁହାଯାଉଛି । ଋଣ ପରିମାଣ ବୃଦ୍ଧି ଯୋଗୁଁ ସମ୍ପୃକ୍ତ ରାଜ୍ୟଗୁଡ଼ିକର ଆର୍ଥିକ ସ୍ଥିତି ଦୁର୍ବଳ ହେବାରେ ଲାଗିଛି ଏବଂ ରାଜ୍ୟବାସୀଙ୍କ ଉପରେ ଋଣ ବୋଝ ପାଲଟି ଯାଇଛି । କେନ୍ଦ୍ର ସରକାର ବିଭିନ୍ନ ରାଜ୍ୟଗୁଡ଼ିକୁ ସୁଧମୁକ୍ତ ଋଣ ବାବଦରେ ୩.୬ ଲକ୍ଷ କୋଟି ଟଙ୍କା ଆବଣ୍ଟନ କରିବା ସତ୍ତ୍ୱେ ନିର୍ବାଚନୀ ପ୍ରତିଶ୍ରୁତି, ମାଗଣା ବଣ୍ଟନ କାର୍ଯ୍ୟକ୍ରମଗୁଡ଼ିକୁ ପ୍ରାଧାନ୍ୟ ଦିଆଯାଉଥିବାରୁ ରାଜ୍ୟଗୁଡ଼ିକୁ ଅଧିକ ଋଣ କରିବାକୁ ପଡୁଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ରାଜସ୍ୱ ସଂଗ୍ରହ (ପ୍ରତ୍ୟକ୍ଷ ଓ ପରୋକ୍ଷ)ରେ ଅଭିବୃଦ୍ଧି ଘଟୁ ନ ଥିବାର ରାଜ୍ୟଗୁଡ଼ିକ ଋଣ ଉପରେ ନିର୍ଭରଶୀଳ ହେଉଛନ୍ତି ବୋଲି କୁହାଯାଉଛି ।

୨୦୦୪ ମସିହାରେ ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଉପରେ ଋଣର ପରିମାଣ ଥିଲା ମାତ୍ର ୮.୮ ଲକ୍ଷ କୋଟି ଟଙ୍କା । ୨୦୧୪ ଜୁନ୍ ମାସ ସୁଦ୍ଧା ଏହା ୨୩.୯୪ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିଲା । ମାତ୍ର ୨୦୨୮ ଅକ୍ଟୋବର ମାସ ସୁଦ୍ଧା ଏହା ୯୪ ଲକ୍ଷ କୋଟିରେ ପହଞ୍ଚିଛି । ଅର୍ଥାତ୍ ୨୦୧୪ରୁ ୨୦୨୫ ମଧ୍ୟରେ ରାଜ୍ୟଗୁଡ଼ିକ ୭୦ ଲକ୍ଷ କୋଟି ଟଙ୍କା ଋଣ କରିଛନ୍ତି ।

ରାଜ୍ୟଗୁଡ଼ିକର ଜିଏସ୍‌ଡିପି ଓ ଋଣ ଅନୁପାତ ଦୃଷ୍ଟିରୁ ଅରୁଣାଚଳ ପ୍ରଦେଶ, ପଞ୍ଜାବ, ହିମାଚଳ ପ୍ରଦେଶ, ନାଗାଲାଣ୍ଡ ଓ ମେଘାଳୟ ସବୁଠାରୁ ଖରାପ ▸ପୃଷ୍ଠା-୭

# ଛିଡ୍ଡୁନି ବିହାର ଅଡୁଆ

## ବିଳମ୍ବିତ ହୋଇପାରେ ନୂଆ ସରକାର ଗଠନ

■ **ପାଟନା, ୧୬।୧୧ (ଏଜେନ୍ସି):** ବିହାରରେ ନୂଆ ସରକାର କେବେ ଶପଥ ନେବ? ଏସଂପର୍କରେ ବିଜେପି କିମ୍ବା ଜେଡିୟୁ ମୁହଁ ଖୋଲୁ ନାହାନ୍ତି । ତେବେ ଏନ୍‌ଡିଏର ଅନ୍ୟତମ ଅଂଶୀଦାର ଏଲଜେପିର ନେତା ତଥା କେନ୍ଦ୍ର ମନ୍ତ୍ରୀ ଚିରାଗ ପାଶ୍ୱାନ କହିଛନ୍ତି ଯେ ଆସନ୍ତା ୨୨ ତାରିଖ ପୂର୍ବରୁ ନୂଆ ମନ୍ତ୍ରିମଣ୍ଡଳ ଶପଥ ନେବ ଏବଂ ଯାହା ଜଣାପଡୁଛି ନୀତୀଶ କୁମାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ । ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ନେଇ ଆଜି ମଧ୍ୟ ସସପେନ୍ସ ରହିଥିଲେ ମଧ୍ୟ ଦୁଇ ଦଳର ନେତା କିଛି କହୁ ନାହାନ୍ତି । ଆଜି ସନ୍ଧ୍ୟାରେ ବିଜେପିର ବରିଷ୍ଠ ନେତା ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇ ଏହା ଉପରେ ବିଚାରବିମର୍ଶ କରାଯାଇଛି । କିନ୍ତୁ କିଛି ସୂଚନା ଦିଆଯାଇ ନାହିଁ ।



**ଦିଲ୍ଲୀରେ ଏନ୍‌ଡିଏ ନେତାଙ୍କ ଘନଘନ ବୈଠକ**

**୨୦ ତାରିଖ ସୁଦ୍ଧା ନୂଆ ମନ୍ତ୍ରିମଣ୍ଡଳ ଶପଥ**

**ଆଜି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବେ ନୀତୀଶ**

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବର୍ତ୍ତମାନ ପାଇଁ ନୀତୀଶ କୁମାର ମୁଖ୍ୟମନ୍ତ୍ରୀ ପଦରେ ରହିବେ । ତେବେ ସେ କେତେ ଦିନ ରହିବେ, ସେଥିପାଇଁ ଫର୍ମୁଲା ପ୍ରସ୍ତୁତ କରାଯାଉଛି । ନିର୍ବାଚନରେ ଜେଡିୟୁ ଅପେକ୍ଷା ବିଜେପି ଅଧିକ ଆସନ ପାଇଥିବାରୁ ପରବର୍ତ୍ତୀ ସମୟରେ ଏହାର ନେତାଙ୍କୁ ମୁଖ୍ୟମନ୍ତ୍ରୀ କରାଯିବ । ଏବେ ଯେଉଁ ନୂଆ ମନ୍ତ୍ରିମଣ୍ଡଳ ଶପଥ ଗ୍ରହଣ କରିବ, ସେଥିରେ ଜେଡିୟୁ ଅପେକ୍ଷା ବିଜେପିର ଅଧିକ ବିଧାୟକଙ୍କୁ ମନ୍ତ୍ରିପଦ ମିଳିବ । ଏହା ଉପରେ ଅଧିକ ବିଚାରବିମର୍ଶ ଚାଲିଥିବାରୁ ଶପଥ ଗ୍ରହଣରେ ବିଳମ୍ବ ହୋଇପାରେ ବୋଲି କୁହାଯାଉଛି । ତେବେ ନୀତୀଶ କୁମାର ଆସନ୍ତାକାଲି ରାଜ୍ୟପାଳଙ୍କୁ ଭେଟି ଇସ୍ତଫା ପ୍ରଦାନ କରିବେ । ଏବେ ମୋଟ୍ ୩୩ରୁ ୩୬ ମନ୍ତ୍ରୀ ଶପଥ ଗ୍ରହଣ କରିବେ । ବିଜେପିରୁ ୧୬ ଏବଂ ନୀତୀଶଙ୍କ ଜେଡିୟୁରୁ ୧୪ ଜଣ ମନ୍ତ୍ରୀ ହେବେ । ଚିରାଗ ପାଶ୍ୱାନଙ୍କ ଦଳରୁ ଦୁଇ ଜଣଙ୍କୁ ମନ୍ତ୍ରିପଦ ମିଳିବାର ସମ୍ଭାବନା ରହିଛି । ନୂଆ ମନ୍ତ୍ରିମଣ୍ଡଳରେ ତିନି ଜଣଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯିବାର ସମ୍ଭାବନା ରହିଛି । ପାଶ୍ୱାନ ତାଙ୍କ ଦଳରୁ ଜଣଙ୍କୁ ଉପମୁଖ୍ୟମନ୍ତ୍ରୀ ▸ପୃଷ୍ଠା-୭

**ଡିସେମ୍ବର ୧ରୁ ପୁଲିସକୁ ଗାଡ଼ି ଚେକିଂ ପାଇଁ ଅଖଣ୍ଡ କ୍ଷମତା**

## ସରକାର-ସଂଘ ମୁହାଁମୁହିଁ

■ **ଭୁବନେଶ୍ୱର,୧୬ ।୧୧(ସମିସ):** ବହୁ ବାଦ ବିବାଦ ଓ ଆନ୍ଦୋଳନ ଚେତାବନୀ ପରେ ମଧ୍ୟ ସରକାର ନିଜ ନିଷ୍ପତ୍ତିରେ ଅଟଳ । ଡିସେମ୍ବର ୧ ତାରିଖରୁ ପୁଲିସକୁ ମିଳିବ ଗାଡ଼ି ଯାଞ୍ଚର ଅଖଣ୍ଡ କ୍ଷମତା । ଏହି କ୍ଷମତା ବଳରେ ପୁଲିସ ବାହିନୀ ପୂର୍ବାପେକ୍ଷା କ୍ଷମତାଶାଳୀ ଓ ଅର୍ଥଶାଳୀ ହେବ । ତେବେ ପୁଲିସକୁ ଗାଡ଼ି ଯାଞ୍ଚ କ୍ଷମତାକୁ ବିରୋଧ କରି ଆସିଥିବା ବସ୍‌ମାଲିକ ଓ ଅନ୍ୟ ଗାଡ଼ି ମାଲିକ ସଂଘ ଖୁବ୍ ଶୀଘ୍ର ଜରୁରୀ ବୈଠକ ଡାକିବେ ବୋଲି ସୂଚନା ମିଳିଛି । ସରକାର ତାଙ୍କ ଆଭିମୁଖ୍ୟ ପରିବର୍ତ୍ତନ ନ କଲେ ଗାଡ଼ି ମାଲିକମାନେ ମଧ୍ୟ ବିକଳ୍ପ ବାଛିପାରନ୍ତି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି । ଯାହାକୁ ନେଇ ସରକାର ଓ ଗାଡ଼ି ମାଲିକ ସଂଘ ମୁହାଁମୁହିଁ ସ୍ଥିତିକୁ ଆସିଛନ୍ତି ।

**ବସ୍ ମାଲିକ ସଂଘର ଆନ୍ଦୋଳନ ଚେତାବନୀ ସତ୍ତ୍ୱେ ପଛକୁ ହଟିଲାନି ବିଭାଗ**

**ଦୁଇଟି ବ୍ୟତୀତ ସବୁ ଉଲ୍ଲଂଘନ ପାଇଁ ଜରିମାନା କରିବ ପୁଲିସ**

ରାଜ୍ୟରେ ବର୍ତ୍ତମାନ ଏମଭି ଆଇନ ୧୯୮୮ ଅନୁଯାୟୀ ପୁଲିସକୁ କିଛି କ୍ଷମତା ପ୍ରଦାନ କରାଯାଇଛି । ଏହି କ୍ଷମତା ବଳରେ ପୁଲିସ ପକ୍ଷରୁ ହେଲ୍‌ମେଟ୍ ଓ ରଙ୍ଗସାଇଡ୍ ଗାଡ଼ି ଚାଳନା, ଟ୍ରିପଲ ରାଇଡର ଓ ସିଟ୍ ବେଲ୍ଟ ନ ବାନ୍ଧିବା ଭଳି ନିୟମ ଉଲ୍ଲଘଂନ ପାଇଁ ଜରିମାନା ଆଦାୟ କରୁଛି । ମାତ୍ର ଡିସେମ୍ବର ୧ ପୁଲିସକୁ ଏ କ୍ଷେତ୍ରରେ ଅଖଣ୍ଡ କ୍ଷମତା ଦେବା ପାଇଁ ପରିବହନ ବିଭାଗ ନିଷ୍ପତ୍ତି ନେଇଛି । ଅନୁଯାୟୀ ଏମ୍‌ଭି ଆଇନ୍‌ର ଧାରା-୩ର ଉପଧାରା-୧ ଓ କେନ୍ଦ୍ରୀୟ ଏମ୍‌ଭି ଆଇନ୍ ୧୯୪(୧)ରେ ଥିବା କ୍ଷମତାକୁ ବାଦ୍ ଦେଇ ବାକି ସବୁ କ୍ଷେତ୍ରରେ ପୁଲିସକୁ ଜରିମାନା ଆଦାୟ କ୍ଷମତା ଦିଆଯିବାକୁ ନିଷ୍ପତ୍ତି ହୋଇଛି ।

ଯଦିଓ ରାଜ୍ୟରେ ଦୁର୍ଘଟଣା ହ୍ରାସକୁ ଅଚଳନ କରି ବିଭାଗ ଏଭଳି ନିଷ୍ପତ୍ତି ନେବା ପାଇଁ ଯୋଜନା କରୁଛି, ହେଲେ ବିଭାଗର ଏଭଳି ନିଷ୍ପତ୍ତି ପଛରେ କିଛି ଷଡ଼ଯନ୍ତ୍ର ଥିବା ସଡ଼କ ସୁରକ୍ଷା ବିଶେଷଜ୍ଞମାନେ ଗନ୍ଧବାରିଛନ୍ତି । ବରିଷ୍ଠ ଆଇନଜୀବୀ ତଥା ସଡ଼କ ସୁରକ୍ଷା ବିଶେଷଜ୍ଞ ସୁବ୍ରତ ନନ୍ଦ କହିଛନ୍ତି ଯେ ଗୋଟିଏ ଏହାଦ୍ୱାରା ଲୋକଙ୍କ ମୌଳିକ ଅଧିକାର କ୍ଷୁଣ୍ଣ ହେବାର ଆଶଙ୍କା ରହିଛି । ଯାହାକୁ ନେଇ ପୂର୍ବରୁ ମାସାନୀ କମିସନ ଆପତ୍ତି ଉଠାଇବା ସହ ଏଭଳି ନିୟମ କାର୍ଯ୍ୟକାରୀ ନ କରିବାକୁ ସୁପାରିସ୍ କରିଛନ୍ତି । ଅନ୍ୟପଟେ ବର୍ତ୍ତମାନ ପୁଲିସ ନିଜ କ୍ଷମତା ବଳରେ ଯେଉଁ ଜରିମାନା ଅର୍ଥ ଆଦାୟ କରୁଛି, ଏହି ଅର୍ଥକୁ ମାସ ମାସ ଧରି କୋର୍ଟକୁ ପଠାଉନାହିଁ । ମାତ୍ର ପୁଣି ଯେଉଁ ଦଫାଗୁଡ଼ିକରେ ପୁଲିସ କ୍ଷମତା ଦେବାକୁ ଯୋଜନା ହେଉଛି, ସେହି ଦଫାରେ ଜରିମାନାର ପରିମାଣ ବହୁ ଅଧିକ ରହିଥିବାରୁ ଦୁର୍ନୀତି ବଢ଼ିବାର ଆଶଙ୍କା ରହିଛି ବୋଲି ସେ କହିଛନ୍ତି ।

ପୁଲିସକୁ ଗାଡ଼ି ଯାଞ୍ଚ କ୍ଷମତା ପ୍ରଦାନ କରିବା ଲାଗି ପରିବହନ କମିସନର ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବା ପରେ ନିଖିଳ ଓଡିଶା ମିନି ଟ୍ରକ ମାଲିକ ମହାସଂଘ ଓ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା । ରାଜ୍ୟର ଏହି ଦୁଇ ପ୍ରମୁଖ ସଂଘ ଏ ସଂକ୍ରାନ୍ତରେ ନିଷ୍ପତ୍ତିର ପୁନର୍ବିଚାର ପାଇଁ ସରକାରଙ୍କୁ ନିବେଦନ କରିଥିବା ବେଳେ ଏହି ନିୟମ ଲାଗୁ ହେଲେ ରାଜ୍ୟରେ ଚକ ଅଖ ବନ୍ଦ କରିଦିଆଯିବ ବୋଲି ଚେତାବନୀ ଦେଇଥିଲେ । ହେଲେ ସରକାର ସଂଘମାନଙ୍କ ଚେତାବନୀକୁ ଭ୍ରୁକ୍ଷେପ ନ କରି ଏହି ନିଷ୍ପତ୍ତି ନେବାକୁ ଯୋଜନା କରୁଥିବା ଜଣାପଡ଼ିଛି ।

ଅତୀତରେ ପୁଲିସ ବିଭାଗକୁ ଗାଡି ଯାଞ୍ଚ କ୍ଷମତା ଦେବା ଲାଗି ବହୁବାର ପ୍ରୟାସ କରାଯାଇଥିଲା । ହେଲେ ପରବର୍ତ୍ତୀ ସମୟରେ ତାହା ବିଫଳ ହେଇଥିଲା । ବିଗତ ବର୍ଷରେ ଏ ସମ୍ପର୍କିତ ପ୍ରସ୍ତାବକୁ ଖୋଦ୍ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ କମିଟିଗୁଡିକ ଦ୍ୱାରା ନାପସନ୍ଦ କରାଯାଇଥିଲା । ରାଜ୍ୟରେ ଚଳାଚଳ କରୁଥିବା ମୋଟରଯାନ ଯାଞ୍ଚ ପାଇଁ ପୂର୍ବ ସରକାର "ଓଡ଼ିଶା ମୋଟରଯାନ ପ୍ରବର୍ତ୍ତନ ବିଭାଗ' ନାମରେ ଏକ ପୃଥକ ଶାଖା ସୃଷ୍ଟି କରିଥିଲେ । ଯଦି ପୁଲିସକୁ ଅଧିକ କ୍ଷମତା ନ୍ୟସ୍ତ କରାଯାଏ, ତେବେ ଏହା ହଇରାଣ, ଦୁର୍ନୀତି ବଢ଼ିବ ବୋଲି ଆଶଙ୍କା ପ୍ରକାଶ ପାଇଛି ।

**ପୁଲିସ ଏସ୍‌ଆଇ ନିଯୁକ୍ତି କେଲେଙ୍କାରୀ ମାମଲା**

## ଆଜି ବ୍ରହ୍ମପୁର ଆସିବ ସିବିଆଇ !

■ **ବ୍ରହ୍ମପୁର, ୧୬।୧୧ (ସମିସ):** ପୁଲିସ ଏସ୍‌ଆଇ ନିଯୁକ୍ତି କେଲେଙ୍କାରୀ ମାମଲାରେ ସିବିଆଇ ଟିମ୍‌ର ତଦନ୍ତ ଆଗେଇଛି । ସୋମବାର ସିବିଆଇର ଏକ ତଦନ୍ତକାରୀ ଦଳ ବ୍ରହ୍ମପୁର ଆସିବ ବୋଲି ସୂଚନା ମିଳିଛି । ଏଠାରେ ପହଞ୍ଚିବା ପରେ ପୂର୍ବରୁ ମାମଲାର ତଦନ୍ତ କରୁଥିବା ପୁଲିସ ଅଧିକାରୀଙ୍କ ସହ ଆଲୋଚନା କରିବେ । ଦୁର୍ନୀତିରେ ସମ୍ପୃକ୍ତ ଦଲାଲମାନଙ୍କ ରିମାଣ୍ଡ ପାଇଁ ଅଦାଲତରେ ଆବେଦନ କରିବେ ବୋଲି ଜଣାପଡ଼ିଛି । ତଦନ୍ତକାରୀ ଦଳ ଗତ ଶନିବାର ଦିନତମାମ ମାମଲା ସଂକ୍ରାନ୍ତୀୟ କାଗଜପତ୍ର ଯାଞ୍ଚ କରିଥିଲେ । ଆଗାମୀ ଦିନରେ କେଉଁମାନଙ୍କୁ ଜେରା ପାଇଁ ଡକାଯିବ, ତାହାର ଏକ ତାଲିକା ପ୍ରସ୍ତୁତ କରିଥିଲେ । ୭ଜଣ ଦଲାଲଙ୍କୁ ଜେରା କରିବାକୁ ସିବିଆଇ ପୂର୍ବରୁ ଯୋଜନା ରଖିଥିଲା । ବର୍ତ୍ତମାନ ମାମଲାର ତଦନ୍ତ ପ୍ରାରମ୍ଭରୁ କରିବାକୁ ନିଷ୍ପତ୍ତି ନେଇଛି ସିବିଆଇ । କିଛି ଗିରଫ ଚାକିରି ଆଶାୟୀମାନଙ୍କୁ ମଧ୍ୟ ପଚରାଉଚରା କରିବାକୁ ପାଇଁ ଯୋଜନା କରିଛି । ଆଶାୟୀମାନେ ସିଧାସଳଖ କାହାକୁ ଲାଞ୍ଚ ଟଙ୍କା ଦେଇଥିଲେ? କେଉଁ ଦଲାଲ ସହ ସେମାନେ ଡିଲ୍ କରିଥିଲେ? ଏସବୁର ସ୍ପଷ୍ଟ ତଥ୍ୟ ଆଶାୟୀଙ୍କଠାରୁ ସିବିଆଇ ଓଗାଳିବ ବୋଲି ଜଣାଯାଇଛି ।

ସିବିଆଇ ଟିମ୍ ବ୍ରହ୍ମପୁରରେ ପହଞ୍ଚିବା ପରେ ମାମଲାର ଅଭିଯୋଗକାରୀ ଥିବା ଡିଏସ୍‌ପିଙ୍କ ସହ ଆଲୋଚନା କରିବେ । ଆଶାୟୀମାନେ ଯାଉଥିବା ବସ୍‌କୁ ପିଛା କରି ଆନ୍ଧ୍ରପ୍ରଦେଶ ଯାଇଥିବା ପୁଲିସ ଅଧିକାରୀମାନଙ୍କୁ ମଧ୍ୟ ପଚରାଉଚରା କରିପାରେ । ଏହାପରେ ସିଲିକନ୍ ଟେକ୍ ଲ୍ୟାବ୍ ସଂସ୍ଥାର ସିଇଓ ସୁରେଶ ନାୟକ ଓ ପଞ୍ଚସଫ୍ଟ ଟେକ୍ନୋଲୋଜି/ଫ୍ରଣ୍ଟଟେକ୍‌ର ନିର୍ଦ୍ଦେଶକ ତଥା ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଓ ଅନ୍ୟତମ କାର୍ପଟଦାର ମୁନା ମହାନ୍ତି ସହ ମୋଟ ୭ ଜଣଙ୍କୁ ରିମାଣ୍ଡରେ ନେବାକୁ ସିବିଆଇ କୋର୍ଟରେ ଆବେଦନ କରିବ ବୋଲି ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି ।

## ଭତ୍ତା ଟଙ୍କା ପାଇଁ ବାପାକୁ ମାରିଦେଲା

■ **କବିସୂର୍ଯ୍ୟନଗର, ୧୬ ।୧୧(ସମିସ):** ଭତ୍ତା ଟଙ୍କା ପାଇଁ ବାପାକୁ ପିଟିପିଟି ମାରିଦେଲା ପୁଅ । ଏଭଳି ଏକ ଅଭାବନୀୟ ଘଟଣା ଘଟିଛି କବିସୂର୍ଯ୍ୟନଗର ଥାନା ଏ-ବରିଡ଼ା ଗୋପାଳ ନଗରରେ । ମୃତକ ହେଲେ, ପଦ୍ମନାଭ ସାହୁ (୮୫) । ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଏହି ଘଟଣାରେ ପୁଲିସ ପଦ୍ମଙ୍କ ପୁଅ ରମେଶ ସାହୁ (୪୦)କୁ ଗିରଫ କରି କୋର୍ଟଚାଲାଣ କରିଛି ।

ସୂଚନାନୁଯାୟୀ, ପଦ୍ମନାଭଙ୍କ ମଝିଆ ପୁଅ ରମେଶ ପ୍ରତିଦିନ ମଦ ପିଇବାକୁ ବାପା-ମା'ଙ୍କୁ ଟଙ୍କା ମାଗିବା ସହ ମାରଧର କରୁଥିଲା । ଶନିବାର ପଦ୍ମନାଭ ବାର୍ଦ୍ଧକ୍ୟ ଭତ୍ତା ପାଇଥିବା ଜାଣି ରମେଶ ତାଙ୍କୁ ମଦ ପିଇବାକୁ ଟଙ୍କା ମାଗିଥିଲା । କିନ୍ତୁ ସେ ଟଙ୍କା ଦେବାକୁ ମନା କରିବାରୁ ବାପ-ପୁଅଙ୍କ ମଧ୍ୟରେ ବଚସା ▸ପୃଷ୍ଠା-୭

**ଚୌଦ୍ୱାର ଜେଲ୍‌ରୁ ୨ ବିହାରୀ କଏଦୀ ଚମ୍ପଟ ଘଟଣା**

# ଧରାପଡ଼ି ନାହାନ୍ତି ଜେଲ୍ ଡିଆଁ; ୱାର୍ଡରଙ୍କୁ ପୁନଃ ନିଯୁକ୍ତି

■ **ଭୁବନେଶ୍ୱର,୧୫।୧୧(ସମିସ):** ଚୌଦ୍ୱାର ଜେଲ୍‌ରୁ କଏଦୀ ଚମ୍ପଟ ଘଟଣାରେ ସାମ୍ନାକୁ ଆସିଲା ଜେଲ୍ ବିଭାଗର ମିଲି ଭଗତ କାରନାମା । ଜେଲ୍ ଡିଆଁ ହାର୍ଡକୋର୍ ବିହାରୀ କଏଦୀଙ୍କୁ ଗିରଫ କରି ଜେଲ୍‌କୁ ଆଣିବାରେ ପୁଲିସ ଏଯାଏଁ ସଫଳ ହୋଇପାରିନାହିଁ । ହେଲେ ଏହି ଘଟଣାରେ ନିଲମ୍ବିତ ଜେଲ୍ ୱାର୍ଡର କିନ୍ତୁ ଜେଲ୍‌କୁ ଫେରି ଆସିଲେଣି । ନିଲମ୍ବିତ ଜେଲ୍ ୱାର୍ଡର ଭଗତ ଚରଣ ରାମ୍‌ଙ୍କୁ କେନ୍ଦ୍ରାପଡ଼ା ସବ୍‌ଜେଲ୍‌ରେ ୱାର୍ଡର ଭାବେ ନିଯୁକ୍ତି ଦିଆଯାଇଛି । ନିଲମ୍ବନର ମାତ୍ର ୧୫ ଦିନ ମଧ୍ୟରେ ତାଙ୍କୁ ମିଳିଗଲା ପୁନଃନିଯୁକ୍ତି । ତାହା ପୁଣି ଏଭଳି ଏକ ଜେଲ୍‌ରେ ଯେଉଁଠି ତାଙ୍କ ବିରୋଧରେ କେଲେଙ୍କାରୀ ଅଭିଯୋଗ ଆସିଥିଲା । ଏଭଳି ଥଇଥାନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ଯାଜପୁର ଜିଲ୍ଲାର ପାଣିକୋଇଲି ସୁନା ଦୋକାନୀ ହତ୍ୟା ମାମଲାରେ ଗିରଫ ହୋଇ ବିଚାରାଧୀନ କଏଦୀ ଭାବେ ଦୁଇ ବିହାରୀ ଅଭିଯୁକ୍ତ ରାଜା ସାହାଣୀ ଏବଂ ମଧୁକାନ୍ତ କୁମାର ଚୌଦ୍ୱାର ଜେଲ୍‌ରେ ଥିଲେ । ଏହା ରାଜ୍ୟର ସବୁଠାରୁ ହାଇ ସିକ୍ୟୁରିଟି ଜେଲ୍ ହୋଇଥିଲେ ମଧ୍ୟ ଦୁଇ କଏଦୀ ଜେଲ୍ ପାଚେରି ଡେଇଁ ଚମ୍ପଟ ମାରିଥିଲେ । ଜେଲ୍‌ର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବା ପରେ ବିଭାଗୀୟ ମୁଖ୍ୟ ୱାର୍ଡର ଭଗତ ଚରଣ ରାମ୍‌ଙ୍କ ସମେତ ଅନ୍ୟ ଜଣେ ଜେଲ୍ କର୍ମଚାରୀ ଡ୍ୟୁଟି ୱାର୍ଡର ସିଦ୍ଧାନ୍ତ ସାହୁଙ୍କୁ ଗତ ଅକ୍ଟୋବର ୩ ତାରିଖରେ ନିଲମ୍ବନ କରିଥିଲେ । ତେବେ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ପୁନଃ ଅବସ୍ଥାପିତ ହୋଇଥିବା ଚିଫ୍ ୱାର୍ଡର ଭଗତ ପୂର୍ବରୁ ସାଲେପୁର ଓ କେନ୍ଦ୍ରାପଡ଼ା ଜେଲ୍‌ରେ ଥିବାବେଳେ ତାଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଆସିଥିଲା । ଚୌଦ୍ୱାର ଜେଲ୍‌ରେ ଥିବାବେଳେ ଶ୍ରୀ ରାମ କେନ୍ଦ୍ରାପଡ଼ା ଜେଲ୍‌କୁ ଯିବା ପାଇଁ ଆଗ୍ରହ ପ୍ରକାଶ କରି ଅଧିକାରୀଙ୍କ ନିକଟରେ ଆବେଦନ କରିଥିଲେ । ଆବେଦନ ଆଧାରରେ ଚୌଦ୍ୱାରା ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜେଲ୍ ଅଧିକାରୀଙ୍କ ମତାମତ ଲୋଡ଼ିଥିଲେ । କିନ୍ତୁ ପୂର୍ବରୁ କେନ୍ଦ୍ରାପଡ଼ା ଜେଲ୍‌ରେ ଥିବା ସମୟରେ ଶ୍ରୀ ରାମ ଏକାଧିକ କେଲେଙ୍କାରୀରେ ସମ୍ପୃକ୍ତ ଥିବା ଦର୍ଶାଇ ଜେଲ୍ ଅଧୀକ୍ଷକ ତାଙ୍କୁ ଏଠାରେ ପୁନଃ ନିଯୁକ୍ତି ▸ପୃଷ୍ଠା-୭

**ମାତ୍ର ୧୫ ଦିନରେ ହଟିଲା ନିଲମ୍ବନ**

**ଯେଉଁଠି କରିଥିଲେ କେଲେଙ୍କାରୀ; ସେଇଠି ପୁଣି ହେଲେ ଥଇଥାନ**



● ଅଧିକାରୀ ବିହୀନ କଣାସ ଥାନା

## ବିଗୁଡୁଛି ଆଇନଶୃଙ୍ଖଳା, ବଢୁଛି ଆପରାଧିକ କାର୍ଯ୍ୟକଳାପ

କଣାସ,୧୬।୧୧(ସମିସ): ପୁରୀ ଜିଲ୍ଲାର କଣାସ ଥାନା ଏକ ଉତେଜନାପ୍ରବଣ ଅଞ୍ଚଳ ଭାବେ ପୁଲିସ ରେକର୍ଡରେ ସ୍ଥାନିତ ହୋଇଥିବାବେଳେ ଥାନାରେ ଆବଶ୍ୟକ ପରିମାଣର କର୍ମଚାରୀ ଓ ଅଧିକାରୀ ନ ଥିବାରୁ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡୁଛି। ଏଥିସହ ଦିନକୁ ଦିନ ଚୋରି, ଡକାୟତି, ରାହାଜାନୀ ଆଦି ଅପରାଧିକ କାର୍ଯ୍ୟକଳାପ ବୃଦ୍ଧିପାଇବାରେ ଲାଗିଛି। କଣାସ ଥାନାରେ ଜଣେ ଆଇଆଇସି ଥିବାବେଳେ ତିନିଜଣ ଏସ୍ଆଇ ରହିବାର ନିୟମ ଥିବା ବେଳେ ମାତ୍ର ଜଣେ ଏସ୍ଆଇ ନିଯୁକ୍ତି ପାଇଛନ୍ତି। ଜଣେ ଏସ୍ଆଇ ଅସୁସ୍ଥତା ହେତୁ ଛୁଟିରେ ରହିଥିବା ବେଳେ ୫ଜଣ ଏଏସ୍ଆଇ ରହିବାର କଥା। କିନ୍ତୁ ତିନିଜଣ ନିଯୁକ୍ତି ପାଇଥିବା ବେଳେ ଜଣେ ଏଏସ୍ଆଇ ଛୁଟିରେ ରହିଛନ୍ତି। ଦୁଇଟି ଏଏସ୍ଆଇ ପଦବୀ ଦୀର୍ଘ ଦିନ ହେଲା ଖାଲିପଡ଼ିଛି। ଦିନକୁ ଦିନ ଚୋରି ବୃଦ୍ଧି ପାଉଥିବା ବେଳେ ଗାଁ ଗହଳିରେ ଅରାଜକତା ସୃଷ୍ଟି ହେଉଛି। ଗତକାଲି ଅଣ୍ଡାଳସିଂହ ଗ୍ରାମରେ ଘର ଦୁଆର ମୁହଁରେ ରଖାଯାଇଥିବା ଏକ ମୋଟରସାଇକଲ୍କୁ କୌଣସି ଦୁର୍ବୃତ୍ତ ଚୋରି କରି ନେଇଯାଇଥିବା ଅଭିଯୋଗ ଗତକାଲି କଣାସ ଥାନାରେ ହୋଇଥିବା ବେଳେ ଆଜି ବଳଜିତ୍ପୁର ଗ୍ରାମର ବିକ୍ରମ ମହାରଣାଙ୍କ ଘର ପଛପଟ ଝରକା ଭାଙ୍ଗି କେହି ଗଡ୍ରେଜ୍ ଭିତରେ ରହିଥିବା ଦୁଇଟି ସୁନା ଚେନ୍, ମଙ୍ଗଳସୂତ୍ର, ଚାରୋଟି ମୁଦି, ପେଣ୍ଡିଫୁଲ, ୫ଟି ସୁନା ଲକେଟ୍, ଗୋଟିଏ ରୁପା ବ୍ରେସ୍ଲେଟ୍, ଦୁଇଟି ରୁପା ଚେନ୍ ଓ ନଗଦ ୨୫ହଜାର ଟଙ୍କା ନେଇଯାଇଥିବା ବିକ୍ରମ ମହାରଣା ଆଜି କଣାସ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୁଲିସ୍ ପକ୍ଷରୁ ତଦନ୍ତ ଚାଲିଛି।

● ମହିଳାଙ୍କୁ ମାଡ଼ ମାରିବା ଘଟଣା

## ୪ଜଣଙ୍କ ନାମରେ ମାମଲା ରୁଜୁ

ନୟାହାଟ,୧୬।୧୧(ସମିସ): ଜଣେ ଯୁବତୀଙ୍କ ଗତକାଲି ଗାଁ ଦାଣ୍ଡରେ ସଙ୍ଘବଦ୍ଧ ହୋଇ ଆକ୍ରମଣ କରିବା ଘଟଣାରେ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଚାରିଜଣଙ୍କ ନାମରେ ମକଦ୍ଦମା ରୁଜୁ କରିଛନ୍ତି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ସୋରୋବା ପଞ୍ଚାୟତର ଗୋଡ଼ିଡିହ ଗ୍ରାମର ଝୁମି ବେହେରା ନାମଙ୍କ ଜଣେ ମହିଳାଙ୍କୁ ପାରିବାରିକ ଓ ଜମିଜମା ସମସ୍ୟାକୁ ନେଇ ଗାଁ ଦାଣ୍ଡରେ ମହିଳାଙ୍କୁ ଆକ୍ରମଣ କରିବା ନୟାହାଟ ଫାଣ୍ଡିରେ ଅଭିଯୋଗ କରାଯାଇଥିଲା। ରବିବାର ଦିନ ଫାଣ୍ଡି ଅଧିକାରୀ ଶ୍ରୀ ମଲ୍ଲିକ ଗୋଡିଡିହ ଗ୍ରାମକୁ ଯାଇ ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତ ପବିତ୍ର ବେହେରା, ସଚ୍ଚି ବେହେରା, ବଇଁଶୀ ବେହେରା, ସଚିତ୍ର ବେହେରାଙ୍କ ନାମରେ ଗୋପ ଥାନା କେସ ନମ୍ବର ୩୮୮/୨୫ ରେ ଏକ ମାମଲା ରୁଜୁ କରିଥିଲେ।

## ପୂର୍ବ ଶତ୍ରୁତାରୁ ଆକ୍ରମଣ; ଜଣେ ଆହତ



ବଲଙ୍ଗା,୧୬।୧୧(ସମିସ): ବଲଙ୍ଗା ଥାନା ମୈଛୁବେଗ ଗ୍ରାମର ଭୋଳାନାଥ ମଲ୍ଲିକଙ୍କୁ ସେହି ଗ୍ରାମର ୩ ଜଣ ଲୋକ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ ଭୋଳାନାଥ ଆଜି ସକାଳେ କାମକୁ ଯିବାପାଇଁ ବଡ଼ବାପା ଶଙ୍କର ମଲ୍ଲିକଙ୍କ ମୋଟର ସାଇକଲ ନେଇ ଯାଇଥିଲେ। କାମ ସାରି ବଡ଼ବାପାଙ୍କ ଦୁଆରେ ଗାଡ଼ିକୁ ରଖି ଫେରୁଥିବା ସମୟରେ ପୂର୍ବରୁ ରାଗ ରଖିଥିବା ଗାଁର ଆଦିତ୍ୟ ମଲ୍ଲିକ, ଟିକୁଲା ମଲ୍ଲିକ, ବିଚିତ୍ର ମଲ୍ଲିକ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ତୁ କାହିଁକି ଆମ ବୋଉ ଓ ଭାଉଜଙ୍କୁ ବାଡେଇଲୁ, ତତେ ଆଜି ଜୀବନରେ ମାରିଦେବୁ କହି ହାତରେ ଧରିଥିବା ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ ବୋଲି ଭୋଳାନାଥ କହିଛନ୍ତି। ଏପରିକି ତାଙ୍କୁ ତଳେ ପକାଇ ମାଡ଼ ମାରିଥିଲେ ବୋଲି ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ବଲଙ୍ଗା ଥାନା ଅଧିକାରୀ ଘଟଣାର ତଦନ୍ତ ଜାରି ରଖିଛନ୍ତି।

### ଦଳିତ ଆଦିବାସୀ ସଂଘର୍ଷ ମୋର୍ଚ୍ଚାର ଜିଲ୍ଲାସ୍ତରୀୟ ସମ୍ମିଳନୀ

# ଜାତିଭିତ୍ତିକ ଜନଗଣନା ଓ ଭୂମିହୀନଙ୍କୁ ପଟ୍ଟା ପ୍ରଦାନ ଦାବି

ଡେଲାଙ୍ଗ,୧୬।୧୧(ସମିସ)



ଦଳିତ ଆଦିବାସୀ ସଂଘର୍ଷ ମୋର୍ଚ୍ଚା ପକ୍ଷରୁ ରାମଚନ୍ଦ୍ରପୁରସ୍ଥିତ ବିଜୟ କଲ୍ୟାଣ ମଣ୍ଡପ ପରିସରରେ ରବିବାର ପ୍ରଥମ ଜିଲ୍ଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂତନ ଭାବେ ଜିଲ୍ଲାସ୍ତରୀୟ ୧୯ ଜଣିଆ କମିଟି ଗଠନ କରାଯାଇଥିଲା। ଦଳିତ ଆଦିବାସୀ ସଂଘର୍ଷ ମୋର୍ଚ୍ଚାର ଜିଲ୍ଲା ସଭାପତି ତ୍ରିଲୋଚନ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ସିପିଆଇ(ଏମ୍ଏଲ) ଲିବରେସନର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଜିଲ୍ଲା ସମ୍ପାଦକ ଅଶୋକ ପ୍ରଧାନ, ଦଳିତ ଆଦିବାସୀ ସଂଘର୍ଷ ମୋର୍ଚ୍ଚାର ଜିଲ୍ଲା ସମ୍ପାଦକ କାହ୍ନୁଚରଣ ବେହେରା, ଉପସଭାପତି ବୁଲା ବେହେରା, ରାହାସ ନାୟକ, ସହସମ୍ପାଦକ ଅଭିମନ୍ୟୁ ଭୋଇ, ଅନଙ୍ଗ ଭୋଇ, ସିପିଆଇ(ଏମ୍ଏଲ) ଲିବରେସନ ରାଜ୍ୟକମିଟି ସଭ୍ୟ ସର୍ବେଶ୍ୱର ଭାରତୀ, ସୁନନ୍ଦା ଗଡନାୟକ, ସତ୍ୟମନ୍ୟୁ ପ୍ରଧାନ, ଶ୍ରୀନିବାସ ନାୟକ, ସଂଜୀବ ସ୍ୱାଇଁ, ଜିଲ୍ଲାକମିଟି ସଭ୍ୟ ରାମଚନ୍ଦ୍ର ମହାରଣା, ରବିନ୍ଦ୍ର ସ୍ୱାଇ, କୈଳାସ ବେହେରା ପ୍ରମୁଖ ଯୋଗଦେଇଥିଲେ। ସ୍ୱାଧୀନତାର ୭୮ ବର୍ଷ ପରେ ଦେଶବାସୀ ସାମାଜିକ, ଆର୍ଥିକ, ଓ ରାଜନୈତିକ କ୍ଷେତ୍ରରେ କାଳାତିପାତ କରୁଛନ୍ତି। ଦେଶରେ ସରକାର ବଦଳୁଛି, ହେଲେ ଦଳିତ, ଆଦିବାସୀ, ଚାଷୀ, ଗରିବ ଶ୍ରେଣୀର ଲୋକଙ୍କ ବିକାଶ ହୋଇପାରୁନାହିଁ। ରାଜ୍ୟରେ ଦିନକୁ ଦିନ ଶିକ୍ଷିତ ବେକାରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଭାଗ ଚାଷୀଙ୍କୁ ସେମାନଙ୍କର ଅଧିକାର ଓ ଫସଲ ହାନୀ ସହାୟତା ପ୍ରଦାନ କରିବା ଆଦି ସମ୍ପର୍କରେ ଯୋଗଦେଇଥିବା ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ସେହିପରି ଜାତିଭିତ୍ତିକ ଜନଗଣନା ଓ ଭୂମିହୀନଙ୍କୁ ଘରବାଡ଼ି ପଟ୍ଟା ପ୍ରଦାନ କରିବାରେ ସରକାର ବିଫଳହୋଇଛନ୍ତି। ବିଗତ ଦିନରେ ଭୂମିହୀନଙ୍କୁ ପଟ୍ଟା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇ ଭୋଟ ହାତେଇଥିଲେ। ଆଜି ପର୍ଯ୍ୟନ୍ତ ପୁରୀ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଅନେକ ଭୂମିହୀନ ରାସ୍ତାକଡ଼ରେ ଓ କେନାଲ ବନ୍ଧରେ ଅସ୍ଥାୟୀ ଭାବେ ଜୀବନଜାପନ କରୁଥିବା ଦେଖିବାକୁ ମିଳୁଛି। ଯାହା ଫଳରେ ସେମାନେ ଅନେକ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଦଳିତ, ଆଦିବାସୀ ଓ ଗରିବ ଶ୍ରେଣୀର ଭୂମିହୀନଙ୍କୁ ତୁରନ୍ତ ପଟ୍ଟା ଯୋଗାଇଦେବା ସହିତ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ କରିବା ପାଇଁ ସିପିଆଇ(ଏମଏଲ) ଲିବରେସନର ଜିଲ୍ଲା କମିଟି ସମ୍ପାଦକ ଶ୍ରୀ ପ୍ରଧାନ ଦାବି କରିଛନ୍ତି।

## ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ରକ୍ଷାକାରୀ



ପିପିଲି,୧୬।୧୧(ସମିସ): ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ରକ୍ଷାକାରୀ। ଗଣମାଧ୍ୟମ ବିନା ସାଧାରଣ ଲୋକେ ସୁଶାସନ ପାଇବାରୁ ବଞ୍ଚିତ ହୁଏ। ଗଣମାଧ୍ୟମ ଯେତେବେଳେ ଚାପଗ୍ରସ୍ତ ହୁଏ ସେତେବେଳେ ଦୁର୍ନୀତି ଓ କୁଶାସନ ବୃଦ୍ଧି ପାଏ। ଗଣମାଧ୍ୟମ ପ୍ରତିନିଧିମାନଙ୍କ ସୁରକ୍ଷା ପ୍ରତି ସରକାରଙ୍କ ଦାଇତ୍ୱବୋଧ ରହିବା ଆବଶ୍ୟକ ବୋଲି ଆଜି ଜାତୀୟ ପ୍ରେସ ଦିବସ ପାଳନ ଅବସରରେ ଅତିଥିମାନେ ମତ ପ୍ରକାଶ କରିଥିଲେ। ପିପିଲି ହାଟଛକ ଠାରେ ଆୟୋଜିତ ଜାତୀୟ ପ୍ରେସ୍ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଯୋଗଦେଇ ଥିବା ବେଳେ ମୁଖ୍ୟ ବକ୍ତା ଭାବେ ଖୋର୍ଦ୍ଧା ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ପିପିଲିର ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ପିପିଲି ବ୍ଲକ ଅଧ୍ୟକ୍ଷା ଦେବସ୍ମିନୀ ନନ୍ଦ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ପିପିଲି ଏନ୍ଏସି ଅଧ୍ୟକ୍ଷ ସେକ ବାବୁ, ଉପାଧ୍ୟକ୍ଷା ଭାଗ୍ୟବତୀ ମହାରଣା, କଂଗ୍ରେସ ନେତ୍ରୀ ନିରୁପମା ପାତ୍ର, ସିଦ୍ଦେଶ୍ୱର ଦେବ ବ୍ୟବସାୟୀ ସଂଘ ସଭାପତି ଧୀରେନ୍ଦ୍ର ସାମନ୍ତରାୟ, ଜିଲ୍ଲା ପରିଷଦ ସଭ୍ୟ ଧରଣୀଧର ସାହୁ ପ୍ରମୁଖ ଯୋଗ ଦେଇ ସାମ୍ବାଦିକମାନେ ନିରପେକ୍ଷ, ନ୍ୟାୟସଂଗତ ଓ ନିର୍ଭରଯୋଗ୍ୟ ସମ୍ବାଦ ପରିବେଷଣ କରିବା ସାଙ୍ଗକୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ଘଟଣା ଉପରେ ସଠିକ ଢଙ୍ଗରେ ଉପସ୍ଥାପନ କରିବା ଜରୁରୀ ବୋଲି କହିଥିଲେ। ଏହି ଅବସରରେ ପିପିଲିରେ ୪୦ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଖବରକାଗଜ ବିତରଣ କରୁଥିବା ବରିଷ୍ଠ ବିତରକ ଚିତ୍ରସେନ ଦିକ୍ଷୀତଙ୍କୁ ପିପିଲି ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ପୁରୀ ଜିଲ୍ଲା କଳିଙ୍ଗ ପେସାଦାର ସାମ୍ବାଦିକ ସଂଘ କର୍ମକର୍ତ୍ତା ନିର୍ବାଚନ



କଣାସ,୧୬।୧୧(ସମିସ): ପୁରୀ ଜିଲ୍ଲା କଳିଙ୍ଗ ପେସାଦାର ସାମ୍ବାଦିକ ସଂଘର ବୈଠକ ପିପିଲିଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟସଭାପତି ମନୋଜ ଦାଶ ଓ ସମ୍ପାଦକ ରାଜକିଶୋର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା ଏବଂ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ଉପଦେଷ୍ଟା ଭାବେ ଦୁଃଶାସନ ନାୟକ, ରାଜକିଶୋର ସ୍ୱାଇଁଙ୍କୁ ମନୋନୀତ କରାଯାଇଥିବା ବେଳେ ସଭାପତି ଭାବେ ବିଶ୍ୱରଞ୍ଜନ ବିଶୋୟୀ, କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର ନାୟକ, ଉପସଭାପତି ଅରୁଣ କୁମାର ରାଉତ, ସାଧାରଣ ସମ୍ପାଦକ ବିଭୂତି ଭୂଷଣ ତ୍ରିପାଠୀ, ସହ-ସମ୍ପାଦକ ଅକ୍ଷୟ ରାଉତ, ସାଂସ୍କୃତିକ ସମ୍ପାଦକ ଜ୍ଞାନରଞ୍ଜନ ବିଶ୍ୱାଳଙ୍କୁ ମନୋନୀତ କରାଯାଇଥିଲା।

## ନିମାପଡ଼ା ପ୍ରେସ କ୍ଲବ୍‌ର ବାର୍ଷିକୋତ୍ସବ



ନିମାପଡ଼ା,୧୬।୧୧(ସମିସ): ନିମାପଡ଼ାସ୍ଥିତ ଟାଉନ ହଲ ପରିସରରେ ନିମାପଡ଼ା ପ୍ରେସ୍ କ୍ଲବର ୨ୟ ବାର୍ଷିକ ଉତ୍ସବ ଓ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ସଭାପତି ଅକ୍ଷୟ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଉପ- ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମୁଖ୍ୟବକ୍ତା ଭାବେ ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୂତି ଭୂଷଣ କର, ପୁରୀ ଜିଲ୍ଲା ପେସାଦାର ସାମ୍ବାଦିକ ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରମୁଖ ଯୋଗଦେଇ ବିକଶିତ ଭାରତରେ ସାମ୍ବାଦିକଙ୍କ ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କୃତୀ ପ୍ରତିଭା ଓ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିରଞ୍ଜନ ପଲତା ମଞ୍ଚ ପରିଚାଳନା କରିଥିବା ବେଳେ ସମ୍ପାଦକ ରମାକାନ୍ତ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ଶକ୍ତି ମିଶ୍ର ଓ ସାଥୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।ଏହି ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ସାମ୍ବାଦିକ ବିଚିତ୍ରାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜାତୀୟ ପ୍ରେସ୍ ଦିବସରେ ଚାରା ରୋପଣ



ଡେଲାଙ୍ଗ,୧୬।୧୧(ସମିସ): ଡେଲାଙ୍ଗ ପ୍ରେସ୍ କ୍ଲବ ପକ୍ଷରୁ ରବିବାର ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଡେଲାଙ୍ଗ ଷ୍ଟେସନ ବଜାରସ୍ଥିତ ପ୍ରଭାତ କ୍ଲବ୍ ପରିସରରେ ଡେଲାଙ୍ଗ ପ୍ରେସ କ୍ଲବର ସଭାପତି ତଥା ବର୍ଷୀୟାନ ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀଙ୍କ ସଭାପତିତ୍ୱରେ ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ କୁମାର ଧାଉଡ଼ିଆ, ବିଜୟ କୁମାର ମହାପାତ୍ର, ଅନିମାଳୀ ମିଶ୍ର, ଚନ୍ଦ୍ରଶେଖର ବିଶ୍ୱାଳ, ପ୍ରଦୀପ ରଞ୍ଜନ ବିଶ୍ୱାଳ, ସିଦ୍ଧାର୍ଥ ବଳବନ୍ତରାୟ, ଚିତ୍ତରଞ୍ଜନ ଜେନା, ସମାଜସେବୀ ବାସୁଦେବ ଜେନା, କାହ୍ନୁଚରଣ ଲେଙ୍କା, ପ୍ରଭାତ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି 'ସୁସ୍ଥ ସମାଜ ଗଠନରେ ସମ୍ବାଦପତ୍ରର ଭୂମିକା' ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ବନ୍ଦେ ମାତରମ୍ ୧୫୦ବର୍ଷ ପୂର୍ତ୍ତି ପାଳନ କରିବା ସହିତ ଉପସ୍ଥିତ ସଦସ୍ୟମାନେ ବନ୍ଦେ ମାତରମ୍ ଗାନ କରିଥିଲେ। ଏହି ଅବସରରେ ଚାରା ରୋପଣ କରାଯାଇଥିଲା।

## ପୁରୀ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କଲେ ଭାବନା



ବଲଙ୍ଗା,୧୬।୧୧(ସମିସ): ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟ, କମାକନ୍ତିଆ ପରିସରରେ ଆଜି ଦଶମ ଶ୍ରେଣୀର ଛାତ୍ରୀ ଭାବନା ପ୍ରଧାନ ରାଜ୍ୟସ୍ତରୀୟ ସୁରଭି -୨୦୨୫ରେ ପୁରୀ ଜିଲ୍ଲାର ପ୍ରତିନିଧିତ୍ୱ କରି ବରିଷ୍ଠ ବିଭାଗ "ପ୍ରବନ୍ଧ ଲିଖନ'ରେ ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାଳୟ ତଥା ବ୍ଲକ୍ ଏବଂ ଜିଲ୍ଲା ପାଇଁ ସୁନାମ ଆଣିଛନ୍ତି। ତେଣୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ସେଠୀ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ବିଦ୍ୟାଳୟ ପରିସରରେ ଆୟୋଜିତ ଏକ ସଭାରେ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସୁରଭି କାର୍ଯ୍ୟକ୍ରମରେ "ସାହିତ୍ୟ ସୃଜନୀ'ର ରାଜ୍ୟସ୍ତରୀୟ ସାଧନ କର୍ମୀ ଶିକ୍ଷକ ବିଭୁପ୍ରସାଦ ପୃଷ୍ଟି ଏବଂ ବିଜୟିନୀ ଛାତ୍ରୀ ଭାବନା ପ୍ରଧାନ ନିଜର ଅନୁଭୂତି ପ୍ରକାଶ କରି କହିଥିଲେ। ସହକାରୀ ଶିକ୍ଷକ ସରୋଜ କୁମାର ଦେଓ ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

# 'ପ୍ରତ୍ୟହ ଭାଗବତ ପାଠ ନିନ୍ଦା ଓ ପରଶ୍ରୀକାତରତା ଦୂରେ କରେ'

ସାକ୍ଷୀଗୋପାଳ,୧୬।୧୧(ସମିସ)




ଏକ ଶୃଙ୍ଖଳିତ ସମାଜ ପାଇଁ ଗାଁ ଗାଁରେ ଭାଗବତ ଏକ ଆବଶ୍ୟକତା ବୋଲି କହିଛନ୍ତି ଭାଗବତ ଭାଷ୍ୟକାର ବଦ୍ରି ମିଶ୍ର। ସତ୍ୟବାଦୀର ପରଜାପଡ଼ାସ୍ଥ ଶ୍ରୀଶ୍ରୀ ଚନ୍ଦ୍ରଶେଖର ଦେବଙ୍କ ପୀଠରେ ଓଡ଼ିଶା ଯୁବ ଚେତନା ସଙ୍ଗଠନ ଓ ଗ୍ରାମ୍ୟ କମିଟିର ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦାନ କରି ଶ୍ରୀ ମିଶ୍ର କହିଥିଲେ ଯେ, ପ୍ରତ୍ୟହ ଭାଗବତ ପାଠ, ମଣିଷ ମନରୁ ନିନ୍ଦା ଓ ପରଶ୍ରୀକାତରତା ଦୂର କରେ। ବିଶିଷ୍ଟ ପତ୍ରକାର ନିରଞ୍ଜନ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଭାଗବତ ପାଠରେ ଯୋଗଦେଇ ଭାଗବତ ପ୍ରବଚିକା ନିର୍ମଳା ଫତେସିଂହ ଭାଗବତର ଚେତନା ଓ ଆଧ୍ୟାତ୍ମିକତା ଉପରେ ପ୍ରବଚନ ଦେଇଥିବା ବେଳେ ଏହାକୁ ଉଦ୍‌ଘାଟନ କରିଥିଲେ ସମାଜସେବୀ ପ୍ରଦୀପ କୁମାର ମିଶ୍ର। ଏଥିରେ ସଙ୍ଗୀତ ନିର୍ଦ୍ଦେଶକ ରାଜେନ୍ଦ୍ର ମିଶ୍ର, ଡ. ବିଶ୍ୱନାଥ ମିଶ୍ର, ନିରଞ୍ଜନ ଦିକ୍ଷୀତ ପାରମ୍ପରିକ ଭକ୍ତି ସଙ୍ଗୀତ ଗାଇ ପରିବେଶକୁ ଆଧ୍ୟାତ୍ମିକମୟ କରିଥିଲେ। ଏହି କାର୍ଯ୍ୟକ୍ରମ କୁ ଘରେଘରେ ଭାଗବତର ପରିଚାଳିକା ସୁନନ୍ଦା ପଟ୍ଟନାୟକ ଓ କୋଷାଧ୍ୟକ୍ଷ ରାଜଶ୍ରୀ ମିଶ୍ର ପରିଚାଳନା କରିଥିବାବେଳେ ଦେବଦତ୍ତ ସାମନ୍ତରାୟ, ଅଧିବକ୍ତା ରଶ୍ମିରଞ୍ଜନ ଦାଶ, ସରୋଜ ଜେନା, ସୁମନ୍ତ ପରିଡ଼ା, ସତ୍ୟ ନାରାୟଣ ଦାଶ, ଦୁଷ୍ମନ୍ତ ସାହୁ, ରାନୀ ମିଶ୍ର, ସୁଲୋଚନା ମିଶ୍ର, ଦ୍ରୌପଦୀ ବଳିୟାର ସିଂହଙ୍କ ସମେତ ଆଖପାଖ ଗ୍ରାମର ସ୍ଥାନୀୟ ମୁଖିଆ, ଭାଗବତ ଅନୁରାଗୀ, ଗ୍ରାମବାସୀ ଯୋଗ ଦେଇଥିଲେ। ଏହି ଅବସରରେ ବାମୁଣ୍ଡି ଭାଗବତ ଟୁଙ୍ଗିର ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଟ୍ଟନାୟକ କମିଟିକୁ ଭାଗବତ ପ୍ରଦାନ କରିଥିଲେ।

## ଗୀତା ଆବୃତ୍ତି ପ୍ରତିଯୋଗିତା

ସାକ୍ଷୀଗୋପାଳ,୧୬।୧୧(ସମିସ): ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ, ସାକ୍ଷୀଗୋପାଳ ପରିସରରେ ପୁରୀସ୍ଥିତ ହରିହରାନନ୍ଦ ଗୁରୁକୁଳମ, ପ୍ରଜ୍ଞାନ ମିଶନ ପକ୍ଷରୁ ବ୍ଲକ୍ସ୍ତରୀୟ ଶ୍ରୀମଦ୍ ଭଗବତ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସତ୍ୟବାଦୀ ଅଞ୍ଚଳର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଛାତ୍ରଛାତ୍ରୀଙ୍କ ନାମ ପଞ୍ଜୀକରଣ ପରେ ବିଭିନ୍ନ ବିଭାଗରେ ବିଭକ୍ତ କରାଯାଇଥିଲା। ପୂର୍ବ ସୂଚନା ମୁତାବକ ଶ୍ରୀମଦ୍ ଭଗବତ୍ ଗୀତାର ପଞ୍ଚମ ଅଧ୍ୟାୟ "କର୍ମସନ୍ନ୍ୟାସ ଯୋଗ' ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଶିଶୁ ବର୍ଗ "କ' ଗ୍ରୁପରେ ଗୋପାଳପୁର ପାଟଣା ପ୍ରାଥମିକ ବିଦ୍ୟାଳୟର ପଞ୍ଚମ ଶ୍ରେଣୀ ଛାତ୍ରୀ ସ୍ନେହମୟୀ ମହାନ୍ତି ପ୍ରଥମ, ସରସ୍ୱତୀ ଶିଶୁ ମନ୍ଦିର, ସାକ୍ଷୀଗୋପାଳର ପଞ୍ଚମ ଶ୍ରେଣୀ ଛାତ୍ର ସ୍ୱର୍ଣ୍ଣ ପ୍ରକାଶ ରଥ ଦ୍ୱିତୀୟ ଓ ବାଲ ବର୍ଗ "ଖ' ଗ୍ରୁପ୍‌ରେ ସରସ୍ୱତୀ ଶିଶୁ ମନ୍ଦିର ସାକ୍ଷୀଗୋପାଳର ଛାତ୍ରୀ ଅଭିପ୍ସା ପ୍ରଧାନ ପ୍ରଥମ, ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ସାକ୍ଷୀଗୋପାଳର ଛାତ୍ରୀ ଶୁଭଶ୍ରୀ ପରିଡ଼ା ଦ୍ୱିତୀୟ ସ୍ଥାନ ଓ ସାଇ ସ୍ମାରକୀ ନାୟକ



ତୃତୀୟ ସ୍ଥାନ ଅଧିଗ୍ରହଣ କରିଥିଲେ। ସେହିପରି 'ଗ' ଗ୍ରୁପ୍‌ରେ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଓମ୍ ପ୍ରକାଶ ଦାସ, ଅଭିଜିତ ମହାରଣା, ଅମନ୍ ଦାସ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମ ଶେଷରେ ପ୍ରଜ୍ଞାନାନନ୍ଦ ମହାରାଜ, ଦିବ୍ୟାଂଶୁ ପ୍ରକାଶ ଦାସ, କ୍ରିଷ୍ଣାପ୍ରିୟା ଦାସ ଅତିଥି ରୂପେ ଯୋଗଦେଇ ପିଲାମାନଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ବସନ୍ତ କୁମାର ସ୍ୱାଇଁ, ଆଇନଜୀବୀ ସୁଶାନ୍ତ କୁମାର ରଥ ପ୍ରମୁଖ ସହଯୋଗ କରିଥିଲେ।

## ମଦ ଜବତ, ଜଣେ ଗିରଫ

କଣାସ,୧୬।୧୧(ସମିସ): କଣାସ ଅଞ୍ଚଳରେ ବ୍ୟାପକ ଚୋରାମଦ କାରବାର ହେଉଥିବାବେଳେ କଣାସ ଥାନା ଆଇଆଇସି ଗତକାଲି କୌଣସି ସୂତ୍ରରୁ ଖବର ପାଇ ଜଗନ ପାଲଟାସିଂହ (୪୦) ନାମକ ଜଣେ ଯୁବକକୁ ଗିରଫ କରି ତା' ଠାରୁ ୧୫ବୋତଲ ଦେଶୀ ମଦ ଜବତ କରିଥିବା ଜଣାପଡ଼ିଛି। ଏହି ଘଟଣାରେ ଜଗନ ପାଲଟାସିଂହଙ୍କୁ ଗିରଫ କରି କଣାସ ଥାନା କେସ୍ ନଂ-୨୭୧/୨୦୨୫ରେ ଏକ ମକଦମା ରୁଜ୍ କରି କୋର୍ଟଚାଲାଣ କରିଥିବା ଆଇଆଇସିଙ୍କ ଠାରୁ ପ୍ରକାଶ। ସୂଚନାଯୋଗ୍ୟ ଏହି ଅଞ୍ଚଳରେ ବ୍ୟାପକ ଚୋରା ମଦ କାରବାର ହେଉଥିବାବେଳେ ଅବକାରୀ ବିଭାଗ ନିଦରେ ଶୋଇଥିବା ସାଧାରଣରେ ଚର୍ଚ୍ଚା ହେଉଛି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

୧୬/୧୧/୨୦୨୫ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୯,୮୪,୨୦୩/- ସୁନା: ୦୦.୦୧୦ ଗ୍ରାମ୍ ରୁପା: ୧୦୧.୯୦୦ ଗ୍ରାମ୍







● ପୁରୀ ବେଳାଭୂମିକୁ ପୁଣି 'ବ୍ଲୁ ଫ୍ଲାଗ୍' ସାର୍ଟିଫିକେଟ୍

# ଲଗାତାର ୬ ବର୍ଷ ହେବ ପୁରୀ ବଜାୟ ରଖିଛି ମାନ୍ୟତା

ପୁରୀ,୧୬ା୧୧(ସମିସ): ପୁରୀ ବେଳାଭୂମିକୁ ପୁଣି ବ୍ଲୁ ଫ୍ଲାଗ ସାର୍ଟିଫିକେଟ। ୨୦୨୫-୨୬ ବର୍ଷ ପାଇଁ ଏହି ମାନ୍ୟତା ମିଳିଛି। ଫଳରେ ଲଗାତର ଷଷ୍ଠଥର ପାଇଁ ପୁରୀ ବେଳାଭୂମିକୁ ଖୁବ୍‌ଶୀଘ୍ର ଏହି ସମ୍ମାନଜନକ ପୁରସ୍କାର ମିଳିବ। ଡେନମାର୍କର ଅନ୍ତର୍ଜାତୀୟ ସଂସ୍ଥା ଫାଉଣ୍ଡେଶନ ଫର୍ ଏନଭାର୍ଣ୍ଣମେଣ୍ଟାଲ ଏଜୁକେଶନ (ଫି) ଏହି ବ୍ଲୁ ଫ୍ଲାଗ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥାଏ। ବେଳାଭୂମିର ମାନ ଆନ୍ତର୍ଜାତୀୟ ମାନର ହେବା ସହ ସ୍ୱଚ୍ଛତା, ପରିବେଶ ଉପଯୋଗୀ, ସୁରକ୍ଷା ବ୍ୟବସ୍ଥା ସହିତ ୩୩ଟି ମାନଦଣ୍ଡକୁ ନେଇ ଏହି ପ୍ରମାଣପତ୍ର ଓ ପୁରସ୍କାର ମିଳିଥାଏ।

ବ୍ଲୁ ଫ୍ଲାଗ ବିଚ୍‌ର ନିୟମ ଅନୁଯାୟୀ ୩୩ଟି ମାନଦଣ୍ଡ ବଜାୟ ରଖିଥିବା ବେଳାଭୂମିକୁ ପ୍ରତିବର୍ଷ ଫି ଏହି ମାନ୍ୟତା ପ୍ରଦାନ କରିଥାଏ। ପ୍ରତିବର୍ଷ ସର୍ଭେରେ ଏହି ମାନଦଣ୍ଡ ପୂରଣ ହେଉଛି କି ନାହିଁ ତାହା ଜଣାପଡିବା ପରେ ସାର୍ଟିଫିକେଟ ନବୀକରଣ ହୋଇଥାଏ। ଚଳିତବର୍ଷ ମଧ୍ୟ ଏକ ବିଶେଷଜ୍ଞ ଦଳ ପୁରୀ ଆସି ସର୍ଭେ କରିଥିଲେ। ପୁରୀ ନିର୍ଦ୍ଧାରିତ ମାନଦଣ୍ଡ ପୂରଣ କରିଥିବାରୁ ପୁଣିଥରେ ୨୦୨୫-୨୬ ପାଇଁ ବ୍ଲୁ ଫ୍ଲାଗ ବିଚ୍ ପ୍ରମାଣପତ୍ର ପାଇଁ



ଯୋଗ୍ୟ ବିବେଚିତ ହୋଇଛି। ଜିଲ୍ଲା ପ୍ରଶାସନର ଉଦ୍ୟମ ଯୋଗୁ ଏହା ସଫଳ ହୋଇଛି। ଗାନ୍ଧୀ ପାର୍କ ବେଳାଭୂମିଠାରୁ ହୋଟେଲ ମେ' ଫେୟାର ପର୍ଯ୍ୟନ୍ତ ୮୦୦ ମିଟର ଲମ୍ବ ବେଳାଭୂମିକୁ ବ୍ଲୁ ଫ୍ଲାଗ ବିଚ୍ ମାନ୍ୟତା ମିଳିଛି।

ଫି' ପକ୍ଷରୁ ଧାର୍ଯ୍ୟ ମାନଦଣ୍ଡ ମଧ୍ୟରେ ପର୍ଯ୍ୟଟକଙ୍କ ପାଇଁ ସୁରକ୍ଷିତ ସ୍ନାନ, ପୋଷାକ ପରିବର୍ତ୍ତନ ଗୃହ, ଉତ୍ତମ ପରିବେଶ, ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ସହିତ ଅତ୍ୟାଧୁନିକ ଶୌଚାଳୟ, କାଫେ, ନିଜସ୍ୱ ଟ୍ରିଟମେଣ୍ଟ ପ୍ଲାଣ୍ଟ, ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା, ଡେକୋରେଟିଭ ଲାଇଟ୍, ଦିବ୍ୟାଙ୍ଗଙ୍କ ପାଇଁ ସ୍ନାନ ଓ ବୁଲିବାର ବ୍ୟବସ୍ଥା, ସୁରକ୍ଷିତ ସମୁଦ୍ର ସ୍ନାନ ପାଇଁ ଲାଇଫ୍‌ଗାର୍ଡ, ୱାଚ ଟାୱାର, ପର୍ଯ୍ୟାପ୍ତ ପାର୍କିଂ ଓ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ବେଳାଭୂମିରେ ୨୪ ଘଣ୍ଟିଆ ସିସିଟିଭି କ୍ୟାମେରା ଆଦି ଅନ୍ତର୍ଭୁକ୍ତ ରହିଛି। ଏହିସବୁ ମାନଦଣ୍ଡକୁ ପୂରଣ କରିଛି ପୁରୀ ବେଳାଭୂମି। ଫଳରେ ଲଗାତର ଷଷ୍ଠବର୍ଷ ପାଇଁ ପୁରୀ ବ୍ଲୁ ଫ୍ଲାଗ ବିଚ୍ ମାନ୍ୟତା ବଜାୟ ରଖିବାରେ ସମର୍ଥ ହୋଇଛି।

ଏହାକୁ ନେଇ ପୁରୀବାସୀ ଏବଂ ପର୍ଯ୍ୟଟକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ବ୍ଲୁ ଫ୍ଲାଗ ବିଚ୍ ମାନ୍ୟତା ପାଇବା ପରେ ପୁରୀ ବେଳାଭୂମିକୁ ପର୍ଯ୍ୟଟକଙ୍କ ଆଗମନ ବଢିଛି। ବିଶେଷକରି ଦେଶ ବିଦେଶର ପର୍ଯ୍ୟଟକମାନେ ବ୍ଲୁ ଫ୍ଲାଗ ବିଚ୍‌କୁ ଅଧିକ ପସନ୍ଦ କରୁଛନ୍ତି। ଫଳରେ ପ୍ରତିଦିନ ଏହି ବେଳାଭୂମିରେ ଗହଳି ଲାଗୁଛି। ଛୁଟି ଦିନମାନଙ୍କରେ ଭିଡ଼ ଅସମ୍ଭାଳ ହେଉଛି। ପର୍ଯ୍ୟଟକଙ୍କୁ ଯେପରି ଅତ୍ୟାବଶ୍ୟକ ସେବାସୁବିଧା ମିଳିପାରିବ ସେ ଦିଗରେ ପ୍ରଶାସନ ଗୁରୁତ୍ୱ ଦେଇଆସୁଛି। ଫଳରେ ପର୍ଯ୍ୟଟକମାନେ ଏକ ସୁଖଦ ଅନୁଭୂତି ସାଉଣ୍ଟୁଛନ୍ତି।

ବୁଦ୍ଧିଜୀବୀ ମହେନ୍ଦ୍ର ବେହେରା କହିଛନ୍ତି, ପୁରୀ ଆଧ୍ୟାତ୍ମିକ ଏବଂ ପର୍ଯ୍ୟଟନ ସହର। ଏଠାରେ ଶ୍ରୀମନ୍ଦିର ଓ ବେଳାଭୂମି ରହିଛି। ଭକ୍ତ, ପର୍ଯ୍ୟଟକ ମହାପ୍ରଭୁଙ୍କ ଦର୍ଶନ ପରେ ବେଳାଭୂମିକୁ ବୁଲିବାକୁ ପସନ୍ଦ କରିଥାନ୍ତି। ପୂର୍ବ ଭାରତର ଏକ ମନୋରମ ବେଳାଭୂମି ହେଉଛି ପୁରୀ। ଅନ୍ୟ ବେଳାଭୂମି ଅପେକ୍ଷା ପୁରୀ ବେଳାଭୂମି ସୁଦୀର୍ଘ ଓ ସୁନ୍ଦର। ଏହାର ଶାନ୍ତଶୀତଳ ନୀଳ ଜଳରାଶି ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ବେଳାଭୂମି ଆହୁରି ବ୍ୟବସ୍ଥାରେ ଉନ୍ନତିର ଆବଶ୍ୟକତା ରହିଛି। କେବଳ ସରକାର ଚାହିଁଲେ ସବୁକିଛି ହେବ ନାହିଁ ସହରବାସୀ, ହୋଟେଲିୟର ସମସ୍ତେ ସହଯୋଗ କଲେ ବେଳାଭୂମି ଆହୁରି ସୁନ୍ଦର ହେବା ସହ ଅଧିକ ପର୍ଯ୍ୟଟକଙ୍କ ଆଗମନ ହେବ। ଫଳରେ ପୁରୀବାସୀ ମଧ୍ୟ ପରୋକ୍ଷରେ ଉପକୃତ ହେବେ। ଲାଇଟ୍ ହାଉସ୍‌ଠାରୁ ଷ୍ଟର୍ଲିନ ବେଳାଭୂମି ଯାଏ ଅନେକ ନାମୀଦାମୀ ହୋଟେଲ ରହିଥିବା ବେଳେ ପ୍ରତ୍ୟେକ ଦିନ ହଜାର ହଜାର ପର୍ଯ୍ୟଟକ ସେଠାକୁ ଆସୁଛନ୍ତି। ତେଣୁ ତାହାକୁ ମଧ୍ୟ ବ୍ଲୁ ଫ୍ଲାଗ ବିଚ୍‌ର ଭିତ୍ତିଭୂମି ଭଳି ଉନ୍ନତି କରିବାକୁ ପଡ଼ିବ।

● ଆଜି ମହାପ୍ରଭୁଙ୍କ ପଇତାଲାଗି

## ୫ ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ

ପୁରୀ,୧୬ା୧୧(ସମିସ): ମାର୍ଗଶୀର କୃଷ୍ଣ ତ୍ରୟୋଦଶୀ ତିଥିରେ ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପଇତାଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ସରିବା ପରେ ଦଇତାପତି ସେବକମାନେ ଏହି ନୀତି ପାଇଁ ଗର୍ଭଗୃହକୁ ପ୍ରବେଶ କରିବେ। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଜୟ ବିଜୟ ଦ୍ୱାର ବନ୍ଦ କରାଯିବ। ଏହି ନୀତି ସମ୍ପନ୍ନ ପରେ ଠାକୁରମାନଙ୍କର ମହାସ୍ନାନ କରାଯିବ। ଏହି ନୀତି ପାଇଁ ଆପାତତଃ ଅପରାହ୍ନ ୫ଟା ପରଠାରୁ ରାତି ୧୦ ଅର୍ଥାତ୍ ୫ ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରଖାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ବିଶ୍ୱବିଦ୍ୟାଳୟରୁ ଚୋରି; ୫ ଅଭିଯୁକ୍ତ ଗିରଫ

ପୁରୀ,୧୬ା୧୧(ସମିସ): ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରୁ ଚୋରି କରିବା ଅଭିଯୋଗରେ ସମୁଦ୍ର କୂଳ ଥାନା ପୁଲିସ ଜଣେ ନାବାଳକ ସମେତ ୫ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଧୋବାଖାଲ ବାଲିଉପରର ଚନ୍ଦନ ନାୟକ, ପେଣ୍ଠକଟା ହରଚଣ୍ଡୀ ସାହି ବାଲିଉପରର ପପୁ ପ୍ରଧାନ ଓ ସୁଜିତ କୁମାର ବେହେରା, ମୁକୁନ୍ଦ ମିଶ୍ର ନଜରର ରଜନୀକାନ୍ତ ଶତପଥୀ। ଗତ ୧୦ ତାରିଖ ରାତିରେ ଏକାଡେମୀକ ବ୍ଲକ-ଏ ପଛପାଖର୍ ଏକ ଶୌଚାଳୟ ସ୍କାଏଲାଇଟ୍ ଭାଙ୍ଗି ଭିତରେ ପଶି ଏସିର ସାମଗ୍ରୀ ଚୋରି କରିଥିବା ନେଇ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା (ନଂ.୩୩୬/୨୫) ରୁଜୁ କରି ଶନିବାର ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ୩ଟି ଏସି କମ୍ପ୍ରେସର ଏବଂ କିଛି ଭଙ୍ଗା କାଷ୍ଟ ଆଇରନ ଜବତ କରାଯାଇଥିବା ବେଳେ ରବିବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିଛି ପୁଲିସ।

● ରାଜ୍ୟସ୍ତରୀୟ ଶିଶୁ ଉତ୍ସବ

## ପୁରୀ ଜିଲ୍ଲା ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀ ପୁରସ୍କୃତ

ପୁରୀ,୧୬ା୧୧(ସମିସ): ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡ଼ିୟମଠାରେ ପାଞ୍ଚଦିନ ବ୍ୟାପି ଶିଶୁ କ୍ରୀଡା ଓ ସାଂସ୍କୃତିକ ମହୋତ୍ସବ "ଉତ୍ସାହ' ଓ "ମହକ' ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ଏହି ରାଜ୍ୟସ୍ତରୀୟ ଉତ୍ସବରେ ଯୋଗଦେଇଥିଲେ। ପୁରୀ ଜିଲ୍ଲାର ୫ଟି ଶିଶୁ ଯତ୍ନ ଅନୁଷ୍ଠାନର ୫୦ ଜଣ ଅନ୍ତେବାସୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ବକ୍ତୃତାର କନିଷ୍ଠ ବର୍ଗରେ ନୀଳାଚଳ ସେବା ପ୍ରତିଷ୍ଠାନର ଇପ୍ସିତା ସ୍ୱାଇଁ ଓ ବରିଷ୍ଠ ବର୍ଗରେ ଦ୍ରୌପଦୀ ମହିଳା ସମିତିର ଜ୍ୟୋତ୍ସ୍ନା ଦାସ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ କୁଇଜ୍ ବରିଷ୍ଠ ବର୍ଗରେ ଉତ୍କଳ ବାଳାଶ୍ରମର ସତ୍ୟନାରାୟଣ ସ୍ୱାଇଁ ତୃତୀୟ, ଲମ୍ବ ଡିଆଁ ଓ ୨୦୦ ମିଟର ଦୌଡର ବରିଷ୍ଠ ବର୍ଗରେ ସୂର୍ଯ୍ୟକାନ୍ତ ମଲ୍ଲିକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏଥିସହିତ ସରକାରୀ ଆଇଟିଆଇରୁ ବୈଷୟିକ ଶିକ୍ଷା ସମାପ୍ତ କରି ବିଶ୍ୱ ଦକ୍ଷତା କେନ୍ଦ୍ରରୁ ଉତ୍ତୀର୍ଣ୍ଣ ହୋଇ ନିକଟରେ ଜିନ୍ଦଲ ଷ୍ଟିଲ ଅନୁଗୁଳରେ ଟ୍ରେନିଂ ଭାବେ ନିୟୋଜିତ



ହୋଇଥିବା ଉତ୍କଳ ବାଳାଶ୍ରମର ଦୁଇଜଣ ଅନ୍ତେବାସୀ ପୂଜା ଦାଶ ଓ ଅଞ୍ଜନା ନାୟକଙ୍କୁ ରାଜ୍ୟସ୍ତରୀୟ ଶିଶୁ ଉତ୍ସବରେ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲାର ଶିଶୁମାନଙ୍କର ଏହି କୃତିତ୍ୱ ହାସଲ ପାଇଁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଡ. ଅଜିତ କୁମାର ମହାପାତ୍ର, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

## ଜନଜାତୀୟ ଗୌରବ ଦିବସ

ପୁରୀ,୧୬ା୧୧(ସମିସ): କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସର ଆନୁକୂଲ୍ୟରେ ସହୀଦ ଭଗବାନ ବିର୍ସା ମୁଣ୍ଡା ଜନଜାତି ଗୌରବ ଦିବସ ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ଏସ୍‌ବିଆଇ ପୁରୀ ଶାଖା ପ୍ରବନ୍ଧକ ହୃଷିକେଶ ତ୍ରିପାଠୀ ଯୋଗଦେଇ ଭଗବାନ ବିର୍ସା ମୁଣ୍ଡାଙ୍କ ଜାତି ପ୍ରତି ଦେଇଥିବା ଆତ୍ମବଳିଦାନ ସମ୍ପର୍କରେ ଚର୍ଚ୍ଚା କରିଥିଲେ। ବିଶିଷ୍ଟ ଅତିଥି ରୂପେ ଶିକ୍ଷାଶାସ୍ତ୍ର ବିଭାଗର ବିଭାଗ ମୁଖ୍ୟ ପ୍ରଫେସର ବିଜୟପାଲ୍ କଚ୍ଛୱା ଯୋଗଦେଇ ସହୀଦ ବିର୍ସା ମୁଣ୍ଡାଙ୍କ କୃତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମର ସଂଯୋଜକ ଡ. ନବିନ କୁମାର ପ୍ରଧାନ ଥିବାବେଳେ ସଭା ପରିଚାଳନା କରିଥିଲେ ଡ. ରମାକାନ୍ତ ସା ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ଡ. ଅଜୟ ଗନ୍ଧା। ଶେଷରେ ଏହି କାର୍ଯ୍ୟକ୍ରମ ଉପଲକ୍ଷେ ଅନୁଷ୍ଠିତ ବିବିଧ ପ୍ରତିଯୋଗିତାରକୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

ଭାରତୀୟ ଭାଷା ସାହିତ୍ୟ ସମ୍ମିଳନୀ

## 'ଅନୁବାଦ ଦ୍ୱାରା ଅନ୍ୟ ସଂସ୍କୃତିକୁ ଜାଣିବାର ସୁଯୋଗ ମିଳିଥାଏ'

ପୁରୀ,୧୬ା୧୧(ସମିସ): କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରରେ ଅଥର୍ସ ଗିଲ୍ଡ ଅଫ୍ ଇଣ୍ଡିଆ, ଦ ଇଣ୍ଡିଆନ ରିପ୍ରୋଗ୍ରାଫିକ ରାଇଟ୍ସ ଅର୍ଗାନାଇଜେଶନ (ଆର୍‌ଆରଓ) ଏବଂ କେନ୍ଦ୍ରୀୟ ସଂସ୍କୃତ

**ଅନୁବାଦ ଭାଷାର ନୁହେଁ, ଭାବର ରୂପାନ୍ତର**

ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଦୁଇଦିନ ଧରି ଭାରତୀୟ ଭାଷା ସାହିତ୍ୟର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଶ୍ରୀସଦାଶିବ ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଉଦ୍‌ଘାଟନ କରିଥିଲେ। ନ୍ୟାଶନାଲ ବୁକ୍ ଟ୍ରଷ୍ଟର ପ୍ରାକ୍ତନ ନିର୍ଦ୍ଦେଶକ ମାନସ ରଞ୍ଜନ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ସାହିତ୍ୟିକ ବିରେନ୍ଦ୍ର ମହାନ୍ତି ଯୋଗଦେଇ ପୁସ୍ତକ ରଚନାର ମହତ୍ତ୍ୱ ଓ ସମାଜରେ ଏହାର ଉପଯୋଗିତା ସମ୍ପର୍କରେ ଆଲୋଚନା କରିଥିଲେ। ବିଭିନ୍ନ ଭାଷାରେ ରଚନା କରାଯାଇଥିବା ପୁସ୍ତକଗୁଡ଼ିକ ଉନ୍ମୋଚିତ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ



ଆୟୋଜିତ ଆଲୋଚନାଚକ୍ରରେ ଆଲୋଚକ ଭାବେ ଡ. ଅଶୋକ ଗୁପ୍ତା, ହରି ସିଂ ପାଲ୍, ଆର୍‌ଆରଓର ଡେପୁଟି ଚେୟାରମ୍ୟାନ ଡ.ଏସ୍.ଏସ୍, ଅଶ୍ୱସ୍ତି ବିଭିନ୍ନ ଭାଷା ସାହିତ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ। ସେହିପରି ତୃତୀୟ ଅଧିବେଶନରେ ଅନୁବାଦ ସାହିତ୍ୟର ବିଭିନ୍ନ ବିଭବ ସମ୍ପର୍କରେ ଆଲୋଚନା କରିବା ସହିତ ଅନୁବାଦ ଦ୍ୱାରା ଅନ୍ୟ ସଂସ୍କୃତିକୁ ଜାଣିବାର ସୁଯୋଗ ମିଳିଥାଏ ବୋଲି କହିଥିଲେ। ବିଭିନ୍ନ ରାଜ୍ୟରୁ ଆସିଥିବା ମିସ୍ ସଲମା ଜମଲା, ମିସ୍ କୁନ୍ତଳା, ମିସ୍ ପୂର୍ଣ୍ଣିମା ଶ୍ରୀନିବାସ, ମିସ୍ ଶ୍ରୀଦେବୀ, ସୁଜାତା ଦାସ, ଡ. ପ୍ରସନ୍ନ କୁମାରୀ, ପ୍ରଫେସର ସକ୍‌ସେନା, ରାଜକୁମାର, ପୁଷ୍ପା ସିନ୍ହା, ପ୍ରଭା ମେହେତା ପ୍ରମୁଖ ଯୋଗ ଦେଇଥିଲେ। ସାନ୍ଧ୍ୟ ଅଧିବେଶନରେ ଡ. ଭଗବାନ୍ ଜୟସିଂ ଅଧ୍ୟକ୍ଷତାରେ ଓଡ଼ିଆ, ହିନ୍ଦୀ, ତେଲୁଗୁ, ମାଲାୟଲମ୍ ଆଦି ଭାଷାର ପ୍ରତିଷ୍ଠିତ କବିବୃନ୍ଦ ଉପସ୍ଥିତ ରହି ସ୍ୱରଚିତ କବିତା ପାଠ କରିଥିଲେ।

ରବିବାର ଉଦ୍‌ଯାପନୀ ଦିବସର ପ୍ରଥମ ଅଧିବେଶନରେ ଅନୁବାଦ ସାହିତ୍ୟ ସମ୍ପର୍କରେ ଡ. ଯୁବରାଜ ସିଂ, ଡ. ଶଶିକଳା, ପି.ବି. ରମାଦେବୀ, ଡ. ସୌରଭ ଦେବ, ଡ. ତ୍ରୟପ୍ରକାଶ ଶର୍ମା ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଭାଷାତତ୍ତ୍ୱବିତ୍ ପ୍ରଫେସର କୈଳାଶ ଚନ୍ଦ୍ର ଟିକାୟତରାୟ ଯୋଗଦେଇ କହିଥିଲେ, ଅନୁବାଦକ ସାରା ବିଶ୍ୱରେ ଚିନ୍ତନର ପ୍ରସାର କରିଥାଏ। ଅନୁବାଦ ଭାଷାର ନୁହେଁ ଭାବର ରୂପାନ୍ତର। ସମ୍ମାନିତ ଅତିଥି ଭାବେ ସଦାଶିବ ପରିସରର ନିର୍ଦ୍ଦେଶକ ପ୍ରଫେସର ମହାପାତ୍ର ଉପସ୍ଥିତ ରହି ସାହିତ୍ୟର ଭୂମିକା ଏବଂ ଅନୁବାଦ କଳା ବିଭିନ୍ନ ଭାଷାଭାଷୀମାନଙ୍କ ମଧ୍ୟରେ କିଭଳି ଯୋଗସୂତ୍ର ରକ୍ଷା କରିଥାଏ ସେ ସମ୍ପର୍କରେ ଆଲୋଚନା କରିଥିଲେ। ବିଶିଷ୍ଟ ଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଉପସ୍ଥିତ ରହି ଅନୁବାଦ ସାହିତ୍ୟର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ନ୍ୟାଶନାଲ ବୁକ୍ ଟ୍ରଷ୍ଟର ପ୍ରାକ୍ତନ ନିର୍ଦ୍ଦେଶକ ମାନସ ରଞ୍ଜନ ମହାପାତ୍ର, ପୂର୍ବତନ ଡିଡିଜି ଦୂରଦର୍ଶନ ମୁମ୍ବାଇ ଉଦୟନାଥ ନାୟକ ସଂଯୋଜନା କରିଥିଲେ।

## ଭକ୍ତଙ୍କ ବେକରୁ ଚେନ୍ ଲୁଟ୍‌ବେଳେ ୨ ଗିରଫ

ପୁରୀ,୧୬ା୧୧(ସମିସ): ଶ୍ରୀମନ୍ଦିର ଭିତରେ ଭକ୍ତଙ୍କ ବେକରୁ ସୁନାଚେନ ଲୁଟ୍ ବେଳେ ୨ ଜଣ ଧରାପଡିଛନ୍ତି। ଅଭିଯୁକ୍ତ ଦ୍ୱୟ ହେଲେ ବିହାର ମୋତିହାରୀର ଉମେଶ ରାୟ ଓ ବାଲେଶ୍ୱର ନୀଳଗିରିର ରୋହିତ କୁମାର ମହାପାତ୍ର। ମୁମ୍ବାଇରେ ରହୁଥିବା କଟକ ବକ୍ସିବଜାର ନିମସାହିର ସଦାକ ନନ୍ଦଙ୍କ



ଅଭିଯୋଗ ଆଧାରରେ ସିଂହଦ୍ୱାର ଥାନା ପୁଲିସ ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଅଭିଯୋଗ ଅନୁଯାୟୀ, ରବିବାର ସକାଳେ ଅଭିଯୋଗକାରୀ ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ଆସିଥିଲେ। ଏହି ସମୟରେ ପ୍ରବଳ ଭିଡ଼ ଥିଲା। ଏହାର ସୁଯୋଗ ନେଇ ଅଭିଯୁକ୍ତ ତାଙ୍କ ବେକରୁ ସୁନାଚେନ ଛିଣ୍ଡାଇ ନେବାକୁ ଉଦ୍ୟମ କରିଥିଲେ। ଅଭିଯୋଗକାରୀ ଚେନ୍‌ଟିକୁ ମାଡି ବସି ପାଟି କରିବାରୁ ୨ ଅଭିଯୁକ୍ତ ଖସିଯିବାକୁ ଚେଷ୍ଟା କରିଥିଲେ। ତାଙ୍କୁ ଅନ୍ୟମାନେ ମାଡିବସି ପୁଲିସ ଜିମା ଦେଇଥିଲେ। ପୁଲିସ ଚେନ୍‌ଟିକୁ ଅଭିଯୋଗକାରୀଙ୍କୁ ପ୍ରଦାନ କରିଥିବା ବେଳେ ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

● ଶ୍ରୀସଦାଶିବ ପରିସରରେ ଜାତୀୟ ପାଠାଗାର ସପ୍ତାହ

## ପୁସ୍ତକର ସ୍ଥାନ କେହି ନେଇପାରିବେ ନାହିଁ

ପୁରୀ,୧୬ା୧୧(ସମିସ): କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସର ଆନୁକୂଲ୍ୟରେ ଗତ ଶୁକ୍ରବାର ଜାତୀୟ ପାଠାଗାର ସପ୍ତାହ ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

ଏଥିରେ ମୁଖ୍ୟଅତିଥି ଭାବେ ସାମନ୍ତ ଚନ୍ଦ୍ର ଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଚିତ୍ତରଞ୍ଜନ ଦ୍ୱିବେଦୀ ଯୋଗଦେଇ ପାଠାଗାରର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ, କୌଣସି ଜିନିଷ ପୁସ୍ତକର ସ୍ଥାନ ନେଇପାରିବ ନାହିଁ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜିକା ପ୍ରଫେସର ଅନୁପମା ପୃଷ୍ଟି ପଣ୍ଡିତ ହରିହର ଦାଶ ପାଠାଗାରର ଇତିହାସ ଏବଂ ବର୍ଷ ବର୍ଷ ଧରି ଏଥିରେ ହୋଇଥିବା ବିକାଶ ଏବଂ ପରିବର୍ତ୍ତନ ବିଷୟରେ ଏକ ବିସ୍ତୃତ ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ସହ ସଂଯୋଜିକା ତଥା ବୃତ୍ତିଗତ ସହାୟକ ଏବଂ ପାଠାଗାର ପ୍ରଭାରୀ ସୁଶ୍ରୀ ନିତ୍ୟା ରାହି ପାଠାଗାର ବିଷୟରେ ବିସ୍ତୃତ ଭାବରେ ବାଖ୍ୟା କରିବା ସହ ପାଠାଗାର ଭବିଷ୍ୟତରେ ବ୍ୟବହାରକାରୀଙ୍କ ପାଇଁ ଉପଲବ୍ଧ ନୂତନ ସେବା ଉପରେ କାର୍ଯ୍ୟ କରୁଛି ବୋଲି ମତ ଉପସ୍ଥାପନା କରିଥିଲେ।

ଅଧ୍ୟକ୍ଷ ଅଭିଭାଷଣରେ ନିର୍ଦ୍ଦେଶକ ପ୍ରଫେସର ମହାପାତ୍ର ପାଠାଗାରର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଏବଂ ଛାତ୍ରଛାତ୍ରୀ, କର୍ମଚାରୀ, ଗବେଷକ ଏବଂ ଅଧ୍ୟାପକମାନଙ୍କୁ ପାଠାଗାରର ସର୍ବାଧିକ ବ୍ୟବହାର କରିବା ସହ ପାଠାଗାରରେ ସମୟ ଉତ୍ସର୍ଗ କରି ସେମାନଙ୍କର ଜ୍ଞାନ ବୃଦ୍ଧି କରିବାକୁ ଆହ୍ୱାନ ଦେଇଥିଲେ। ପରିଶେଷରେ ପରିସରର ସହଯୋଗୀ ନିର୍ଦ୍ଦେଶକ ପ୍ରଫେସର ବିଜୟପାଲ୍ କଚ୍ଛୱା ଧନ୍ୟବାଦ ଅର୍ପଣ କରିଥିବାବେଳେ ଅଧ୍ୟାପକ ଡ. ଓମ୍ ନାରାୟଣ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଯେ, ଏହି କାର୍ଯ୍ୟକ୍ରମ ଉପଲକ୍ଷେ ପରିସରର ପଣ୍ଡିତ ହରିହର ଦାଶ ପାଠାଗାରରେ ଏକ ପୁସ୍ତକ ପ୍ରଦର୍ଶନୀ ଆୟୋଜିତ ହେବା ସହ ବିବିଧ ପ୍ରକାରର ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା।

ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ

## 'ନିରପେକ୍ଷ ଓ ସତ୍ୟ ଖବର ଗଣତନ୍ତ୍ରକୁ ସୁଦୃଢ଼ କରେ'

ପୁରୀ, ୧୬ା୧୧ (ସମିସ): ସାଧାରଣ ଲୋକଙ୍କ ଆଶା, ଭରସା ଓ ବିଶ୍ୱାସର ପ୍ରତୀକ ଗଣମାଧ୍ୟମ। ଏହା ସତ୍ୟ, ଅନୁସନ୍ଧାନଧର୍ମୀ, ନିରପେକ୍ଷ ଓ ସାଧାରଣଲୋକଙ୍କ ସମସ୍ୟା ସମାଧାନରେ ବ୍ରତୀ ହେବା ଉଚିତ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ। ରବିବାର ସଦ୍‌ଭାବନା ସଭାଗୃହ ପରିପରିସର ପୁରୀ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଚଳିତ ବର୍ଷର ଆଲୋଚ୍ୟ ପ୍ରସଙ୍ଗ "ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ବିଶ୍ୱାସନୀୟତାର ସଂରକ୍ଷଣ' ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ଭୋଇ ସମ୍ବାଦ ସଂଗ୍ରହ ଓ ପରିବେଷଣ ଶୈଳୀରେ ପୂର୍ବାପେକ୍ଷା ଅନେକ ପରିବର୍ତ୍ତନ ଘଟିଛି। କିନ୍ତୁ ସମାଜକୁ ଶୃଙ୍ଖଳିତ ଓ ବିକଶିତ କରିବାରେ ଗଣମାଧ୍ୟମ ପୂର୍ବ ପରି ତାହାର ପ୍ରଚେଷ୍ଟା ଜାରି ରଖିଛି। ଗଣତନ୍ତ୍ରକୁ ସୁଦୃଢ କରିବାରେ ୪ଟି ଯାକ ସ୍ତମ୍ଭର ସମନ୍ୱୟ ଓ କାର୍ଯ୍ୟକାରିତା ଗୁରୁତ୍ୱପୂର୍ଣ୍ଣ। ତେବେ ଭ୍ରମାତ୍ମକ ସମ୍ବାଦ ଶୀଘ୍ର ବ୍ୟାପେ ଓ ସମାଜରେ ଏହାର ନକରାତ୍ମକ ପ୍ରଭାବ ଅଧିକ। ଏହାକୁ ପ୍ରତିହତ କରିବାର



ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଉପ ଜିଲ୍ଲାପାଳ ରାଜ କିଶୋର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାଧାରଣ ଲୋକମାନଙ୍କ ସମସ୍ୟା, ଆବଶ୍ୟକତାକୁ ସରକାର ଓ ପ୍ରଶାସନ ନିକଟରେ ପହଞ୍ଚାଇବା ଓ ସରକାରଙ୍କ ବିଭିନ୍ନ ଯୋଜନା, ପ୍ରକଳ୍ପ ସମ୍ପର୍କରେ ସାଧାରଣ ଲୋକଙ୍କୁ ଅବଗତ ଓ ସଚେତନ କରାଇବାରେ ଗଣମାଧ୍ୟମର ଅବଦାନ ଅତୁଳନୀୟ। ତେବେ ଫେକ ନିଉଜ ବା ଭ୍ରମାତ୍ମକ ସମ୍ବାଦ ସମାଜରେ ଅସ୍ଥିରତା ଓ ବିଶୃଙ୍ଖଳା ସୃଷ୍ଟି କରିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସୂଚନା ଓ ଜନ ସମ୍ପର୍କ ଉତ୍ତର ପୂର୍ବାଞ୍ଚଳ ପରିଷଦର ପୂର୍ବତନ ନିର୍ଦ୍ଦେଶକ ମାନସ ରଞ୍ଜନ ମହାପାତ୍ର ଗଣମାଧ୍ୟମର ଉତ୍ପତ୍ତି, ପ୍ରାଚୀନ କାଳରେ ଗଣମାଧ୍ୟମର ଭୂମିକା, ସ୍ୱାଧୀନତା ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ସମୟରେ ଗଣମାଧ୍ୟମର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ସଠିକ ଖବର ଭଲ ସୃଷ୍ଟି କଲାବେଳେ ଭ୍ରମାତ୍ମକ ଖବର ବିଶୃଙ୍ଖଳା ସୃଷ୍ଟି କରିଥାଏ ବୋଲି ସେ କହିଥିଲେ।

ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଏଥିରେ ଅଧ୍ୟକ୍ଷତା କରିବା ସହ ସତ୍ୟ ଓ ନିରପେକ୍ଷ ସମ୍ବାଦ ପରିବେଷଣ ଗଣତନ୍ତ୍ରକୁ ମଜବୁତ କରିଥାଏ। ଗଣତନ୍ତ୍ରର ସୁରକ୍ଷା ଓ ସମୃଦ୍ଧି ପାଇଁ ଗଣମାଧ୍ୟମ ପ୍ରତିନିଧିମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ବରିଷ୍ଠ ସାମ୍ବାଦିକ ଜୁପିଟର ଦାସ, ବିଶ୍ୱଜିତ ପଟ୍ଟନାୟକ ଗଣମାଧ୍ୟମର କାର୍ଯ୍ୟ କାରିତା, ସମସ୍ୟା, ବିଭିନ୍ନ ବିପଦପୂର୍ଣ୍ଣ ସମୟରେ ସେମାନଙ୍କ କାର୍ଯ୍ୟ ଓ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସ୍ୱାଗତ କରିବା ସହ ସଭା ପରିଚାଳନା କରି ଗଣମାଧ୍ୟମ ସାଧାରଣ ଜନତାର ସ୍ୱର ହେବା ସହ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତରେ ସହଯୋଗ ରଖିବା ଓ ଭ୍ରମାତ୍ମକ ଖବର ପରିବର୍ତ୍ତେ ସଠିକ ତଥ୍ୟ ଭିତ୍ତିକ ସତ୍ୟ ସମ୍ବାଦ ପରିବେଷଣ ପାଇଁ ଅନୁରୋଧ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରାରମ୍ଭରେ ବନ୍ଦେ ମାତରମ

**ଭ୍ରମାତ୍ମକ ଖବର ସମାଜରେ ଅସ୍ଥିରତା ଓ ବିଶୃଙ୍ଖଳା ସୃଷ୍ଟି କରିଥାଏ**

ସଙ୍ଗୀତ ପରିବେଷଣ କରାଯାଇଥିଲା। ଦିବଂଗତ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ସହକାରୀ ଜିଲ୍ଲା ସୂଚନା ଅଧିକାରୀ ରାଜେନ୍ଦ୍ର କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

କାର୍ଯ୍ୟକ୍ରମରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ୍ତ ସେନାପତି, ପ୍ରୋଜେକ୍ସନିଷ୍ଟ ପ୍ରସନ୍ନ କୁମାର ସାହୁ, କର୍ମଚାରୀ ମିନତୀ ଦାସ, ରବୀନ୍ଦ୍ର କୁମାର ଦାସ, ପ୍ରଦୀପ୍ତ ପଟ୍ଟନାୟକ, ସୁବ୍ରତ କୁମାର ସାହୁ, ତ୍ରିନାଥ ପାତ୍ର, ପ୍ରତିମା ମହାନ୍ତି, ଲକ୍ଷ୍ମୀଧର ନାୟକ ପ୍ରମୁଖ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ସ୍ୱାଧୀନ ଭାରତର ଅନନ୍ୟ ଉପଲବ୍ଧି ମଧ୍ୟରୁ ମୁକ୍ତ ଗଣମାଧ୍ୟମ ଅନ୍ୟତମ।
-ସବାନା ଆଜ୍‌ମୀ

## ଅର୍ଥନୀତି ଉପରେ ରାଜନୀତି ବୋଝ

କ୍ଷମତା ହାସଲ ପାଇଁ ନିର୍ବାଚନ ରଣନୀତିର ଏକ ଅପରିହାର୍ଯ୍ୟ ଅଙ୍ଗ ପାଲଟିଥିବା ଫ୍ରିବିଜ୍'ବା 'ମାଗଣା' ନାମକ ଅସ୍ତ୍ରଟିର ସୁଦୂରପ୍ରସାରୀ ପ୍ରଭାବ ସାମଗ୍ରିକ ଭାବେ ଦେଶର ଅର୍ଥନୀତି ଉପରେ ପଡୁଥିବା ଜାଣି ମଧ୍ୟ ରାଜନୈତିକ ଦଳମାନଙ୍କର ସେଥିପ୍ରତି ଭ୍ରୂକ୍ଷେପ ନାହିଁ। ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଏକାଧିକ ଥର ଏ ବିଷୟରେ ରାଜନୈତିକ ଦଳମାନଙ୍କୁ ସଚେତନ କରିବା ସହିତ ଅସନ୍ତୋଷ ପ୍ରକାଶ କରିଛନ୍ତି। କିନ୍ତୁ ଭାରତୀୟ ରାଜନୀତିରେ ଏଭଳି ଅବାଞ୍ଛିତ ଧାରା ହ୍ରାସ ପାଇବା ବଦଳରେ ବଢ଼ି ଚାଲିଛି। ସଦ୍ୟସମାପ୍ତ ବିହାର ନିର୍ବାଚନରେ ମଧ୍ୟ ମହିଳା ଉଦ୍ୟୋଗୀଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଅଗ୍ରୀମ ହସ୍ତାନ୍ତର ନିର୍ବାଚନ ଫଳକୁ ନିର୍ଣ୍ଣାୟକ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ରାଜନୈତିକ ବିଶାରଦମାନେ ମତ ଦେଇଛନ୍ତି। ଏହାର ବୋଝକୁ ଗରିବ ରାଜ୍ୟ ବିହାରର ଅର୍ଥନୀତି କେତେ ସହିପାରିବ ତାହା ଭିନ୍ନ କଥା।

ବିଭିନ୍ନ ନାମରେ ନଗଦ ପ୍ରତ୍ୟକ୍ଷ ହସ୍ତାନ୍ତର ରଣକୌଶଳଟି ମଧ୍ୟପ୍ରଦେଶରେ ସଫଳ ସାବ୍ୟସ୍ତ ହେବା ପରେ ଓଡ଼ିଶା, ମହାରାଷ୍ଟ୍ର, ବିହାର ସମେତ ଅନ୍ୟ କେତେକ ରାଜ୍ୟରେ ପ୍ରୟୋଗ କରି ଶାସକ ଦଳ ଆଶାତୀତ ସଫଳତା ହାସଲ କରିଚାଲିଛନ୍ତି। ଯୋଗ୍ୟ ମହିଳା ହିତାଧିକାରୀମାନଙ୍କୁ ଏଭଳି ନଗଦ ହସ୍ତାନ୍ତର ଯୋଜନା ମାଧ୍ୟମରେ ଜାମ୍ମୁକାଶ୍ମୀରରେ ସର୍ବାଧିକ ମାସିକ ୫ ହଜାର ଟଙ୍କା ଲେଖାଏଁ ମିଳୁଥିବା ବେଳେ ହିମାଚଳ ପ୍ରଦେଶ ଓ ଆନ୍ଧ୍ରପ୍ରଦେଶରେ ମାସିକ ୧୫୦୦ ଟଙ୍କା, ପଞ୍ଜାବରେ ୧୧୦୦ ଟଙ୍କା, ଛତିଶଗଡ଼ ଓ ପଶ୍ଚିମବଙ୍ଗ ଓ ତାମିଲନାଡୁରେ ୧୦୦୦ ଟଙ୍କା, ଦିଲ୍ଲୀ, ମହାରାଷ୍ଟ୍ର ଓ ହରିଆଣାରେ ୨୧୦୦ ଟଙ୍କା, ଝାଡ଼ଖଣ୍ଡ ଓ ତେଲଙ୍ଗାନାରେ ୨୫୦୦ ଟଙ୍କା, ମଧ୍ୟପ୍ରଦେଶ ଓ ଆସାମରେ ୧୨୫୦ ଟଙ୍କା, କର୍ଣ୍ଣାଟକରେ ୨୦୦୦ ଟଙ୍କା ଓ ଓଡ଼ିଶାରେ ସର୍ବନିମ୍ନ ୮୩୩ ଟଙ୍କା ମିଳୁଛି। ଅପରପକ୍ଷରେ ଦେଶର ଜିଡିପିରେ ୯୦% ଅବଦାନ ରଖୁଥିବା ଉପରୋକ୍ତ ରାଜ୍ୟଗୁଡ଼ିକର ଋଣ ବୋଝ ସାମଗ୍ରିକ ଭାବେ ୨୮ ଲକ୍ଷ କୋଟି ଟଙ୍କାରୁ ଅଧିକ। ସେମାନଙ୍କର ମୋଟ ବିତ୍ତୀୟ ନିଅଣ୍ଟ ପରିମାଣ ୨୦୨୪-୨୫ ଆର୍ଥିକ ବର୍ଷ ସୁଦ୍ଧା ୯.୫ ଲକ୍ଷ କୋଟି ଏବଂ ରାଜସ୍ୱ ନିଅଣ୍ଟ ୨.୧ ଲକ୍ଷ କୋଟି ଟଙ୍କାରୁ ଅଧିକ।

ଋଣଂ କୃତ୍ୱା ଘୃତଂ ପିବେତ୍ ନୀତି ହିଁ ଏବେ ରାଜନୀତିର ମୂଳମନ୍ତ୍ର ହୋଇଥିବାରୁ 'ନୋଟ୍ ବଦଳରେ ଭୋଟ'ର ଏହି ପରିବର୍ତ୍ତିତ ଧାରା ବିଭିନ୍ନ ଯୋଜନାର ମୁଖା ପିନ୍ଧି ଏକପ୍ରକାର ବୈଧ ହୋଇସାରିଛି। ତେଣୁ ବିନା ଫ୍ରିବିଜ୍ ଘୋଷଣାରେ କେହି ନିର୍ବାଚନ ଜିତିପାରିବେ ନାହିଁ କି କ୍ଷମତାକୁ ଆସିବା ପରେ ଏଭଳି ଅବାଞ୍ଛିତ ପରମ୍ପରାର ସମ୍ପୂର୍ଣ୍ଣ ବିଲୋପ ପାଇଁ ସଂସ୍କାର ଆଣିପାରିବେ ନାହିଁ। ଭାରତୀୟ ଗଣତନ୍ତ୍ର ଏହି ଫ୍ରିବିଜ୍ ରୂପକ ଅସ୍ତ୍ରରେ କ୍ଷତାକ୍ତ ହୋଇଚାଲିଥିବ ଏବଂ ଭାରତୀୟ ଅର୍ଥନୀତି ଏହି ବୋଝ ମୁଣ୍ଡାଇ ଚାଲିଥିବ। ଏଥିରୁ ନିସ୍ତାର ସମ୍ଭାବନା ସୁଦୂର ଭବିଷ୍ୟତରେ ମଧ୍ୟ ଦେଖାଯାଉନାହିଁ।

## ଯକ୍ଷ୍ମା-ସମସ୍ୟା ଜଟିଳ

ଯକ୍ଷ୍ମା ଭଳି ଧୀର ଅଥଚ ପ୍ରାଣଘାତୀ ସଂକ୍ରମଣରେ ପ୍ରତିବର୍ଷ ଯେତିକି ଲୋକ ଭାରତରେ ମୃତ୍ୟୁମୁଖରେ ପଡୁଛନ୍ତି ତାହା କରୋନା ମହାମାରୀ ଜନିତ ମୃତ୍ୟୁ ସଂଖ୍ୟାଠାରୁ ମଧ୍ୟ ଅଧିକ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ପ୍ରକାଶିତ ସଦ୍ୟତମ(ଗତ ୧୨ ତାରିଖ) ବିଶ୍ୱ ଯକ୍ଷ୍ମା ରିପୋର୍ଟ ୨୦୨୫ର ତଥ୍ୟାନୁଯାୟୀ ଗତବର୍ଷ ଭାରତରେ ୨୭ ଲକ୍ଷ ୧୦ ହଜାର ରୋଗୀ ଥିବା ବେଳେ ୩ ଲକ୍ଷ ରୋଗୀ ପ୍ରାଣ ହରାଇଛନ୍ତି। ରିପୋର୍ଟ ଅନୁଯାୟୀ ଏବେ ବିଶ୍ୱର ଏକ-ଚତୁର୍ଥାଂଶରୁ ଅଧିକ ଯକ୍ଷ୍ମା ରୋଗୀ ଭାରତରେ ଅଛନ୍ତି, ଯାହା ଦେଶର ଜନସ୍ୱାସ୍ଥ୍ୟ ପରିଚାଳନାରେ ବ୍ୟାପକ ପ୍ରତିବନ୍ଧକ ସୃଷ୍ଟି କରୁଛି।

ପ୍ରତିବର୍ଷ ମାର୍ଚ୍ଚ ମାସରେ କେନ୍ଦ୍ର ସରକାର ଯକ୍ଷ୍ମା ରୋଗ ସମ୍ପର୍କିତ ତଥ୍ୟ ଜାରି କରୁଥିଲେ ମଧ୍ୟ ଚଳିତ ବର୍ଷ ଏଥିରୁ ଦୂରେଇ ରହିବାର କାରଣ ଜଣାପଡ଼ିନାହିଁ। ୨୦୩୦ସୁଦ୍ଧା ବିଶ୍ୱରେ ଯକ୍ଷ୍ମାକୁ ସମ୍ପୂର୍ଣ୍ଣ ବିଲୋପ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ୨୦୨୫ ସୁଦ୍ଧା 'ଯକ୍ଷ୍ମାମୁକ୍ତ ଭାରତ' ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। 'ଯକ୍ଷ୍ମାମୁକ୍ତ ଭାରତ' ପାଇଁ ଗଠିତ ଆଇପିସି ପ୍ରକଳ୍ପ ୧୦ଟି ରାଜ୍ୟର ୬୩ଟି ଜିଲ୍ଲାର ୧୮ ୯ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପରିବ୍ୟାପ୍ତ ହୋଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଗତବର୍ଷ ସେପ୍ଟେମ୍ବର ମାସରେ ବିପିଏଏଲ୍‌ଏମ୍ ନାମରେ ଏକ ଅଭିଯାନ ଆରମ୍ଭ କରିଛି, ଯାହା ଏମ୍‌ଡିଆର-ଟିବି ଉପଚାର ପାଇଁ ଉଦ୍ଦିଷ୍ଟ। ଏ ସବୁ ପ୍ରୟାସ ସତ୍ତ୍ୱେ ପ୍ରାଥମିକସ୍ତରରେ ଯକ୍ଷ୍ମାର ଚିହ୍ନଟ ବ୍ୟବସ୍ଥା ପ୍ରଭାବଶାଳୀ ଓ କ୍ରିୟାଶୀଳ ହେଉ ନ ଥିବା କାରଣରୁ ଆଉ ମାତ୍ର ମାସେ ଭିତରେ ଏହି ଲକ୍ଷ୍ୟ ହାସଲକୁ ନେଇ ସନ୍ଦେହ ସୃଷ୍ଟି ହେଉଛି। ବିଶ୍ୱ ଯକ୍ଷ୍ମା ରିପୋର୍ଟ ୨୦୨୫ ଅନୁଯାୟୀ ଭାରତରେ ୨୦୧୫ରୁ ୨୦୨୪ ମଧ୍ୟରେ ଯକ୍ଷ୍ମା ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ଧାର୍ଯ୍ୟ ଲକ୍ଷ୍ୟ ୫୦% ବଦଳରେ ମାତ୍ର ୨୧% ହୋଇପାରିଛି। ସେହିପରି ଯକ୍ଷ୍ମା ସଂକ୍ରମିତ ମୃତକଙ୍କ ସଂଖ୍ୟା ଏହି ସମୟ ମଧ୍ୟରେ ଧାର୍ଯ୍ୟ ଲକ୍ଷ୍ୟ ୭୫% ବଦଳରେ ମାତ୍ର ୨୮% କମିଛି। ଏମ୍‌ଡିଆର-ଟିବି(ବହୁଔଷଧ ପ୍ରତିରୋଧକାରୀ ଯକ୍ଷ୍ମାରୋଗୀ)ଙ୍କ ସଂଖ୍ୟା ଭାରତରେ ବିଶ୍ୱର ସର୍ବାଧିକ ୨୭% ଥିବା ବେଳେ ବିଶ୍ୱର ମୋଟ ମୃତକଙ୍କ ମଧ୍ୟରେ ୨୯% ଭାରତରେ ରହିଛନ୍ତି।

ବିଡ଼ମ୍ବନା ହେଉଛି ଯକ୍ଷ୍ମା ସଂକ୍ରମଣ ହ୍ରାସ ହାର ଆଶାନୁରୂପ ହୋଇପାରୁନଥିବା ବେଳେ ଏହାର ନିରାକରଣ ବା ସମ୍ପୂର୍ଣ୍ଣ ବିଲୋପ ସାଧନ ପାଇଁ ପାଣ୍ଠି ବଢ଼ିବା ବଦଳରେ କମିବାରେ ଲାଗିଛି। ଘରୋଇ ସହଭାଗିତା ମଧ୍ୟ ହ୍ରାସ ପାଇଛି। ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଭାରତରେ ଜନସ୍ୱାସ୍ଥ୍ୟ ପରିଚାଳନା ଓ ବଜେଟ୍ ବ୍ୟବସ୍ଥା ସେତେ ସୁଦୃଢ଼ ନୁହେଁ କି ଜନସଚେତନତା ମଧ୍ୟ ପର୍ଯ୍ୟାପ୍ତ ନୁହେଁ। ଏଣୁ ଭାରତରେ ଯକ୍ଷ୍ମା ବ୍ୟାପିବା ପାଇଁ ଅନୁକୂଳ ପରିବେଶ ରହିଛି। ତେଣୁ ଲକ୍ଷ୍ୟ ହାସଲ ପାଇଁ ତୃଣମୂଳସ୍ତରରେ ମୌଳିକ ଚିକିତ୍ସା ସେବାକୁ ଯୁଦ୍ଧକାଳୀନ ଭିତ୍ତିରେ ତ୍ୱରାନ୍ୱିତ କରିବାକୁ ହେବ।

# ଆଜିର ସାମ୍ବାଦିକତା: ସମ୍ମାନ, ସମସ୍ୟା ଓ ସମାଧାନ

ବିଭୂତି ଭୂଷଣ କର

ଯେଉଁ ମହାନ ବୃତ୍ତି ସମାଜର ଦର୍ପଣ ତଥା ଲୋକତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ପରିଚିତ, ତାହାର ବର୍ତ୍ତମାନ ଅବସ୍ଥା, ସମ୍ମୁଖୀନ ହେଉଥିବା ଆହ୍ୱାନ ଓ ଭବିଷ୍ୟତର ଗତିପଥ ଆଲୋଚନାସାପେକ୍ଷ। ସାମ୍ବାଦିକତା ହେଉଛି ସତ୍ୟ ଓ ନ୍ୟାୟର ପ୍ରତିନିଧି। ସଜାଗ ସାମ୍ବାଦିକ ସମାଜକୁ ସଚେତନ ରଖେ, କ୍ଷମତା କେନ୍ଦ୍ରଗୁଡ଼ିକ ସହ ଉତ୍ତରଦାୟିତ୍ୱର ମଧ୍ୟସ୍ଥତା କରେ ଏବଂ ସାଧାରଣ ଲୋକଙ୍କ ସ୍ୱରକୁ ସଶକ୍ତ କରେ। ଏକ ଗଠନମୂଳକ ସାମ୍ବାଦିକତା ସମାଜରେ ବିଶ୍ୱାସ, ସହିଷ୍ଣୁତା ଓ ପାରସ୍ପରିକ ଆଲୋଚନାକୁ ବଢ଼ାଇଥାଏ।

ବର୍ତ୍ତମାନ ସମୟର ସାମ୍ବାଦିକମାନେ ଅନେକ ଜଟିଳ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। ସମୟକ୍ରମେ ଗଣମାଧ୍ୟମ ସଂସ୍ଥା ଉପରେ ଆର୍ଥିକ ଚାପ ବଢ଼ିବା ଫଳରେ ପରୋକ୍ଷରେ ସଂପୃକ୍ତ ସଂସ୍ଥାର ସ୍ୱାଧୀନତା ଉପରେ ତାହାର ପ୍ରଭାବ ପରିଲକ୍ଷିତ ହେଉଛି। ବିଜ୍ଞାପନ ଓ ବଜାର ଚାପ ଯୋଗୁଁ ଗୁଣବତ୍ତାପୂର୍ଣ୍ଣ ସାମ୍ବାଦିକତା ବାଧାଗ୍ରସ୍ତ ହେଉଛି। କ୍ଷମତାଶାଳୀ ଶକ୍ତିଙ୍କ ତରଫରୁ ପ୍ରତ୍ୟକ୍ଷ ଓ ପରୋକ୍ଷ ହସ୍ତକ୍ଷେପ ସାମ୍ବାଦିକତାର ମୁକ୍ତ ପ୍ରବାହରେ ବାଧା ସୃଷ୍ଟି କରୁଛି। ଅସତ୍ୟ ଖବର(ଫେକ୍ ନ୍ୟୁଜ୍), ଦ୍ରୁତଗାମୀ ଖବର(ବ୍ରେକିଂ ନ୍ୟୁଜ୍)ର ଚାପ, ଟ୍ରୋଲ୍ ବାହିନୀ ଓ ଅତିମାତ୍ରାରେ ସାମାଜିକ ଗଣମାଧ୍ୟମ ପ୍ରତିକ୍ରିୟା ଯୋଗୁଁ ଭୁଲ୍ ଖବର ପ୍ରସାରିତ ହେବାର ଆଶଙ୍କା ବଢ଼ିଛି। ଅନ୍ୟପକ୍ଷରେ ସ୍ଥାନୀୟ ସ୍ତରରେ, ସାମ୍ବାଦିକମାନେ ହିଂସ୍ର ଆକ୍ରମଣ ଓ ମାନସିକ ଉତ୍ପୀଡ଼ନର ଶିକାର ହେଉଛନ୍ତି। ନିର୍ଭୀକ ଓ ନିରପେକ୍ଷ ସାମ୍ବାଦିକତା ପାଇଁ ବାତାବରଣ ସତେଯେପରି ସଂକୁଚିତ ହୋଇଯାଉଛି। ଆମ ଦେଶ ସମେତ ଅନେକ ରାଷ୍ଟ୍ରରେ ସାମ୍ବାଦିକତା ଉପରେ ରାଜନୈତିକ ଚାପ ବଢ଼ିଛି। ସ୍ୱଚ୍ଛନ୍ଦତା ଓ ସ୍ୱାଧୀନତା ଉପରେ ଆଘାତ କରୁଥିବା ଆଇନ ପ୍ରଣୟନ, ସାମ୍ବାଦିକତା ଅନୁସନ୍ଧାନରେ ବାଧା ଓ ସାମ୍ବାଦିକଙ୍କୁ ଭୟଭୀତ କରିବାର ଚେଷ୍ଟା କରାଯାଉଛି। ଜନସାଧାରଣଙ୍କ ମଧ୍ୟରେ ଗଣମାଧ୍ୟମ ପ୍ରତି ବିଶ୍ୱାସ କ୍ରମଶଃ ହ୍ରାସ ପାଇବାରେ ଲାଗିଛି।

ଏହିସବୁ ଆହ୍ୱାନକୁ ସଫଳତାର ସହ ସମ୍ମୁଖୀନ ହୋଇ ସାମ୍ବାଦିକତାର ଭବିଷ୍ୟତ ଉଜ୍ଜ୍ୱଳ କରିବା ପାଇଁ କେତେକ ମୌଳିକ ପଦକ୍ଷେପ ଆବଶ୍ୟକ। ସାମ୍ବାଦିକତାର ମୂଳଦୁଆ ହେଉଛି ନୈତିକତା। ପ୍ରମାଣିକତା, ସଠିକତା, ନିଷ୍ପକ୍ଷତା ଓ ଦାୟିତ୍ୱଶୀଳତାକୁ ପ୍ରାଧାନ୍ୟ ଦେବା ଜରୁରୀ। ଯେକୌଣସି ଖବର ପ୍ରକାଶ ପୂର୍ବରୁ ତାହାର ଯାଞ୍ଚ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନୂତନ ଯୁଗରେ ଡିଜିଟାଲ୍ ସାକ୍ଷରତା ଏକ ଅତ୍ୟାବଶ୍ୟକୀୟ ଦକ୍ଷତା। ଅସତ୍ୟ ଖବର ଚିହ୍ନଟ, ଡିଜିଟାଲ୍ ଟୁଲ୍ସ ବ୍ୟବହାର କରି ଗଭୀର ସତ୍ୟାନ୍ୱେଷଣ ଓ ଡିଜିଟାଲ୍ ସୁରକ୍ଷା ବିଷୟରେ ସାମ୍ବାଦିକମାନଙ୍କୁ ପ୍ରଶିକ୍ଷିତ କରାଯିବା ଉଚିତ। ଗଣମାଧ୍ୟମ ସଂସ୍ଥାଗୁଡ଼ିକୁ ବିଜ୍ଞାପନ ଉପରେ ନିର୍ଭରଶୀଳତା କମ କରି ସଦସ୍ୟତା ମଡେଲ, କ୍ରସ୍-ସବସିଡି, ଫାଉଣ୍ଡେସନ୍ ମଡେଲ ଭଳି ବିକଳ୍ପ ଆର୍ଥିକ ମଡେଲ ଅନୁସନ୍ଧାନ କରିବା ଉଚିତ। ସାମ୍ବାଦିକଙ୍କ ସୁରକ୍ଷା ନିଶ୍ଚିତ କରୁଥିବା ଆଇନ ପ୍ରଣୟନ ସହ ତାହାର ପ୍ରୟୋଗ ଜରୁରୀ। ସାମ୍ବାଦିକଙ୍କ ବିରୁଦ୍ଧରେ ହେଉଥିବା ହିଂସା ଘଟଣାକୁ ଦ୍ରୁତ ଓ କଠୋର ଭାବେ ମୁକାବିଲା କରିବା ଆବଶ୍ୟକ। ସାମ୍ବାଦିକମାନେ ଭୁଲ୍ ସୁଧାରିବା ସହ ଫିଡବ୍ୟାକ୍ ଗ୍ରହଣ ଏବଂ ଜନସାଧାରଣଙ୍କ ସହ ନିୟମିତ ଯୋଗାଯୋଗ କରି ଗଣମାଧ୍ୟମର ବିଶ୍ୱାସ ଫେରାଇ ଆଣିବା ଉପରେ ଗୁରୁତ୍ୱ ଦେବାକୁ ହେବ।

ଆଜିର ସାମ୍ବାଦିକତା କେବଳ ଘଟଣାର ସରଳ ବର୍ଣ୍ଣନା ନୁହେଁ, ବରଂ ଏହା ଏକ ଜଟିଳ ପ୍ରକ୍ରିୟା, ଯାହା ତଥ୍ୟ ଯାଞ୍ଚ, ପ୍ରସଙ୍ଗ ବିଶ୍ଳେଷଣ, ମତବାଦ ଗଠନ ଏବଂ ସମାଜିକ ଦାୟିତ୍ୱ ମଧ୍ୟରେ ସନ୍ତୁଳନ ବଜାୟ ରଖେ। ଡିଜିଟାଲ ଯୁଗରେ ସାମ୍ବାଦିକତାର ପରିସର ବ୍ୟାପକ ହୋଇଛି। ପାରମ୍ପରିକ ମୁଦ୍ରଣ ଓ ବୈଦ୍ୟୁତିକ ଗଣମାଧ୍ୟମ ସହିତ ଅନଲାଇନ୍ ନ୍ୟୁଜ୍ ପୋର୍ଟାଲ୍, ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଓ ସିଟିଜନ୍ ଜର୍ଣ୍ଣାଲିଜମ୍ ଆଦି ଯୋଗୁଁ ଖବରର ପ୍ରବାହ ଅତୀବ ଦ୍ରୁତ ଓ ବିସ୍ତୃତ ହୋଇଛି। ଏହି ଡିଜିଟାଲ ପରିବର୍ତ୍ତନ ସହିତ ଆସିଛି '୨୪ ଘଣ୍ଟିଆ ନ୍ୟୁଜ୍ ସାଇକେଲ୍'ର ଚାପ। ଖବର ପ୍ରସାରଣର ଗତି ବୃଦ୍ଧି ପାଇଥିଲେ ମଧ୍ୟ ଏହା ଖବରର ଗୁଣବତ୍ତା ଉପରେ ପ୍ରଶ୍ନଚିହ୍ନ ସୃଷ୍ଟି କରିଛି। ପ୍ରଥମେ ଖବର ପହଞ୍ଚିବାର ଚାପରେ ଯାଞ୍ଚ ନ କରାଯାଇଥିବା ତଥ୍ୟ ଓ ମିଥ୍ୟା ଖବରର ପ୍ରସାର ବଢ଼ିଛି। ଏହି ପରିସ୍ଥିତିରେ, ଜଣେ ଆଧୁନିକ ସାମ୍ବାଦିକଙ୍କ ଭୂମିକା କେବଳ ଏକ ରିପୋର୍ଟର ନ ରହି, ଜଣେ ଫ୍ୟାକ୍ଟ-ଚେକର୍, ଡାଟା ବିଶ୍ଳେଷକ ଏବଂ ପ୍ରସଙ୍ଗ ସ୍ରଷ୍ଟା ଭାବରେ ବିକଶିତ ହୋଇଛି। ତେଣୁ ସାମ୍ବାଦିକଙ୍କୁ ଡିଜିଟାଲ୍ ଟୁଲ୍ସ, ଡାଟା ବିଶ୍ଳେଷଣ ଏବଂ ଫ୍ୟାକ୍ଟ-ଚେକିଂ ପ୍ରଣାଳୀ ପ୍ରତି ଅଧିକ ଦକ୍ଷ କରାଯିବା ଉଚିତ୍। ଜନସାଧାରଣଙ୍କୁ ମଧ୍ୟ ମିଡିଆ ସାକ୍ଷରତା ଶିକ୍ଷା ଦେବା ଜରୁରୀ, ଯାହା ସେମାନଙ୍କୁ ଭ୍ରମପୂର୍ଣ୍ଣ ଖବରଠାରୁ ପ୍ରମାଣିତ ଖବର ପୃଥକ୍ କରିବାରେ ସହାୟକ ହେବ।

ନୈତିକତା ଓ ଦାୟିତ୍ୱବୋଧ ପ୍ରତି ଅଙ୍ଗୀକାରବଦ୍ଧତା ସ୍ୱରୂପ ସାମ୍ବାଦିକତାର ମୌଳିକ ନୀତି - ସଠିକତା, ନିରପେକ୍ଷତା, ନ୍ୟାୟପୂର୍ଣ୍ଣତା ଓ ମାନବିକତା - କେବେ ବି ଅଣଦେଖା କରାଯାଇ ପାରିବ ନାହିଁ। ଗଣମାଧ୍ୟମ ସଂସ୍ଥାଗୁଡ଼ିକୁ ନିଜର ନୈତିକ ମାନଦଣ୍ଡ ମଜବୁତ କରିବା ଉଚିତ୍ ଏବଂ ସ୍ୱଚ୍ଛତା ବଜାୟ ରଖିବା ଉଚିତ୍।

ସରକାର ଓ ସମାଜର ଦାୟିତ୍ୱ ହେଉଛି ସାମ୍ବାଦିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା। ସାମ୍ବାଦିକଙ୍କ ବିରୁଦ୍ଧରେ ହିଂସା ଓ ଉତ୍ପୀଡ଼ନର ଘଟଣାଗୁଡ଼ିକର ସଠିକ୍ ତଦନ୍ତ ହୋଇ ଦୋଷୀଙ୍କୁ ଦଣ୍ଡ ଦିଆଯିବା ଜରୁରୀ। ସାମ୍ବାଦିକତାର ସ୍ୱାଧୀନତା ହେଉଛି ଗଣତନ୍ତ୍ରର ମୂଳଦୁଆ। ସ୍ୱାଧୀନ ଭାବରେ କାର୍ଯ୍ୟ କରିବା ପାଇଁ ସୁରକ୍ଷିତ ପରିବେଶ ସୃଷ୍ଟି କରିବା ସହ ଗଣମାଧ୍ୟମର ସ୍ୱାଧୀନତାକୁ ଅକ୍ଷୁର୍ଣ୍ଣ ରଖିବା ବାଞ୍ଛନୀୟ। ରାଜନୈତିକ ହସ୍ତକ୍ଷେପରୁ ମୁକ୍ତ ରହି ସତ୍ୟକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ସାମ୍ବାଦିକଙ୍କୁ ସମ୍ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରାଯିବା ଉଚିତ୍। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସାମ୍ବାଦିକଙ୍କ ମଧ୍ୟରେ ସହଯୋଗ ବୃଦ୍ଧି ପାଇବା ଉଚିତ୍। ଜ୍ଞାନ ଓ ଅନୁଭୂତି ଆଦାନପ୍ରଦାନ, ସମ୍ମିଳିତ ଅନୁସନ୍ଧାନ ଏବଂ ପେସାଦାର ସଂଗଠନଗୁଡ଼ିକ ମାଧ୍ୟମରେ ଏକତ୍ରିତ ହୋଇ ଆହ୍ୱାନଗୁଡ଼ିକର ସାମ୍ନା କରିବା ଆବଶ୍ୟକ।

ବର୍ତ୍ତମାନର ଜଟିଳ ପରିବେଶରେ ସାମ୍ବାଦିକତାର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ। ସମସ୍ୟା ସତ୍ତ୍ୱେ ସଚ୍ଚୋଟତା, ସାହସ ଏବଂ ନିଷ୍ପାପର ରିପୋର୍ଟିଂ ପ୍ରତି ସାମ୍ବାଦିକଙ୍କ ପ୍ରତିଶ୍ରୁତି ଅବ୍ୟାହତ ରହିଛି। ଭବିଷ୍ୟତର ଗତିପଥକୁ ସ୍ପଷ୍ଟ କରିବାକୁ ଯାଇ ଆମକୁ ଏକ ଅଧିକ ଉତ୍ତରଦାୟୀ, ସମାନ୍ତରାଳ ଓ ନ୍ୟାୟପୂର୍ଣ୍ଣ ସାମ୍ବାଦିକତା ପ୍ରତି ଅଗ୍ରସର ହେବାକୁ ହେବ। ସାମ୍ବାଦିକତା କେବଳ ଶକ୍ତିଶାଳୀଙ୍କ କଥା ନ କହି, ନିର୍ବଳଙ୍କ କଥା କହିବ, ଯାହା ଶକ୍ତି ଉପରେ ନଜର ରଖିବ ଏବଂ ସତ୍ୟକୁ ସର୍ବୋଚ୍ଚ ମୂଲ୍ୟ ଦେବ। ଏହି ଦିଗଦର୍ଶନ ଅନୁସରଣ କଲେ ହିଁ ସାମ୍ବାଦିକତା ତା'ର ଗରିମାମୟୀ ପରମ୍ପରା ବଜାୟ ରଖିପାରିବ ଏବଂ ଭବିଷ୍ୟତରେ ମଧ୍ୟ ଜନସାଧାରଣର ବିଶ୍ୱାସ ଓ ଆସ୍ଥାଭାଜନ ହୋଇରହିପାରିବ।

ଏବେ କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ଯୋଗୁଁ ସାମ୍ବାଦିକତା କ୍ଷେତ୍ରରେ ଏକ ବୈପ୍ଲବିକ ପରିବର୍ତ୍ତନ ଆସିଛି, ଯାହା ଗଣମାଧ୍ୟମ ସ୍ୱାଧୀନତା ପାଇଁ ନୂଆ ସୁଯୋଗ ସହିତ ଗମ୍ଭୀର ଆହ୍ୱାନ ମଧ୍ୟ ସୃଷ୍ଟି କରିଛି। କ୍ରୀଡ଼ା, ଅର୍ଥନୀତି ଓ ପାଣିପାଗ ସମ୍ବାଦ ଭଳି ଡାଟା-କେନ୍ଦ୍ରିତ ଖବର ଲେଖିବାରେ ଏଆଇ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଛି। ଏହା ସାମ୍ବାଦିକଙ୍କ ସମୟ ବଞ୍ଚାଇବାରେ ସହାୟକ ହୋଇଛି। ତଥ୍ୟ ଯାଞ୍ଚ ଓ ଫ୍ୟାକ୍ଟ-ଚେକିଂ କ୍ଷେତ୍ରରେ ଏଆଇ ପ୍ରମୁଖ ଭୂମିକା ନିର୍ବାହ କରୁଛି, ଯାହା ନିର୍ଭରଯୋଗ୍ୟ ଖବର ପ୍ରସାରଣରେ ସହାୟକ ହେଉଛି। ବ୍ୟକ୍ତିଗତକୃତ ସମ୍ବାଦ ପ୍ରଦାନ କ୍ଷେତ୍ରରେ ଏଆଇ ବ୍ୟବହାରକାରୀଙ୍କ ଅଭିରୁଚି ଅନୁଯାୟୀ ସମ୍ବାଦ ଭିତ୍ତିକ ବିଷୟବସ୍ତୁ ବାଛିବାରେ ସହାୟତା କରିପାରୁଛି। ଏଆଇ ଚାଳିତ ଅନୁବାଦ ଟୁଲଗୁଡ଼ିକ ବିଷୟକୁ ବିଭିନ୍ନ ଭାଷାରେ ଅନୁବାଦିତ କିମ୍ବା ରୂପାନ୍ତରିତ କରି ଜ୍ଞାନର ବାଧାକୁ ଦୂର କରିପାରୁଛି ଏବଂ ଜ୍ଞାନର ପରିସରକୁ ବ୍ୟାପ୍ତ କରିବାରେ ସହାୟକ ହେଉଛି।

ଅନ୍ୟପକ୍ଷରେ ଏଆଇ ଗଣମାଧ୍ୟମ ପ୍ରତି ଆହ୍ୱାନ ଓ ବିପଦ ମଧ୍ୟ ଆଣି ଦେଇଛି। ଏଆଇ ଦ୍ୱାରା ସହଜରେ ବାସ୍ତବିକ ଛବି, ଭିଡିଓ ଓ ଅଡିଓ ସୃଷ୍ଟି କରି ବ୍ୟକ୍ତି ବା ବିଷୟର ମିଥ୍ୟା ପ୍ରତିରୂପ ତିଆରି କରାଯାଇପାରେ। ଏହା ଜନସାଧାରଣଙ୍କ ବିଶ୍ୱାସକୁ ଦୁର୍ବଳ କରେ ଏବଂ ବିଶ୍ୱସନୀୟ ମାଧ୍ୟମଗୁଡ଼ିକୁ ସନ୍ଦେହର ଚକ୍ଷୁରେ ଦେଖାଯିବାର ସମ୍ଭାବନା ରଖେ। ସରକାର ଅନଲାଇନ୍ ବିଷୟବସ୍ତୁ ଉପରେ ନଜର ରଖିପାରନ୍ତି ଏବଂ ସମ୍ବାଦଗୁଡ଼ିକୁ ସ୍ୱୟଂଚାଳିତ ଭାବରେ ସେନ୍ସର କରିପାରନ୍ତି, ଯାହା ନିର୍ଭୀକ ସାମ୍ବାଦିକତାର ପଥରେ ଏକ ବଡ଼ ବାଧା। ତେଣୁ ପ୍ରେସ୍ ସ୍ୱାଧୀନତା ଏବଂ ଏଆଇର ସନ୍ତୁଳନ ରକ୍ଷା କରିବା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ।

ଉତ୍ତରଦାୟୀ ଓ ଦାୟିତ୍ୱପୂର୍ଣ୍ଣ ସାମ୍ବାଦିକତା ହିଁ ଏକ ସଚେତନ ଓ ସକ୍ରିୟ ସମାଜର ପ୍ରାଣ। ସମସ୍ୟାଗୁଡ଼ିକ ଜଟିଳ ହୋଇପାରେ ମାତ୍ର ସମାଧାନ ଅସମ୍ଭବ ନୁହେଁ। ନୈତିକତା, ସାହସ, ପ୍ରଗତିଶୀଳ ଚିନ୍ତନ ଓ ସାମୂହିକ ଦାୟିତ୍ୱବୋଧର ମିଶ୍ରଣ ଦ୍ୱାରା ହିଁ ସାମ୍ବାଦିକତାର ମହିମାକୁ ପୁନରୁଦ୍ଧାର କରିହେବ।

(ରାଜ୍ୟ ସଭାପତି, ଉତ୍କଳ ସାମ୍ବାଦିକ ସଂଘ, ଓଡ଼ିଶା)
ଭୁବନେଶ୍ୱର, ମୋ: ୯୪୩୭୦୦୬୩୬୩

# ଓଡ଼ିଆ ଅସ୍ମିତାର ମୁଖପାତ୍ର: ହରିଶ୍ଚନ୍ଦ୍ର ବକ୍ସିପାତ୍ର

ଚିତ୍ତରଞ୍ଜନ ମହାନ୍ତି

ସ୍ୱର୍ଗତଃ ହରିଶଚନ୍ଦ୍ର ବକ୍ସିପାତ୍ର ଓଡ଼ିଶା ଜନଜୀବନରେ ଜଣେ ଯୁଗପୁରୁଷ। କିନ୍ତୁ ରାଜ୍ୟ ଓ ଦେଶର ସେବା କରିବା ପାଇଁ ଯେଉଁ ଦାୟିତ୍ୱ ଏ ସଂଗ୍ରାମୀ ପୁରୁଷଙ୍କୁ ମିଳିବା କଥା ତାହା ସମ୍ଭବ ହେଲା ନାହିଁ। କେନ୍ଦ୍ର ଇସ୍ପାତ ମନ୍ତ୍ରୀ ବିଜୁ ପଟ୍ଟନାୟକ ହୁଅନ୍ତୁ କିମ୍ବା କେନ୍ଦ୍ର ଶିଳ୍ପ ମନ୍ତ୍ରୀ ଜର୍ଜ ଫର୍ଣ୍ଣାଣ୍ଡିଜ୍ ହୁଅନ୍ତୁ, ବକ୍ସିବାବୁ ନିଜର ନିଷ୍ଠା ଓ ତଥ୍ୟ ଆଧାରିତ ତର୍କ ବଳରେ ଓଡ଼ିଶାର ଦାବିକୁ ଉପସ୍ଥାପନ କରି ଇସ୍ପାତ ଓ ଆଲୁମିନିୟମ୍ ଶିଳ୍ପ ପ୍ରତିଷ୍ଠାରେ ଓଡ଼ିଶା, ବିଶେଷକରି କୋରାପୁଟ ଜିଲ୍ଲାର ବିକାଶର ନୂଆ ଅଧ୍ୟାୟ ରଚନା କରିଥିଲେ।

ପୁନର୍ବାର ୧୯୯୦ ମସିହାରେ ବିଜୁ ପଟ୍ଟନାୟକଙ୍କ 'ଜନତା ଦଳ' ମନ୍ତ୍ରିମଣ୍ଡଳରେ ସେ ବାଣିଜ୍ୟ ଓ ପରିବହନ ଭଳି ଅର୍ଥକାରୀ ବିଭାଗର ଦାୟିତ୍ୱ ନେଇ ବ୍ୟବସ୍ଥାରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଥିଲେ। ହୁଏତ ରାଜ୍ୟର ସାମଗ୍ରିକ ଓ ସାମୂହିକ ସେବା କରିବାକୁ ୧୯୯୫ ବେଳକୁ ତାଙ୍କୁ ଉପଯୁକ୍ତ ସୁଯୋଗ ମିଳିଥା'ନ୍ତା। କିନ୍ତୁ 'ଜନତା ଦଳ'ର ସର୍ବଭାରତୀୟ ଓ ରାଜ୍ୟ ରାଜନୀତିରେ କ୍ରିୟା, ପ୍ରତିକ୍ରିୟା ଓ ଅସ୍ଥିରତା ଏଥିରେ ବାଧକ ସାଜିଲା। ତାଙ୍କ ଭଳି ସମର୍ପିତ ସମ୍ବେଦନଶୀଳ ସଂଗ୍ରାମୀ ନେତାଙ୍କୁ ରାଜ୍ୟର ନୀତିନିୟନ୍ତା ଭାବେ ପାଇବାର ସୁଯୋଗ ହାତଛଡ଼ା ହୋଇଗଲା।

ବକ୍ସିବାବୁ ନିଜର ଶୁଦ୍ଧ ସଂଗ୍ରାମୀ ଆଭିମୁଖ୍ୟ ଯୋଗୁଁ ଓଡ଼ିଶାର ଦୁଇ ଜାତୀୟ ନେତାଙ୍କ ପ୍ରିୟପାତ୍ର ଥିଲେ। ଖୋସାମଦି ତାଙ୍କର ଆୟୁଧ ନଥିଲା। ତାଙ୍କର ଅଳଙ୍କାର ଥିଲା ଓଡ଼ିଆ ଅସ୍ମିତା, ପରିଚିତ ସ୍ୱାଭିମାନ ଓ ନିଜସ୍ୱ ଅନୁପମ ଯୋଗ୍ୟତା। ପ୍ରିୟଜନମାନେ ବକ୍ସିବାବୁଙ୍କୁ 'ଭାଇନା' ସମ୍ବୋଧନ କରୁନଥିଲେ ତାଙ୍କୁ କେହି ଉଚ୍ଚ ଜାତିରେ ଜନ୍ମିତ ବ୍ୟକ୍ତି ବୋଲି ଭାବୁନଥା'ନ୍ତେ। କାରଣ ସେ ଥିଲେ ସାମାଜିକ ନ୍ୟାୟର ପ୍ରଚାର ପ୍ରବକ୍ତା। ଓଡ଼ିଶାର ବୃହତ୍ ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ ସେ 'ମଣ୍ଡଳ କମିଶନ'କୁ ସକ୍ରିୟ ସମର୍ଥନ ଜଣାଇଥିଲେ।

ଆଦ୍ୟ ଜୀବନରେ ବକ୍ସିବାବୁ ସାମ୍ୟବାଦୀ ଚିନ୍ତାଧାରାର ପ୍ରମୁଖ ପ୍ରଚାରକ ଥିଲେ। ଜନଜୀବନର ବାସ୍ତବତାକୁ ଜାଣି ବର୍ଗ ଓ ଜାତି ଶୋଷଣର ଏକ ବ୍ୟବସ୍ଥିତ ବ୍ୟବସ୍ଥା ବୋଲି ସେ ଉପଲବ୍ଧି କରିଥିଲେ। ଜଣେ ସାମ୍ୟବାଦୀ ଭାବେ ବକ୍ସିବାବୁ ବର୍ଗ ବିଭାଜନ ଓ ବର୍ଗ ଶୋଷଣ ସମ୍ପର୍କରେ ସମ୍ପୂର୍ଣ୍ଣ ସଚେତନ ଥିଲେ ମଧ୍ୟ 'ଉତ୍କଳ ସମ୍ମିଳନୀ'ର ମୁଖ୍ୟ ଭାବେ ଓଡ଼ିଶାର ସାମାଜିକ ବ୍ୟବସ୍ଥାକୁ, ବିଶେଷକରି ବର୍ଣ୍ଣ ବ୍ୟବସ୍ଥାକୁ ଟିକିନିଖି ଅନୁଧ୍ୟାନ କରିଥିଲେ। ତାଙ୍କ ତଥ୍ୟମୂଳକ ସିଦ୍ଧାନ୍ତ କହେ ବ୍ରିଟିଶ ଉପନିବେଶ ବ୍ୟବସ୍ଥା ଫଳରେ ବୃତ୍ତି ହରାଇଥିବା ଜାତି ଓ ବର୍ଗଙ୍କ ସଂଖ୍ୟା ଓଡ଼ିଶାରେ ପ୍ରାୟ ୯୨%। ତେଣୁ କେନ୍ଦ୍ର ସରକାର ଚାକିରିରେ ଦେଶରେ ସର୍ବାଧିକ ଓଡ଼ିଆ ଶତକଡ଼ା ଦୃଷ୍ଟିରୁ ସଂରକ୍ଷଣର ହକ୍‌ଦାର।

ଜାତି, ବର୍ଣ୍ଣ, ଧର୍ମ ଓ ଅନ୍ୟାନ୍ୟ ଭେଦଭାବ ସାମାଜିକ ଏକତାକୁ ବ୍ୟାହତ କରୁଥିବା ଅନୁଭବ କରି ସେ ସମଗ୍ର ଓଡ଼ିଆ ଜାତିର ଐକ୍ୟବଦ୍ଧତା ପାଇଁ ଏକାଗ୍ର ଉଦ୍ୟମ କରି ଚାଲିଥିଲେ। ସୁଦୂର କୋରାପୁଟର ବାସିନ୍ଦା ହୋଇ ମଧ୍ୟ ଓଡ଼ିଶାର ଉଚ୍ଚଶିକ୍ଷାର ମାତୃକଳ୍ପ ଅନୁଷ୍ଠାନ ରେଭେନ୍ସା କଲେଜର ଛାତ୍ର ସଂସଦର ସଭାପତି ହେବା ତାଙ୍କ ଜନ୍ମଜାତ ନେତୃତ୍ୱ କଳାର ପରାକାଷ୍ଠା ପ୍ରତିପାଦିତ କରୁଛି। ୧୯୫୪ରେ ଗଠିତ ସୀମା କମିଶନ ଓଡ଼ିଶା ପ୍ରତି ଚରମ ଅନ୍ୟାୟ କରିଥିଲେ। ଏହା ବିରୁଦ୍ଧରେ ସାମ୍ୟବାଦୀ ଛାତ୍ରନେତା ହରିଶଚନ୍ଦ୍ର ବକ୍ସିପାତ୍ର ବିପ୍ଳବୀ ସାମ୍ୟବାଦୀ ଆନ୍ଦୋଳନର ନେତୃତ୍ୱ ନେଲେ ଏବଂ କେନ୍ଦ୍ର କଂଗ୍ରେସ ନେତାଙ୍କୁ କଟକ ମାଟି ମଡ଼ାଇ ନଦେବାର ସଂକଳ୍ପ କରି ଗିରଫ ହେଲେ।

କେନ୍ଦୁଝର ଜିଲ୍ଲା ଓ ନୟାଗଡ଼ଠାରେ ସବୁଠୁ ଶସ୍ତା ଓ ସୁବିଧାରେ ରାଷ୍ଟ୍ରାୟତ୍ତ ଇସ୍ପାତ କାରଖାନା ପ୍ରତିଷ୍ଠା ହୋଇପାରିବ ବୋଲି 'ବସ୍ତୁର କମିଟି' ସୁପାରିସକୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଗ୍ରହଣ କଲେ ନାହିଁ। କଂଗ୍ରେସ ବିଭାଜନ ଯୋଗୁଁ ହରାଇଥିବା ଜନାଧାରକୁ ଫେରି ପାଇବା ପାଇଁ ସେ ଦକ୍ଷିଣର ୩ଟି ରାଜ୍ୟରେ ବିନା ଯୋଗ୍ୟତାରେ ରାଷ୍ଟ୍ରାୟତ୍ତ ଇସ୍ପାତ କାରଖାନା ସ୍ଥାପନ ନିଷ୍ପତ୍ତି ନେଲେ। ବକ୍ସିବାବୁ କିନ୍ତୁ ଓଡ଼ିଶା ପ୍ରତି କେନ୍ଦ୍ରର ଏ ନଗ୍ନ ଅବିଚାରକୁ ବରଦାସ୍ତ କଲେ ନାହିଁ। କଂଗ୍ରେସ ଅଧ୍ୟୁଷିତ କୋରାପୁଟ ଜିଲ୍ଲାରେ ହିଁ ସେ କେନ୍ଦ୍ର ବିରୁଦ୍ଧରେ ବିଦ୍ରୋହର ବିଗୁଲ ବଜାଇ ୧୯୭୪ ମସିହାରେ ସେ ଅଞ୍ଚଳରେ ଇନ୍ଦିରା ବିରୋଧୀ 'ପ୍ରଗତି ମେଣ୍ଟ'କୁ ସଫଳତାର ସ୍ୱାଦ ଚଖାଇ ନିଜେ ବିଧାୟକ ନିର୍ବାଚିତ ହୋଇ ଓଡ଼ିଶା ବିଧାନସଭାକୁ ଆସିଲେ। 'ପ୍ରଗତି ମେଣ୍ଟ' 'ଲୋକଦଳ'ରେ ମିଶିଲା। ଜରୁରୀ ପରିସ୍ଥିତି ପରେ ଜୟପ୍ରକାଶଙ୍କ ଅନୁରୋଧକ୍ରମେ ଗଣତନ୍ତ୍ରର ସୁରକ୍ଷା ପାଇଁ 'ଲୋକଦଳ' 'ଜନତା ପାର୍ଟି'ରେ ରୂପାନ୍ତରିତ ହେଲା। ଜୟପ୍ରକାଶଙ୍କ 'ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନ'ରେ ଝାସ ଦେଇ ଏବଂ ଜରୁରୀ ସ୍ଥିତିର ବିରୋଧ କରି ବକ୍ସିବାବୁ ଜେଲ୍ ଗଲେ। କାରାମୁକ୍ତ ହୋଇ ୧୯୭୭ ମସିହାରେ ନିର୍ବାଚନ ଲଢ଼ି ସେ ବିଜୟୀ ହେଲେ ଏବଂ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ମନ୍ତ୍ରିମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ବିଭାଗ ସମ୍ଭାଳିଲେ ଏବଂ କେନ୍ଦ୍ର ସହିତ ରାଜ୍ୟର ସମନ୍ୱୟ ରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କଲେ। ବକ୍ସିବାବୁଙ୍କ ଉଦ୍ୟମ ଥିଲା ଓଡ଼ିଶାର ସମସ୍ତ ତୁଙ୍ଗ ନେତା ବ୍ୟକ୍ତିଗତ ମନାନ୍ତରରୁ ଊର୍ଦ୍ଧ୍ୱକୁ ଯାଇ ଓଡ଼ିଶା ସ୍ୱାର୍ଥ ପାଇଁ କେନ୍ଦ୍ର ବିରୁଦ୍ଧରେ ସଂଗ୍ରାମ କରନ୍ତେ।

୧୯୯୦ ମସିହାରେ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାରେ ଜନତା ଦଳର ମନ୍ତ୍ରିମଣ୍ଡଳରେ ବକ୍ସିବାବୁ ବରିଷ୍ଠ ମନ୍ତ୍ରୀ ଭାବେ ଦାୟିତ୍ୱ ନେଲେ। ରବି ରାୟ ଲୋକସଭାର ବାଚସ୍ପତି। ଉଭୟଙ୍କ ମଧ୍ୟରେ ସମନ୍ୱୟ ପୁନଃସ୍ଥାପନ କରି ଇସ୍ପାତ କାରଖାନା ଓ ଓଡ଼ିଶାର ସ୍ୱତନ୍ତ୍ର ଆର୍ଥିକ ଅଧିକାର ଭଳି ଦାବି ପୂରଣ ପାଇଁ ବକ୍ସିବାବୁ ଉଦ୍ୟମରତ ହେଲେ। କଟକ ମଦମୃତ୍ୟୁ ଘଟଣାରେ ବ୍ୟଥିତ ହୋଇ ଜନତା ପରିବାରର ବରିଷ୍ଠ ନେତାମାନେ ବକ୍ସିବାବୁଙ୍କ ମାଧ୍ୟମରେ ବିକଳ୍ପ ବ୍ୟବସ୍ଥା ଖୋଜିଲେ। ଏଥିରେ ରବି ରାୟ ସମ୍ପୂର୍ଣ୍ଣ ସହଯୋଗ କରି ମିଳିତ ସଭା ସମିତିମାନ କଲେ। ଉଭୟ ବିଜୁବାବୁ ଓ ରବି ରାୟଙ୍କ ସହଯୋଗୀ ଭାବେ ଜର୍ଜ ଫର୍ଣ୍ଣାଣ୍ଡିଜ ଏ ପ୍ରକ୍ରିୟାକୁ ସାହାଯ୍ୟ କଲେ। ବକ୍ସିବାବୁ ସମସ୍ତ ଅଭିଯାନର କେନ୍ଦ୍ର ହେଲେ। କିନ୍ତୁ ବିହାର ରାଜନୀତି ସବୁ ସାଧୁ ଉଦ୍ୟମକୁ ପଣ୍ଡ କରିଦେଲା। ଜନତା ଦଳ ବିଭାଜିତ ହୋଇ ଜର୍ଜ ଫର୍ଣ୍ଣାଣ୍ଡିଜଙ୍କ ନେତୃତ୍ୱରେ ସମତା ପାର୍ଟି ଗଠିତ ହେଲା। ସମାଜବାଦୀ ସାଥୀ ଜର୍ଜ ଫର୍ଣ୍ଣାଣ୍ଡିଜ ଓ ପୁତ୍ର ପ୍ରତିମ ନୀତୀଶ କୁମାରଙ୍କ ଅନୁରୋଧରେ ରବି ରାୟ ସମତା ପାର୍ଟିକୁ ଚାଲିଗଲେ। ଦିଲ୍ଲୀରେ ଓଡ଼ିଶା ଲବିକୁ ସୁଦୃଢ଼ କରିବାରେ ବକ୍ସିବାବୁଙ୍କ ଉଦ୍ୟମ ଅକାମୀ ହୋଇଗଲା। ଉତ୍କଳ ସମ୍ମିଳନୀ ମାଧ୍ୟମରେ ସେ ଉଦ୍ୟମକୁ ଅବ୍ୟାହତ ରଖିବାକୁ ଶ୍ରୀବକ୍ସିପାତ୍ର ଶେଷ ପର୍ଯ୍ୟନ୍ତ ପ୍ରୟାସ ଜାରି ରଖିଥିଲେ।

# ଆମ ବୃକ୍ଷଲତା ଆମ ଜୀବନ

ନାଗଲିଙ୍ଗ

ପ୍ରକୃତି-ପରିବେଶ

ସୌଭାଗ୍ୟସୁନ୍ଦର

ଉତ୍ତର-ପୂର୍ବ ଦକ୍ଷିଣ ଆମେରିକା, ବିଶେଷକରି ଆମାଜନ ବର୍ଷା ଜଙ୍ଗଲରୁ ଉତ୍ପନ୍ନ ନାଗଲିଙ୍ଗ ବିଶ୍ୱର ଉଷ୍ଣମଣ୍ଡଳୀୟ ଏବଂ ଉପ-ଉଷ୍ଣମଣ୍ଡଳୀୟ ଅଞ୍ଚଳରେ ବହୁଳ ଭାବରେ ଦେଖାଯାଏ। ଏହାର ମନୋରମ, ସୁଗନ୍ଧିତ ଫୁଲ ଏବଂ ଫଳ ପାଇଁ ଏହାକୁ ଏକ ଶୋଭାବର୍ଦ୍ଧକ ଗଛ ଭାବରେ ବାଡ଼ିବଗିଚାରେ ଲଗାଯାଏ। ଏହି ବୃକ୍ଷର ଅନେକ ଔଷଧୀୟ, ସାଂସ୍କୃତିକ ଏବଂ ଧାର୍ମିକ ଗୁରୁତ୍ୱ ଅଛି। ପ୍ରାକୃତିକ ବାସସ୍ଥାନରେ ଏହା ସମୁଦ୍ର ପତ୍ତନଠାରୁ ୫୦୦ ମିଟରରୁ କମ୍ ଉଚ୍ଚତାରେ ବଢ଼େ। ଏହା ପୁଡୁଚେରୀରେ 'ରାଜ୍ୟ ଫୁଲ'ର ମାନ୍ୟତା ପାଇଛି।

'ମହାନାଗେଶ୍ୱର' ଭାବେ ମଧ୍ୟ ପରିଚିତ ନାଗଲିଙ୍ଗ ପ୍ରାୟ ୩୦ ମିଟର ଉଚ୍ଚତା ବିଶିଷ୍ଟ ଏକ ବଡ଼ ଚିରହରିତ୍ ବା ଅର୍ଦ୍ଧଚିରହରିତ୍ ଦ୍ରୁମ। କାଣ୍ଡଟି ନଳାକାର, ଯାହାର ବ୍ୟାସ ୭୦ ସେମି ଅତିକ୍ରମ କରିପାରେ। ଛାଲି ମାଟିଆ ଧୂସର ରଙ୍ଗର। ପରିପକ୍ୱ ବୃକ୍ଷର ଛାଲି ଫାଟି ଫାଟିଯାଏ। ପତ୍ରଗୁଡ଼ିକ ଶାଖାଗୁଡ଼ିକର ଶୀର୍ଷରେ ପୁଞ୍ଜିଭୂତ ଏବଂ ବିକଳ୍ପ ଭାବରେ ସଜେଇ ହୋଇ ରହିଥାଏ। ପତ୍ର ଧାର ସମ୍ପୂର୍ଣ୍ଣ କିମ୍ବା ସାମାନ୍ୟ ଦନ୍ତୁରିତ, ପ୍ରାୟ ୧୦-୨୦ ସେମି ଲମ୍ବ ଓ ୪-୬ ସେମି ଚଉଡ଼ା। ମୁଖ୍ୟ ଗଣ୍ଡି ଏବଂ ଅନ୍ୟାନ୍ୟ ବଡ଼ ଶାଖାରୁ ଫୁଲଗୁଡ଼ିକ ଗୁଚ୍ଛରେ ଉତ୍ପନ୍ନ ହୁଏ। ଫୁଲଗୁଡ଼ିକର ବ୍ୟାସ ପ୍ରାୟ ୬ ସେମି ବିଶିଷ୍ଟ ମାଂସଳ, ହଳଦିଆ ଏବଂ ଲାଲ କିମ୍ବା ଗୋଲାପୀ ବାଇଗଣୀ ରଙ୍ଗର। ଫୁଲଗୁଡ଼ିକ ପ୍ରବଳ ସୁଗନ୍ଧଯୁକ୍ତ, ବିଶେଷକରି ରାତିରେ ଏବଂ ପ୍ରାତଃ ସମୟରେ। ପରିପକ୍ୱ ଫଳ ଭୂମିରେ ପଡ଼ିବା ବେଳେ ବାଡ଼େଇ ହୋଇ ଶବ୍ଦ ହୁଏ। ତଳେ ପଡ଼ି ଫାଟିଲା ଫଳକୁ ବିଭିନ୍ନ ପ୍ରାଣୀ ଖାଇଥା'ନ୍ତି। ଫଳଟି କଠିନ ଆବରଣ ସହିତ ଗୋଲାକାର। ଏହାର ବ୍ୟାସ ପ୍ରାୟ ୨୫ ସେମି। ଫଳଟି ଖାଦ୍ୟ ଉପଯୋଗୀ କିନ୍ତୁ ଏହାର ଅପ୍ରିୟ ଗନ୍ଧ ଯୋଗୁଁ ସାଧାରଣତଃ ଲୋକମାନେ ଏହାକୁ ଖାଆନ୍ତି ନାହିଁ। ଭାରତରେ ବର୍ଷସାରା ଗଛରେ ଫୁଲ ଫୁଟେ। ଫୁଲଗୁଡ଼ିକୁ ସୁଗନ୍ଧିତ ପ୍ରସାଧନୀ ସାମଗ୍ରୀ ପ୍ରସ୍ତୁତିରେ ବ୍ୟବହାର କରାଯାଏ।

ନାଗଲିଙ୍ଗକୁ ପାରମ୍ପରିକ ଭାବରେ ଉଚ୍ଚ ରକ୍ତଚାପ, ଟ୍ୟୁମର, ଯନ୍ତ୍ରଣା ଓ ପ୍ରଦାହ, ସାଧାରଣ ଥଣ୍ଡା, ପେଟ ଯନ୍ତ୍ରଣା, ଚର୍ମ ରୋଗ, କ୍ଷତ, ମ୍ୟାଲେରିଆ, ଦାନ୍ତ ବିନ୍ଧା, ଗ୍ୟାଷ୍ଟ୍ରାଇଟ୍, ସ୍କେବସ୍, ରକ୍ତସ୍ରାବ, ପାଇଲ୍ସ, ପତଳା ଝାଡ଼ା, ବିଛା ବିଷ ଆଦି ଚିକିତ୍ସା ପାଇଁ ବ୍ୟବହାର କରାଯାଇ ଆସୁଛି। ଏହା ଆଣ୍ଟିମାଇକ୍ରୋବିଏଲ୍, ଆଣ୍ଟିଅଲ୍ସର, କୃମିନାଶକ, ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟିପାଇରେଟିକ୍, ଆଣ୍ଟିଆର୍ଥ୍ରାଇଟିକ୍, ଇମ୍ୟୁନୋମୋଡୁଲେଟୋରୀ/ପ୍ରତିରୋଧକ ଶକ୍ତି ବୃଦ୍ଧି କାରକ, ଆଣ୍ଟିବ୍ୟାକ୍ଟେରିଆଲ୍, ଆଣ୍ଟିଷ୍ଟ୍ରେସ୍, ଆଣ୍ଟିଡାଇରିଆଲ୍, ଆଣ୍ଟିଡିପ୍ରେସାଣ୍ଟ ଗୁଣରେ ସମୃଦ୍ଧ।

ଏହାଛଡ଼ା ନାଗଲିଙ୍ଗ ଗଛରେ ଟ୍ରାଇଟରପେନ୍ସ, ଫେନୋଲିକ୍ସ, କୁରୁପିଟାଇନ୍, ଇଣ୍ଡିରୁବିନ୍, ଆଇସାଟିନ୍, ଆନ୍ଥୋସିଆନିନ୍, ଫ୍ଲାଭାନୋଇଡ୍ସ, ୟୁଜେନୋଲ୍, ଟାନିନ୍, ଷ୍ଟେରଏଡ୍ସ, ସାପୋନିନ୍, ଗ୍ଲାଇକୋସାଇଡ୍ସ, ଆମିନୋ ଏସିଡ୍, ଫେନୋଲ୍ସ, ଆନ୍ଥ୍ରାକୁଇନୋନ୍, ଟ୍ରାଇଟରପେନୋଇଡ୍ସ, ଫାର୍ସେନଲ୍ ଏବଂ ତେଲ ଭଳି ଅନେକ ଉପାଦାନ ରହିଛି। ଫଳ ଏବଂ ଫୁଲରେ ଇଣ୍ଡିଗୋଟିନ୍ ଏବଂ ଇଣ୍ଡିରୁବିନ୍ ରାସାୟନିକ ଯୌଗିକ ଥିବା ଜଣାଯାଏ। ଫଳର କଠିନ ଖୋଳକୁ କେତେକ ସମୟରେ ପାତ୍ର ଭାବରେ ବ୍ୟବହାର କରାଯାଏ। କାଠଗୁଡ଼ିକ ବହୁତ ହାଲୁକା; ନରମ, ଅସ୍ଥାୟୀ ଏବଂ କବକ, କାଠ କୀଟ ଉଇ ପ୍ରତି ସମ୍ବେଦନଶୀଳ। ଏହି କାଠ ବିଭିନ୍ନ ପ୍ରକାରର ଖେଳଣା, ବାକ୍ସ, ପିଞ୍ଜରା, ଦିଆସିଲି, ପ୍ୟାନେଲିଂ, ଫର୍ଣ୍ଣିଚର ଉପାଦାନ, କାଠ ସାମଗ୍ରୀ, ଲାଥ୍-ବୋର୍ଡ ଓ ଫାଇବର-ବୋର୍ଡ ପ୍ରସ୍ତୁତିରେ ବ୍ୟବହାର କରାଯାଏ।

ଭାରତ ଏବଂ ଶ୍ରୀଲଙ୍କାରେ ଏହି ଗଛକୁ ହିନ୍ଦୁମାନେ ପୂଜା କରନ୍ତି। ଏହାର ଫୁଲର ହୁଡ ବା ଫେଣା ନାଗଫେଣା ପରି ଦେଖାଯାଏ, ଯାହା ତଳେ ଗର୍ଭକେଶର ଧଳା ରଙ୍ଗର ଲିଙ୍ଗ ପରି ଦେଖାଯାଏ। ତେଣୁ ଏହାକୁ ଶିବମନ୍ଦିରରେ ରୋପଣ କରାଯାଏ। ଶ୍ରୀଲଙ୍କା, ଥାଇଲ୍ୟାଣ୍ଡ, ମିଆଁମାର, କାମ୍ବୋଡିଆ, ଲାଓସ, ବଙ୍ଗଳାଦେଶ, ନେପାଳ, ଭୁଟାନ, ମାଲେସିଆ ଏବଂ ଅନ୍ୟାନ୍ୟ ବୌଦ୍ଧ ଦେଶଗୁଡ଼ିକରେ ଏହାକୁ ବୌଦ୍ଧ ମଠ ଏବଂ ଅନ୍ୟାନ୍ୟ ଧାର୍ମିକ ସ୍ଥଳରେ ଲଗାଯାଇଥାଏ। ମାନବ ବସତି ସ୍ଥାପନ, କୃଷି ଜମି ସମ୍ପ୍ରସାରଣ, ପ୍ରାକୃତିକ ଜଙ୍ଗଲ ସଙ୍କୋଚନ ଇତ୍ୟାଦି କାରଣରୁ ନାଗଲିଙ୍ଗ ଉଦ୍ଭିଦର ସଂଖ୍ୟା ପ୍ରାୟତଃ ହ୍ରାସ ପାଇବାରେ ଲାଗିଛି। ପ୍ରକୃତି ସଂରକ୍ଷଣ ପାଇଁ ଆନ୍ତର୍ଜାତୀୟ ସଂଘ ଲାଲ ବିପନ୍ନ ଜାତି ତାଲିକାରେ ଏହି ଉଦ୍ଭିଦକୁ 'ସର୍ବନିମ୍ନ ଚିନ୍ତା' ବର୍ଗରେ ସ୍ଥାନିତ କରିଛି।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ନୂଆପଡ଼ାରେ ଜାଲିଆତି କରି ଜିତିଛି ବିଜେପି: ସ୍ନେହାଙ୍ଗିନୀ

ଭୁବନେଶ୍ୱର,୧୬।୧୧(ସମିସ): ନୂଆପଡା ଉପନିର୍ବାଚନରେ ଜିଲ୍ଲା ପ୍ରଶାସନ, ପୁଲିସ ଓ ନିର୍ବାଚନ କମିଶନଙ୍କୁ ହାତବାରିସୀ କରି ଭୋଟ ରିଗିଂ ମାଧ୍ୟମରେ ବିଜେପି ବିଜୟୀ ହୋଇଛି। ତେବେ ମଧ୍ୟ ନୂଆପଡାବାସୀଙ୍କ ସହିତ ବିଜୁ ଜନତା ଦଳ ଥିଲା ଓ ଆଗକୁ ରହିବ। ନୂଆପଡ଼ାବାସୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ସେ ସବୁବେଳେ ଲଢେଇ କରିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଉପ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ।



■ ଭୋଟ ରିଗିଂ ପଛରେ ପ୍ରଶାସନ, ପୁଲିସ ଓ ନିର୍ବାଚନ ଅଧିକାରୀ
■ ଭୋଟରେ ପ୍ରତିଫଳିତ ହୋଇନାହିଁ ବିଜେଡିକୁ ମିଳିଥିବା ସମର୍ଥନ
■ ନୂଆପଡ଼ାବାସୀଙ୍କ ସ୍ୱାର୍ଥ ପାଇଁ ସବୁବେଳେ ଲଢେଇ କରିବି

ରବିବାର ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ଛୁରିଆ କହିଥିଲେ ଯେ ନିର୍ବାଚନ ପ୍ରଚାର ସମୟରେ ନୂଆପଡାର ପ୍ରତ୍ୟେକ ପଞ୍ଚାୟତ ଓ ଏନଏସି ଅଞ୍ଚଳକୁ ଯାଇଥିଲେ ଓ ପ୍ରତ୍ୟେକ ସ୍ଥାନରେ ବିଜୁ ଜନତା ଦଳ ପ୍ରତି ଓ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ପ୍ରତି ଅକୁଣ୍ଠ ସମର୍ଥନ ଓ ଭଲପାଇବା ଥିବା ଦେଖିଥିଲେ । ନିର୍ବାଚନ ପ୍ରଚାର ସମୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଦଳର ନେତା ଓ କର୍ମୀ ମାନଙ୍କ ଉପରେ ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଇ ତାଙ୍କ ମନୋବଳକୁ ଦୁର୍ବଳ କରିବା ପାଇଁ ଚେଷ୍ଟା କରାଯାଉଥିଲା। ଏହାର ଅଭିଯୋଗ ବାରମ୍ବାର ବିଜେଡି ପକ୍ଷରୁ ନିର୍ବାଚନ ଅଧିକାରୀଙ୍କ ଆଗରେ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିଲା । ସାଉଲେଣ୍ଡ ପିରିଅଡରେ ନିର୍ବାଚନ ଆଚରଣ ବିଧିକୁ ସମ୍ମାନ ଜଣାଇ ବିଜେଡିର ନେତାମାନେ ନୂଆପଡା ଛାଡି ଦେଇଥିବା ବେଳେ ବିଜେପିର ନେତାମାନେ ସେଠାରେ ଉପସ୍ଥିତ ରହି ଟଙ୍କା ବଣ୍ଟା କାର୍ଯ୍ୟରେ ଲିପ୍ତ ରହିଥିଲେ । ବିଜେଡି ପକ୍ଷରୁ ଏହାର ଅଭିଯୋଗ ସ୍ଥାନୀୟ ପୁଲିସ ଷ୍ଟେସନରେ କରାଯିବା ପରେ ଅଭିଯୋଗ କରିଥିବା ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖି ଆର୍ମ୍ସ ଆକ୍ଟ ଲଗାଇ ଜେଲକୁ ପଠାଯାଇଥିଲା ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି।

ସେହିପରି ନିର୍ବାଚନ ଦିନ ଭୋଟିଂ ସମୟରେ ବୁଥ୍ ଗୁଡିକରେ ବିଜେପି କର୍ମୀମାନେ ବୁଥ ଭିତରେ ପଶି କ୍ୟାମ୍ପେନିଂ କରିବା ସହିତ ଭୋଟର ମାନଙ୍କୁ ପଦ୍ମଫୁଲରେ ଭୋଟ ଦେବା ପାଇଁ ଏକ ପ୍ରକାର ବାଧ୍ୟ କରୁଥିଲେ। ଏହାର ଅଭିଯୋଗ କରାଯାଇଥିଲେ ମଧ୍ୟ କର୍ତ୍ତୃପକ୍ଷ ଶୁଣି ନଥିଲେ। ବୁଥ୍ ରିଗିଂ କାରଣରୁ ଭୋଟିଂ ପ୍ରତିଶତ ଅହେତୁକ ବୃଦ୍ଧି ପାଇଥିଲା । ୪୧ଟି ବୁଥରେ ୯୦ ପ୍ରତିଶତରୁ ଅଧିକା ଭୋଟିଂ ହୋଇଥିଲା। ଭୋଟିଂ ଶେଷ ହେବା ବେଳେ ଅର୍ଥାତ ସନ୍ଧ୍ୟା ୫ଟା ସମୟରେ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ୭୫ ପ୍ରତିଶତ ଭୋଟିଂ ହୋଇଛି ବୋଲି ସୂଚନା ଦିଆଯାଇଥିଲା । ସନ୍ଧ୍ୟା ୭ଟା ସମୟରେ ଭୋଟିଂ ୭୭ ପ୍ରତିଶତ ହୋଇଛି ବୋଲି ସୂଚନା ଦିଆଗଲା । କିନ୍ତୁ ପରଦିନ ଦିବା ୧୦ ଘଟିକା ସମୟରେ ୮୧ ପ୍ରତିଶତ ଓ ୧୧ଟା ସମୟରେ ୮୩.୪୫ ପ୍ରତିଶତ ଭୋଟିଂ ହୋଇଛି ବୋଲି କୁହାଗଲା। ଏଥିରୁ ଭୋଟ୍ ଜାଲିଆତିର ଆଭାସ ମିଳୁଛି। ଶ୍ରୀମତୀ ଛୁରିଆ ଆହୁରି କହିଥିଲେ ଯେ ନୂଆପଡାବାସୀଙ୍କ ସମର୍ଥନ ବିଜୁ ଜନତା ଦଳ ପ୍ରତି ରହିଥିଲା। ମାତ୍ର ଜିଲ୍ଲା ପ୍ରଶାସନ, ପୁଲିସ ଓ ନିର୍ବାଚନ ଅଧିକାରୀଙ୍କୁ ହାତବାରିସୀ କରି ଭୋଟ ରିଗିଂ କରି ବିଜେପି ବିଜୟୀ ହୋଇଛି। ନୂଆପଡାବାସୀ ତାଙ୍କୁ ଓ ନବୀନ ପଟ୍ଟନାୟକଙ୍କ ପ୍ରତି ଦେଇଥିବା ସମର୍ଥନ ପାଇଁ ସେ କୃତଜ୍ଞତା ଜଣାଇଥିଲେ। ଭୁବନେଶ୍ୱର ମେୟର ସୁଲୋଚନା ଦାସ କହିଥିଲେ ଯେ ପ୍ରଶାସନିକ କଳକୁ ହାତବାରିସୀ କରି ବିଜେପି ହୁଏତ ନୂଆପଡା ଆସନକୁ ହାତେଇବା ପାଇଁ ସଫଳ ହୋଇଥାଇ ପାରେ, କିନ୍ତୁ ନୂଆପଡାବାସୀଙ୍କ ସମର୍ଥନ ଶ୍ରୀମତୀ ଛୁରିଆ ଓ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ପ୍ରତି ରହିଛି। ସେଥିପାଇଁ ନୂଆପଡ଼ାବାସୀଙ୍କୁ ଦଳ ପକ୍ଷରୁ ଆମେ କୃତଜ୍ଞତା ଜଣାଉଛୁ ବୋଲି ସେ ମତବ୍ୟକ୍ତ କରିଥିଲେ।

# ଦଳର ବିଭୀଷଣଙ୍କୁ ଭକ୍ତଙ୍କ ନାଲିଆଖି

ଭୁବନେଶ୍ୱର,୧୬ ।୧୧(ସମିସ): ସବୁ ଦଳରେ ବିଭୀଷଣଅଛନ୍ତି।କଂଗ୍ରେସରେମଧ୍ୟକିଛି ବିଭୀଷଣ ଭଳିଆତ୍ମଘାତୀ କାର୍ଯ୍ୟ କରି ଦଳରକ୍ଷତି କରିଛନ୍ତି। ନିର୍ବାଚନ ସମୟରେ ଦଳ ଏବଂ ତାଙ୍କ ବିରୋଧରେ ଅପପ୍ରଚାରର ବନ୍ୟା ସୃଷ୍ଟି କରାଯାଇଥିଲା। ଦଳରେ ଥାଇ ଆତ୍ମଘାତୀ କାର୍ଯ୍ୟ କରି ଦଳକୁ କ୍ଷତି ପହଞ୍ଚାଇଥିବା ବିଭୀଷଣମାନଙ୍କୁ କଦାପି ଛଡ଼ାଯିବ ନାହିଁ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ନୂଆପଡ଼ା ଉପନିର୍ବାଚନ ପରେ ଶ୍ରୀ ଦାସ ରବିବାର ଭୁବନେଶ୍ୱର ଫେରି ଗଣମାଧ୍ୟମକୁ ସୂଚନା ଦେଇ କଂଗ୍ରେସରେ ଥିବା କୁଚକ୍ରୀ ବିଭୀଷଣଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କଡ଼ା ଚେତାବନୀ ଦେଇଛନ୍ତି।

ଭକ୍ତ କହିଛନ୍ତି, କଂଗ୍ରେସ ନୂଆପଡ଼ାରେ ଉତ୍ତମ ଭାବରେ ନିର୍ବାଚନ ପରିଚାଳନା କରିଥିଲା। କଂଗ୍ରେସର ପ୍ରଚାରରେ ଜନସମର୍ଥନ ଦେଖି ବିଜେପି ଭୟଭୀତ ହୋଇଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ସଭାରେ ଲୋକ ନ ହୋଇ ବଳକା ଖାଦ୍ୟ ଖାଇ ୧୭ଟି ଗାଇ ମରିଯିବା ଯୋଗୁଁ ବିଜେପି ଦଳ ନିରୁତ୍ସାହିତ ହୋଇ ଯାଇଥିଲା। ତେଣୁ ବିଜେପି ରଣନୀତି ବଦଳାଇ ମାଳମାଳ ମନ୍ତ୍ରୀ ଏବଂ ବିଧାୟକଙ୍କୁ ପ୍ରଚାର କାର୍ଯ୍ୟରେ ଲଗାଇଲା। ଦୁଇଜଣ ମୁଖ୍ୟମନ୍ତ୍ରୀ ନୂଆପଡ଼ାରେ ଲଗାତାର ତୋଫାନୀ ସଭା କଲେ। ଏପରିକି ଶହଶହ ଗାଡ଼ିଘୋଡ଼ା, ଗୀତବାଦ୍ୟ, ଯାତ୍ରା, ଅର୍କେଷ୍ଟ୍ରା ପାର୍ଟି ଆଦି ଆଣି ଦିନ ତମାମ ସମ୍ପୂର୍ଣ୍ଣ ରାସ୍ତା ଅବରୋଧ କରିଥିଲେ। ବିଜେପି ଗୋଟେ ଗୋଟେ ଦିନରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲା। ଗୁରୁତ୍ୱପୂର୍ଣ୍ଣ ବିଷୟ, ସମ୍ପୂର୍ଣ୍ଣ ନିର୍ବାଚନ ପୁଲିସ ପରିଚାଳନା କରୁଥିଲା। ଏହାର ପରିଣାମ ସ୍ୱରୂପ ବିଜେପି ନବନିର୍ବାଚିତ ବିଧାୟକ ଜୟ ଢୋଲକିଆ ବିଜୟୀ ହେବା ପରେ ଆଇଜି ହିମାଂଶୁ ଲାଲ୍‌ଙ୍କ ପାଦ ଛୁଇଁ ପ୍ରଣାମ କରିଥିଲେ। ଏଥିରୁ ନୂଆପଡ଼ା ଉପନିର୍ବାଚନରେ ପୁଲିସର ଭୂମିକା କ'ଣ ଥିଲା, ତାହା ସ୍ପଷ୍ଟ ପ୍ରମାଣିତ ହୋଇଛି। ହିମାଂଶୁ ଲାଲ୍ ଆଶୀର୍ବାଦ ଦେଲେ ଏବଂ ଜୟ ଢୋଲକିଆ ଭୋଟ୍ ପାଇଲେ ବୋଲି ଭକ୍ତ କହିଛନ୍ତି।



■ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଲେ ପିସିସି ସଭାପତି
■ ଏହା ଉପନିର୍ବାଚନ ନୁହେଁ; ଗଣତନ୍ତ୍ର ପ୍ରତି ଉପହାସ ଥିଲା
■ ହିମାଂଶୁ ଲାଲ୍‌ଙ୍କଠୁ ଜୟ ଆଶୀର୍ବାଦ ନେବାକୁ ସମାଲୋଚନା

ଅନ୍ୟପକ୍ଷରେ କଂଗ୍ରେସ ପାଇଥିବା ଭୋଟ ସଂଖ୍ୟାରେ ସେ ସନ୍ତୁଷ୍ଟ ବୋଲି ଭକ୍ତ କହିଛନ୍ତି। କାରଣ ମୃତ୍ୟୁବରଣ କରିଥିବା ବିଜେଡି ବିଧାୟକଙ୍କ ପୁଅ ଶାସକ ଦଳ ପ୍ରାର୍ଥୀ ହୋଇଥିଲେ। ସରକାରୀ କଳର ସମ୍ପୂର୍ଣ୍ଣ ଅପବ୍ୟବହାର କରାଯାଇଥିଲା। ଅଭୂତପୂର୍ବ ଭାବେ ଟଙ୍କା ଖର୍ଚ୍ଚ କରାଯାଇଥିଲା। ସମସ୍ତ ମନ୍ତ୍ରୀ, ବିଧାୟକ ପ୍ରଚାରରେ ନିଯୁକ୍ତ ହୋଇଥିଲେ। ଯେଉଁ ସ୍ଥାନରେ ଟଙ୍କା କାମ ଦେଲାନାହିଁ, ସେ ସ୍ଥାନମାନଙ୍କରେ ବିଜେପି ବିଭିନ୍ନ ଉପାୟରେ ଭୋଟ ଚୋରି କଲା। କଂଗ୍ରେସ ପାଇଁ ଏଭଳି ଉପନିର୍ବାଚନରେ ଉପଲବ୍ଧି କେବେ ମିଳି ନ ଥିଲା। ଏହି ଉପନିର୍ବାଚନ କଂଗ୍ରେସର ଆଶା ଓ ମନୋବଳକୁ ଦୃଢ଼ କରିଛି। ବିଜେପି ନିର୍ବାଚନ ପ୍ରଚାରକୁ କିଭଳି ମୁକାବିଲା କରାଯିବ, ଆମେ ଏଥିରୁ ମଧ୍ୟ ଶିକ୍ଷାଲାଭ କଲୁ ବୋଲି ଭକ୍ତ କହିଛନ୍ତି।

ଭକ୍ତ ଆହୁରି କହିଛନ୍ତି ଯେ ନିର୍ବାଚନ ଯେପରି ଲଢ଼ାଯାଏ କଂଗ୍ରେସ ସେପରି ଦାୟିତ୍ୱରେ ଥିବା ସମସ୍ତ କର୍ମୀ, କର୍ମକର୍ତ୍ତା ଏବଂ ବରିଷ୍ଠ ନେତୃବୃନ୍ଦଙ୍କୁ ନେଇ ସୁଚାରୁ ରୂପେ ନିର୍ବାଚନ ପରିଚାଳନା କରିଥିଲା। ଜନସାଧାରଣଙ୍କ ସହିତ ସୁସମ୍ପର୍କ ସ୍ଥାପନ କରିଥିଲା। ଦଳ ପକ୍ଷରୁ କୌଣସି ଅବହେଳା ହୋଇ ନାହିଁ। କିନ୍ତୁ ବିଜେପିର ଅନୀତିଯୁକ୍ତ ପ୍ରଚାର ସହ କଂଗ୍ରେସ ସମକକ୍ଷ ହୋଇପାରିଲା ନାହିଁ। ଗୋଟେ ଉପନିର୍ବାଚନ ପାଇଁ ସରକାରଙ୍କ ଏଭଳି ଜିଦ୍ ଏବଂ ଶାସନର ଦୁରୁପଯୋଗ ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ବୋଲି ପିସିସି ସଭାପତି କହିଛନ୍ତି।

## ମାଓ ଦମ୍ପତିଙ୍କ ଆତ୍ମସମର୍ପଣ

ଫୁଲବାଣୀ/ଫିରିଙ୍ଗିଆ, ୧୬।୧୧ (ସମିସ): କନ୍ଧମାଳ ପୁଲିସ ନିକଟରେ ଆଜି ଏକ ମାଓ ଦମ୍ପତି ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ, ଛତିଶଗଡ଼ ସୁକମା ଜିଲ୍ଲା ପାରଲାଗାଟା ଗ୍ରାମର ଉଙ୍ଗା କଲମା ଓରଫ କିଶୋର(୨୫) ଓ ସୁକମା ଜିଲ୍ଲା ବାଜେ ଥାନା ଗୁମୁ ପଞ୍ଚାୟତର କିଣ୍ଡରାମ ଗ୍ରାମର ମାସେ ମାଣ୍ଡଭୀ (୨୨)। ସେମାନେ ୨୦୧୮ ମସିହାରେ ଲାଲବାହିନୀରେ ଯୋଗଦେଇ ବଂଶଧାରା-ଘୁମୁସର-ନୟାଗଡ଼ (ବିଜିଏନ) ସଙ୍ଗଠନରେ ପାର୍ଟି ମେମ୍ବର ଭାବେ କାମ କରୁଥିଲେ। ଦକ୍ଷିଣ-



କେନ୍ଦ୍ର ଓଡ଼ିଶା ମଧ୍ୟ ଦେଇ ଲାଲବାହିନୀର ଉତ୍ତର-ଦକ୍ଷିଣ କରିଡର୍‌କୁ ପୁନଃ ସକ୍ରିୟ କରିବା ପାଇଁ ସେମାନେ କାମ କରୁଥିଲେ ବୋଲି ଆଜି ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦକ୍ଷିଣାଞ୍ଚଳ ଆଇଜି ନିତିଶେଖର ପ୍ରକାଶ କରିଛନ୍ତି। ସେମାନେ ରାଜ୍ୟର ବିଭିନ୍ନ ସ୍ଥାନରେ ସଂଘଟିତ ଅନେକ ମାଓ କାର୍ଯ୍ୟକଳାପରେ ସମ୍ପୃକ୍ତ ରହିଥିବା କନ୍ଧମାଳ ଏସ୍‌ପି ହରିଣ ବିଶି କହିଛନ୍ତି।

ମାଓ ସଙ୍ଗଠନର ମିଥ୍ୟା ପ୍ରତିଶ୍ରୁତି, ହିଂସାତ୍ମକ କାର୍ଯ୍ୟକଳାପ, ନିର୍ଯାତନା, ବିକାଶକୁ ବିରୋଧ ଭଳି ଜନବିରୋଧୀ କାର୍ଯ୍ୟ ପ୍ରତି ବୀତସ୍ପୃହ ହେବା ସହିତ ସରକାରଙ୍କ ପକ୍ଷରୁ ଘୋଷିତ ଆକର୍ଷଣୀୟ ଥଇଥାନ ପ୍ୟାକେଜ ଦ୍ୱାରା ପ୍ରଭାବିତ ହୋଇ ସଙ୍ଗଠନ ଛାଡିବା ସହ ସମାଜର ମୁଖ୍ୟସ୍ରୋତକୁ ଫେରିବା ପାଇଁ ନିଷ୍ପତ୍ତି ନେଇଥିବା ଉଭୟ ପ୍ରକାଶ କରିଛନ୍ତି।

ଅପରପକ୍ଷେ, ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଛନ୍ତି ଆଇଜି ନିତିଶେଖର। ଏଥିସହ ବାଲିଗୁଡ଼ା ଥାନା ଅନ୍ତର୍ଗତ ପାଙ୍ଗୁରମାଲା ଗ୍ରାମ ନିକଟରେ ଡିଭିଏଫ ପକ୍ଷରୁ କମ୍ବିଂ ଅପରେସନ ଚାଲିଥିବା ବେଳେ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ ହୋଇଥିବା ସୂଚନା ଦେଇଛନ୍ତି ଆଇଜି। ଜବତ ସାମଗ୍ରୀ ମଧ୍ୟରେ ରହିଛି ୪ଟି ମୋର୍ଟାର ସେଲ, ୩ଟି ଡିଟୋନେଟର, ଟିଫିନ ବକ୍ସ, ବିଦ୍ୟୁତ ତାର ସହିତ ଖାଦ୍ୟ ସାମଗ୍ରୀ, ପୋଷାକ ଓ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ।

## ଜିଲ୍ଲା ପ୍ରଶାସନ ପକ୍ଷରୁ ଜାରି ହେଲା ସ୍ୱତନ୍ତ୍ର ମାର୍ଗଦର୍ଶିକା
# ଦଣ୍ଡନାଚରେ ଦ୍ୱିଅର୍ଥବୋଧକ ଶବ୍ଦକୁ ନା

ବ୍ରହ୍ମପୁର,୧୬ ।୧୧(ସମିସ): ଗଞ୍ଜାମର ଗଣପର୍ବ ଦଣ୍ଡନାଚରେ କ୍ରମଶଃ ଅଶ୍ଳୀଳତା ଓ ଅପସଂସ୍କୃତି ପ୍ରବେଶ କରୁଛି। ଏହା ଲୋକଙ୍କ ଧାର୍ମିକ ଭାବନାକୁ କୁଠାରଘାତ କରୁଥିବାରୁ ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଏହା ବିରୋଧରେ ପ୍ରଶାସନିକସ୍ତରରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଆସୁଥିବା ବେଳେ ବର୍ତ୍ତମାନ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଏନେଇ ତତ୍ପରତା ପ୍ରକାଶ ପାଇଛି। ଦଣ୍ଡନାଚରେ ଅଶ୍ଳୀଳତା, ଅପସଂସ୍କୃତି ଓ ଅସାମାଜିକ ତତ୍ତ୍ୱର ନିରାକରଣ ସକାଶେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି।

ଧୂଳିଦଣ୍ଡ ସମୟରେ ପାରମ୍ପାରିକ ଢଗଢ଼ମାଳି ଓ ଲୋକସଙ୍ଗୀତର ବ୍ୟବହାରକୁ ଯଦିଓ ଅନୁମତି ମିଳିଛି, ଦ୍ୱିଅର୍ଥବୋଧକ ଶବ୍ଦର ପ୍ରୟୋଗକୁ ନିଷିଦ୍ଧ କରାଯାଇଛି। ରାତ୍ରି ସମୟରେ ଆୟୋଜିତ ସାଂସ୍କୃତିକ ମଞ୍ଚରେ କେବଳ ପାରମ୍ପରିକ କଳାକୁ ଅନୁମତି ଦିଆଯାଇଛି। ବ୍ଲକ୍/ମହାନଗର ନିଗମ



ସ୍ତରରେ କମିଶନର, ତହସିଲଦାର, ବିଡିଓ, ଥାନା ଅଧିକାରୀ, କାର୍ଯ୍ୟନିର୍ବାହୀ ଅଧିକାରୀ, ବ୍ଲକ କଳା ସଂସ୍କୃତି ସଂଘକୁ ନେଇ ଏକ କମିଟି ଗଠନ କରାଯିବ। ପ୍ରତିବର୍ଷ ଦଣ୍ଡନାଚ ଆରମ୍ଭ ପୂର୍ବରୁ ଦଣ୍ଡନାଚର ମୁଖ୍ୟ ପରିଚାଳକଙ୍କୁ ନେଇ ବୈଠକ କରାଯାଇ ପ୍ରଶାସନ ପକ୍ଷରୁ ଜାରି ଦଣ୍ଡନାଚର ମାର୍ଗଦର୍ଶିକାର କଡ଼ାକଡ଼ି ଅନୁପାଳନ ନେଇ ଆଲୋଚନା କରାଯିବ। ଦଣ୍ଡନାଚର ମୁଖ୍ୟ ପରିଚାଳକ ଦଣ୍ଡନାଚ ପୂର୍ବରୁ ଆବଶ୍ୟକ ସର୍ତ୍ତ ପୂରଣ କରି ସ୍ଥାନୀୟ ଥାନା ଅଧିକାରୀଙ୍କଠାରୁ ଅନୁମତି ନେବେ। ଅନୁମତିପତ୍ରରେ ଦଣ୍ଡନାଚର ସବିଶେଷ ତଥ୍ୟ ଯଥା ନାଟକ

### ଖିଲାପ କଲେ କାର୍ଯ୍ୟାନୁଷ୍ଠାନ: ଜିଲ୍ଲାପାଳ

ସମ୍ପର୍କିତ ସମ୍ପୂର୍ଣ୍ଣ ବିବାରଣୀ, କଳାକାରଙ୍କ ନାମ ଓ ଠିକଣା, କେତେଦିନ ଓ କେଉଁ ସ୍ଥାନରେ ଦଣ୍ଡନାଚ ପରିବେଷଣ କରାଯିବ, ସେନେଇ ମଧ୍ୟ ତଥ୍ୟ ପ୍ରଦାନ କରିବାକୁ ହେବ। ଦଣ୍ଡନାଚ ପରିବେଷଣ ସମୟରେ ମାର୍ଗଦର୍ଶିକାର ଉଲ୍ଲଂଘନ ହେଲେ, ଉଲ୍ଲଂଘନକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ସ୍ପଷ୍ଟ ଉଲ୍ଲେଖ କରାଯାଇଛି। ପ୍ରଶାସନ ପକ୍ଷରୁ ନିଆଯାଇଥିବା ଏଭଳି ପଦକ୍ଷେପକୁ କଳା ଓ ସଂସ୍କୃତି ପ୍ରେମୀଙ୍କ ସହିତ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

## ଦିବ୍ୟାଙ୍ଗ ନାବାଳିକାଙ୍କୁ ଦୁଷ୍କର୍ମ

କେନ୍ଦୁଝର, ୧୬ ।୧୧ (ସମିସ): କେନ୍ଦୁଝର ସଦର ଥାନା ଅଞ୍ଚଳରେ ୯ ବର୍ଷୀୟା ଦିବ୍ୟାଙ୍ଗ ନାବାଳିକାଙ୍କୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ନାବାଳିକାଙ୍କ ବାପାଙ୍କ ଅଭିଯୋଗକ୍ରମେ ପୁଲିସ୍ ଏକ ମାମଲା ରୁଜୁ କରି ଅଭିଯୁକ୍ତ ପଶ୍ଚିମବଙ୍ଗ ବାଙ୍କୁରା ଅଞ୍ଚଳର ଅସିଫ୍ ଅନୱାର୍ ଖାନ୍‌କୁ କାଶୀପୁର ନିକଟରୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନାନୁସାରେ, ପୀଡ଼ିତାଙ୍କ ବାପାଙ୍କ ଗାଁରେ ଏକ ଗ୍ରୋସରୀ ଦୋକାନ ଅଛି। ଅସିଫ୍ ସେ ଅଞ୍ଚଳର ଦୋକାନଗୁଡ଼ିକରେ ପାଉଁରୁଟି ବିକିବାକୁ ଯାଇଥାଏ। ଗତକାଲି ମଧ୍ୟ ପାଉଁରୁଟି ବିକିବା ପାଇଁ ଯାଇଥିବା ବେଳେ ଦୋକାନ ବନ୍ଦ ଥିବାରୁ ସେ ପୀଡ଼ିତାଙ୍କ ଘରକୁ ଯାଇଥିଲା। ଘରେ କେହି ନଥିବା ଦେଖି ନାବାଳିକାଙ୍କୁ ଦୁଷ୍କର୍ମ କରି ଫେରାର୍ ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ନାବାଳିକାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆଜି ନାବାଳିକାଙ୍କ ବାପା ସଦର ଥାନାରେ ଅଭିଯୋଗ କରିଛନ୍ତି।

■ ଆଇନଜୀବୀ ପୀତବାସ ହତ୍ୟା ମାମଲା
# ଚିଣ୍ଟୁ, ଯୋଗୀ ଓ କୁରୁପତିଙ୍କ ଟିଆଇ ପରେଡ୍ ଆଜି

ବ୍ରହ୍ମପୁର, ୧୬।୧୧ (ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ କୁରୁପତି ଭୂୟାଁ, ଚିଣ୍ଟୁ ପ୍ରଧାନ ଓ ଯୋଗେନ୍ଦ୍ର ରାଉତ ଓରଫ୍ ଯୋଗୀର ସୋମବାର ବ୍ରହ୍ମପୁର ଜେଲ୍‌ରେ ଟିଆଇ ପରେଡ୍ ହେବ। ଏଥିପାଇଁ ତଦନ୍ତକାରୀ ଅଧିକାରୀ ତଥା ଟାଉନ ଏସ୍‌ଡିପିଓ ପ୍ରିୟସ ରଂଜନ ଛୋଟରାୟ ସ୍ଥାନୀୟ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଆବେଦନ କରିଥିଲେ। କୋର୍ଟ ଅନୁମତି ଦେଇଥିବା ଜଣାପଡ଼ିଛି। ସୋମବାର ଆକାଶ ବିଶୋୟୀ ଓ ଏନ୍ କିରଣ କୁମାରଙ୍କ ସମେତ ୩ରୁ ଊର୍ଦ୍ଧ୍ୱ ସାକ୍ଷୀ ଜେଲରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଚିଣ୍ଟୁ, ଯୋଗୀ ଓ କୁରୁପତିଙ୍କୁ ଟିଆଇ ପରେଡ୍‌ରେ ଚିହ୍ନଟ କରିବାର କାର୍ଯ୍ୟକ୍ରମ ଥିବା ସୂଚନା ମିଳିଛି। ଗତ ଶନିବାର ଗିରଫ ୫ ଅଭିଯୁକ୍ତ ଶିଶୁପାଳ କୁମାର ପାଶ୍ୱାନ, ସୀମାଞ୍ଚଳ ନାୟକ, କୁନ୍ଦନ କୁମାର, ବିପିନ ସ୍ୱାଇଁ ଓ ଉମା ଶଙ୍କର ବିଶୋୟୀଙ୍କ ଟିଆଇ ପରେଡ୍ ହୋଇଥିଲା।

ହତ୍ୟାକାଣ୍ଡ ଦିନ ଚିଣ୍ଟୁ ବାଇକ୍ ଚଳାଉଥିବା ବେଳେ କୁରୁପତି ଗୁଳି ଚଳାଇଥିଲା ବୋଲି ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ। ଏପରିକି, ଚିଣ୍ଟୁ ଓ କୁରୁପତିଙ୍କ ମୁହଁରେ କଳାକନା ବା ମୁଖା ପିନ୍ଧାଇ ଘଟଣାସ୍ଥଳରେ ସିନ୍ ରିକ୍ରିଏସନ୍ ମଧ୍ୟ କରାଯାଇଥିଲା। କିନ୍ତୁ କୋର୍ଟଚାଲାଣ ବେଳେ ସମସ୍ତ ଅଭିଯୁକ୍ତଙ୍କ ମୁହଁ ଖୋଲା ରହିଥିବା ଦେଖିବାକୁ ମିଳିଥିଲା। ଏହାଦ୍ୱାରା ଅଭିଯୁକ୍ତଙ୍କୁ ସମସ୍ତେ ଦେଖିବାର ସୁଯୋଗ ପାଇଥିଲେ। ତେଣୁ, ବର୍ତ୍ତମାନ ଟିଆଇ ପରେଡ୍ ଜରିଆରେ ଅଭିଯୁକ୍ତଙ୍କୁ ଚିହ୍ନଟ କରିବାର ଯଥାର୍ଥତାକୁ ନେଇ ପ୍ରଶ୍ନ ଉଠିଛି।

## ବଳଦେବ ଜୀଉ ମନ୍ଦିର ଉନ୍ନୟନ ପ୍ରକଳ୍ପର ସମୀକ୍ଷା
# ପାରିପାର୍ଶ୍ୱିକ ଉନ୍ନତୀକରଣ ଉପରେ ପୂର୍ତ୍ତ ମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର,୧୬ ।୧୧(ସମିସ): କେନ୍ଦ୍ରାପଡ଼ାର ପ୍ରସିଦ୍ଧ ବଳଦେବ ଜୀଉ ମନ୍ଦିରର ଐତିହ୍ୟ, ପର୍ଯ୍ୟଟନ ଓ ଭକ୍ତଙ୍କ ଭାବାବେଗ ଦୃଷ୍ଟିରୁ ସ୍ୱତନ୍ତ୍ରତା ରହିଛି। ମନ୍ଦିରର ପୂଜାବିଧି ଓ ପରମ୍ପରା ମଧ୍ୟ



ଅନେକ ଜଗନ୍ନାଥପ୍ରେମୀଙ୍କୁ ଆକୃଷ୍ଟ କରିଥାଏ। ବର୍ତ୍ତମାନ ସମୟରେ ମନ୍ଦିର ଓ ପାରିପାଶ୍ୱରିକ ଉନ୍ନତି ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ରହିଛନ୍ତି। ଏହି କ୍ରମରେ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବଳଦେବ ଜୀଉ ମନ୍ଦିର ଓ ପାରିପାର୍ଶ୍ୱର୍କ ଉନ୍ନତି ନେଇ ଏକ ସମୀକ୍ଷା ବୈଠକ କରାଯାଇଛି। ବୈଠକରେ ମୁଖ୍ୟ ମନ୍ଦିରର ଆବଶ୍ୟକ ମରାମତି, ପାରିପାର୍ଶ୍ୱର୍କ ଉନ୍ନତି ସହ ଆନନ୍ଦ ବଜାର, ରୋଷଘର, ସିନ୍ଦୁକ ଘର, ନିକଟରେ ଥିବା ପୁଷ୍କରିଣୀର ଉନ୍ନତିକରଣ ନେଇ କ'ଣ ପଦକ୍ଷେପ ନିଆଯାଇପାରିବ ସେ ନେଇ ପ୍ରସ୍ତାବିତ ଥ୍ରୀ-ଡି ନକ୍ସାର ତର୍ଜମା କରାଯାଇଛି। ଏଥି ସହିତ ମାଉସୀ ମା' ମନ୍ଦିରର ଉନ୍ନତି କରଣ, ପାର୍କିଂ ସ୍ଥଳ, ରଥଖଳା, ଯାତ୍ରୀନିବାସ, ଭୋଗ ଦୋକାନ, ପୁଲିସ କଣ୍ଟ୍ରୋଲ ରୁମ୍ ଆଦିର ଆଧୁନିକୀକରଣ ବାବଦରେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଓ ଜିଲ୍ଲାପାଳ ରଘୁରାମ ଆର୍ ଆୟାର ଓ ମନ୍ଦିର ସେବାୟତ ମାନଙ୍କ ସହ ଆଲୋଚନା ହୋଇଥିଲା। ଏହି ଅବସରରେ ବଳଦେବ ଜୀଉ ମନ୍ଦିର ଓ ପାରିପାର୍ଶ୍ୱର୍କ ଉନ୍ନତି ପାଇଁ ବିସ୍ତୃତ ପ୍ଲାନ୍ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କୁ ପ୍ରଦାନ କରିବା ପାଇଁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ାର ଅତିରିକ୍ତ ଜିଲ୍ଲାପାଳ, ମନ୍ଦିର ସେବାୟତ ସଂଘର ପ୍ରତିନିଧି ବୃନ୍ଦ ଏବଂ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।


**NOTICE (for Minor)**

By virtue of an affidavit sworn before The Executive Magistrate, Udala, Mayurbhanj, dated 14-11-2025 I, Bariyal Hembram, Address AT- Jamgandia, PO-Paktia, PS-Jharpokharia, Dist-Mayurbhanj, PIN-757093 declare that I have changed the name of my son from Gabinda Murmu to Gobinda Hembram. Henceforth, he shall be known as Gobinda Hembram for all purposes.

Bariyal Hembram

ADMISSION NOTICE-2025-26
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
Campus:
262, Puranpadhan, Balakati, Bhubaneswar
Mob. 7019799641, 7978608747
9853801459
Email: mdscnbbsr@gmail.com
• B. Pharm
Rs. 58,000/- P.A.
Eligibility: +2 Sc. (PCB/M & OJEE Appeared)
• D. Pharm
Rs. 48,000/- P.A.
Eligibility: +2 Sc. (PCB/M)
• B.M.L.T.
Rs. 58,000/- P.A.
Eligibility: +2 Sc. (PCB/M with 50 % Mark)
• D.M.L.T.
Rs. 48,000/- P.A.
Eligibility: +2 Sc. Pass (PCB/M)
• M.P.H.
Rs. 42,000/- P.A.
Eligibility: Any Graguate
ALL COURSE FEES ARE EXCLUDING HOSTEL


## ଅବଶିଷ୍ଟାଂଶ

### ଋଣ ଚାପରେ...

ପ୍ରଦର୍ଶନ କରିଛନ୍ତି। ଅନ୍ୟପକ୍ଷରେ ଗତ ଦଶନ୍ଧିରେ ଉତ୍ତମ ଆର୍ଥିକ ପରିଚାଳନା ନିମନ୍ତେ ଓଡ଼ିଶା, ଗୁଜରାଟ ଓ ମହାରାଷ୍ଟ୍ର ପରି ତିନିଟି ରାଜ୍ୟର ଜିଏସ୍‌ଡ଼ିପି ଓ ଋଣ ଅନୁପାତ ଭଲ ଥିବା କୁହାଯାଇଛି। ଓଡ଼ିଶାର ଋଣ ଓ ଜିଏସ୍‌ଡିପି ଅନୁପାତ ୧୪ % ମଧ୍ୟରେ ଥିବାବେଳେ ଗୁଜରାଟରେ ୧୫.୩% ଓ ମହାରାଷ୍ଟ୍ରରେ ୧୯% ରହିଥିବା କୁହାଯାଇଛି।

ଅନ୍ୟପକ୍ଷରେ ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୟମାସିକ (ଅକ୍ଟୋବର-ଡ଼ିସେମ୍ବର) ମଧ୍ୟରେ ଦେଶର ୨୬ଟି ରାଜ୍ୟ ବଜାରରୁ ୨.୮୭ ଲକ୍ଷ କୋଟି ଟଙ୍କା ଓ ଶେଷ ତ୍ରୟମାସିକ ପାଇଁ ପ୍ରାୟ ସମାନ ପରିମାଣର ଋଣ ଉଠାଇବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ସମ୍ପ୍ରତି ଦେଶର ରାଜ୍ୟ ସମୂହର ଋଣ ଓ ଜିଏସ୍‌ଡିପିର ହାରାହାରି ଅନୁପାତ ୨୮.୮% ପହଞ୍ଚିଥିବାବେଳେ ଆର୍ଥିକ ବର୍ଷ ଶେଷ ବେଳକୁ ଏହା ୩୧% ଅତିକ୍ରମ କରିବାର ଆଶଙ୍କା ରହିଛି। ଯାହା ରାଜ୍ୟଗୁଡ଼ିକର ବିକାଶ ହାରକୁ ପ୍ରଭାବିତ କରିବାର ଯଥେଷ୍ଟ ସମ୍ଭାବନା ରହିଛି।

### ଛିଡୁନି ବିହାର...

କରିବାକୁ ଦାବି କରିଥିବା ଜଣାପଡ଼ିଛି। ଗତ ମନ୍ତ୍ରିମଣ୍ଡଳରେ ବିଜେପିର ୧୯ ଏବଂ ଜେଡିୟୁର ୧୩ ଜଣ ମନ୍ତ୍ରୀ ଥିଲେ। ତେବେ ଉପମୁଖ୍ୟମନ୍ତ୍ରୀ ଥିବା ବିଜେପିର ଦୁଇ ନେତା ସମ୍ରାଟ ଚୌଧୁରୀ ଏବଂ ବିଜୟ ସିହ୍ନାଙ୍କୁ ଏହି ପଦରେ ରଖାଯିବା ନେଇ କିଛି ନିଶ୍ଚିତ ହୋଇନାହିଁ। ଏନଡିଏ ନେତାମାନଙ୍କ ମଧ୍ୟରେ ଏସଂପର୍କରେ ବିଚାର ଆଲୋଚନା ଚାଲିଛି। ମଙ୍ଗଲ ପାଣ୍ଡେ ଓ ରଜନୀଶ କୁମାରଙ୍କ ମଧ୍ୟରୁ ଜଣଙ୍କୁ ଉପ- ମୁଖ୍ୟମନ୍ତ୍ରୀ ପଦ ମିଳିବା ନେଇ ଚର୍ଚ୍ଚା ହେଉଛି। ବିହାରା ବିଧାନସଭା ନିର୍ବାଚନରେ ବିଜେପିକୁ ସର୍ବାଧିକ ୮୯ ଆସନ ମିଳିଥିବା ବେଳେ ଜେଡିୟୁ ୮୫, ଏଲ୍‌ଜେପି (ଆର) ୧୯, ହାମ୍‌ସ ୫ ଓ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା ୪ଟି ଆସନ ହାସଲ କରିଛନ୍ତି।

### ଭଉା ଟଙ୍କା ପାଇଁ...

ହୋଇଥିଲା। ଏହା ଦେଖି ପାଖରେ ଥିବା ବଡ଼ଭାଇ ପ୍ରକାଶ ଓ ତପନ ବିରୋଧ କରିବାରୁ ରମେଶ ସେମାନଙ୍କୁ ଆକ୍ରମଣ କରିଥିଲା। ଏ ସଂପର୍କରେ ମା' ହେମ ସାହୁ ଓ ଅନ୍ୟ ୩ ଭାଇ ଘଟଣା ସମ୍ପର୍କରେ ଥାନାରେ ଜଣାଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆପୋଷ ସମାଧାନ କରି ଫେରିଥିଲା। କିନ୍ତୁ ଏହାକୁ ନେଇ ମନେମନେ ରମେଶ ଭୀଷଣ ରାଗି ଯାଇଥିଲା। ତେଣୁ ବିଳମ୍ବିତ ରାତିରେ ସେ ପ୍ରଚୁର ମଦ ପିଇ ଘରକୁ ଫେରିଥିଲା। ପଦ୍ମନାଭ ଏକୁଟିଆ ଶୋଇଥିବା ଦେଖି ତାଙ୍କ ପେଟରେ ଛୁରି ଭୁସି ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। କିନ୍ତୁ ଏ ସଂପର୍କରେ ପରିବାରଲୋକେ ଟେର୍ ପାଇନଥିଲେ। ସକାଳୁ ପରିବାରଲୋକ ଏ ସଂପର୍କରେ ଜାଣିବା ପରେ ଥାନାରେ ଏତଲା ଦେଇଥିଲେ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ରମେଶକୁ ଅଟକ ରଖି ତଦନ୍ତ କରୁଛି।

### ଧରାପଡ଼ି ନାହାନ୍ତି...

ନ ଦେବାକୁ ଗତ ମାର୍ଚ୍ଚ ମାସ ୧ ତାରିଖରେ ଚୌଦ୍ୱାରା ଜେଲ୍ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଏହା ସତ୍ତ୍ୱେ ଚିଫ୍ ୱାର୍ଡର ଭଗତଙ୍କ ଉପରୁ ମାତ୍ର ୧୫ ଦିନ ପରେ ନିଲମ୍ବନ ଆଦେଶ ହଟାଯାଇ ପୁଣିଥରେ କେନ୍ଦ୍ରାପଡ଼ା ଜେଲ୍‌ରେ ଅବସ୍ଥାପିତ କରାଯାଇଛି। ଚୌଦ୍ୱାର ଜେଲ୍‌ରୁ ଯେଉଁଦିନ ଅଭିଯୁକ୍ତଦ୍ୱୟ ଫେରାର୍ ହେଲେ, ଉକ୍ତ ଦିନ ଭଗତ ଚିଫ୍ ୱାର୍ଡର ଡ୍ୟୁଟିରେ ଥିଲେ। ରାତି ସମୟରେ ସେ ଡ୍ୟୁଟି ନ କରି ଜେଲ୍‌ର ମେଡିକାଲ ରୁମ୍‌ରେ ଶୋଇଥିବା ସଙ୍ଗୀନ ଅଭିଯୋଗ ତାଙ୍କ ବିରୋଧରେ ଆସିଥିଲା। ଏହାପରେ ତାଙ୍କୁ ନିଲମ୍ବନ କରାଗଲା। ଏଭଳି ଦାୟିତ୍ୱହିନତା ସତ୍ତ୍ୱେ ବି ଜେଲ୍ ବିଭାଗ ତାଙ୍କୁ ମାତ୍ର ୧୫ ଦିନରେ ପୁନଃ ଅବସ୍ଥାପିତ କରାଯିବାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ୫ ଡିଗ୍ରୀକୁ ଖସିଲା...

ସ୍ୱାଭାବିକ ତୁଳନାରେ ତାପମାତ୍ରା ୫.୧ ଡିଗ୍ରୀ କମ୍ ରେକର୍ଡ ହୋଇଛି। ଏହାସହିତ ଭୁବନେଶ୍ୱର ତାପମାତ୍ରା ୧୩ ଡିଗ୍ରୀ ଓ ସ୍ୱାଭାବିକ ତୁଳନାରେ ୬.୪ ଡିଗ୍ରୀ ତଳେ ରହିଥିବାରୁ ଏହି ଦୁଇ ସ୍ଥାନରେ ଶୀତ ଲହରୀ ସ୍ଥିତି ସୃଷ୍ଟି ହୋଇଛି। ଅନ୍ୟ ସହରଗୁଡ଼ିକ ଯଥା ଦାରିଙ୍ଗବାଡ଼ିରେ ତାପମାତ୍ରା ୮ ଡିଗ୍ରୀ, ସେମିଳିଗୁଡ଼ିରେ ୭.୪, ଫୁଲବାଣୀରେ ୯ ଡିଗ୍ରୀ ରେକର୍ଡ ହୋଇଛି। ରାଉରକେଲା ୧୦.୨, ଝାରସୁଗୁଡା ୧୦.୬, କେନ୍ଦୁଝର ୧୦.୮, ସମ୍ବଲପୁର ୧୪.୨, ହୀରାକୁଦ ୧୫.୩, ବାଲେଶ୍ୱର ୧୫.୪, ଗୋପାଳପୁର ୧୫.୭, ଚାନ୍ଦବାଲି ୧୫.୮, ପାରାଦୀପ ୧୫.୮ ଓ ପୁରୀ ରେ ତାପମାତ୍ରା ୧୭.୮ ଡିଗ୍ରୀ ରେକର୍ଡ ହୋଇଛି। ତାପମାତ୍ରା ହ୍ରାସ ପ୍ରଭାବରେ ଆଭ୍ୟନ୍ତରୀଣରୁ ନେଇ ଉପକୂଳ, ପଶ୍ଚିମରୁ ନେଇ ଦକ୍ଷିଣ ଓଡ଼ିଶା ସବୁଠି ଶୀତର ଲହରୀ ଦେଖିବାକୁ ମିଳୁଛି। ଏଭଳି ସ୍ଥିତି ଆଗାମୀ ୨ ଦିନ ଯାଏଁ ଅର୍ଥାତ ୧୮ ତାରିଖ ପର୍ଯ୍ୟନ୍ତ ଏଭଳି ସ୍ଥିତି ଜାରି ରହିବାର ସମ୍ଭାବନା ରହିଛି। ଏହାପରେ ତାପମାତ୍ରାରେ ୨-୩ ଡିଗ୍ରୀ ବଢ଼ିବା ସହ ଶୀତର ପରିମାଣ ସାମାନ୍ୟ ହ୍ରାସ ପାଇବ ବୋଲି ଅନୁମାନ କରାଯାଉଛି। ମାତ୍ର ଏହି ସମୟରେ ପଶ୍ଚିମ ସହ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଜିଲ୍ଲାରେ ପୂର୍ବ ଭଳି ଥଣ୍ଡା ଅନୁଭୂତ ହେବ। ଶ୍ରୀଲଙ୍କା ଉପକୂଳ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ପ୍ରଭାବରେ ତାମିଲନାଡୁ ଓ ଦକ୍ଷିଣ ଉପକୂଳ ଆନ୍ଧ୍ରପ୍ରଦେଶ ଏବଂ ରୟାଲସୀମାରେ ଆଜି ଓ ଆସନ୍ତାକାଲି ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେବେ ଲଘୁଚାପର ପ୍ରଭାବ ଓଡ଼ିଶା ଉପରେ ନଥିବା ବେଳେ ରାଜ୍ୟକୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ଆସିବା ଯୋଗୁଁ ଥଣ୍ଡା କମିବାର ସମ୍ଭାବନା ରହିଛି।


**ସର୍ବସାଧାରଣ ସୂଚନା**

ଓମେଗା ଏଣ୍ଟରପ୍ରାଇଜେସ୍, ସରଣ୍ଡାମାଲ ପଥର ଖଣି -୨ ର ଲିଜ୍ ଧାରକ ଯାହାର ପ୍ରକଳ୍ପକୁ ତୁରନ୍ତ EC ପ୍ରଦାନ କରାଯାଇଛି ଏବଂ EC ଚିଠିର କପି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ୱେବ୍‌ସାଇଟ୍ (www.parivesh.nic.in) ରେ ଉପଲବ୍ଧ।

**NOTICE**

It is hereby noticed to all concerned that the partnership firm M/s SARALA SERVICE STATION bearing Reg. No. 470/2012 of District Cuttack is reconstituted with effect from the 3rd November 2025 as follows :-

1. Shri. Rajendra Kumar Sahoo ............... Retiring Partner.
2. Shri. Manas Ranjan Sahoo ............... Incoming Partner.
3. Shri. Chandra Shekhar Sahoo ............... Existing Partner

Shri. CHANDRA SHEKHAR SAHOO
Managing Partner

## ଆପ୍ରୋଚ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ

ଖଣ୍ଡପଡ଼ା,୧୬ା୧୧(ସମିସ): ଖଣ୍ଡପଡ଼ା ସହରସ୍ଥିତ ଆପ୍ରୋଚ ଶିକ୍ଷାନୁଷ୍ଠାନର ୩୫ତମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଶିଷ୍ଟ ଚିତ୍ରଶିଳ୍ପୀ ତଥା ଅବସରପ୍ରାପ୍ତ କଳାଶିକ୍ଷକ ଲଡ୍ଡୁକିଶୋର ସିଂହସାମନ୍ତ ଓ ମୁଖ୍ୟ ବକ୍ତା ଭାବେ ଅନୁଷ୍ଠାନର ପ୍ରତିଷ୍ଠାତା ସାମନ୍ତ ବିଶ୍ୱମ୍ଭର ମହାପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଯୁକ୍ତ ୨ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ସ୍ମିତା ଶେଫାଳି ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶୈଳବାଳା ରଥ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ମୁଖ୍ୟ ନିକୁଞ୍ଜ ବିହାରୀ ରଥ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିବା ବେଳେ ଶିକ୍ଷକ ବିନାୟକ ସାହୁ ମଞ୍ଚରେ ସଂଯୋଜନା କରିଥିଲେ। ଏ ଅବସରରେ ଅନୁଷ୍ଠାନର ପ୍ରାଚୀର ପତ୍ରିକା 'ସମୁଦ୍ର' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ପରିଶେଷରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ସମସ୍ତଙ୍କ ମନୋରଞ୍ଜନ କରିଥିଲେ।

## ଅଙ୍ଗନବାଡ଼ି ସଂଘ ବୈଠକ

ନୟାଗଡ଼,୧୬ା୧୧(ସମିସ): ଭାରତୀୟ ମଜଦୂର ସଂଘ ଦ୍ୱାରା ପରିଚାଳିତ ଅଲ ଓଡ଼ିଶା ଅଙ୍ଗନବାଡ଼ି ଲେଡ଼ିଜ ୱାର୍କର ଆସୋସିଏସନ ନୟାଗଡ ଶାଖା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ୨୪ ତାରିଖ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କ ଦରମା ବୃଦ୍ଧି ଓ ଅନ୍ୟାନ୍ୟ ସମସ୍ୟାକୁ ନେଇ ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନା କରିବା ପାଇଁ ବିଧାନସଭା ଆଗରେ ଏକ ଦିବସୀୟ ବିକ୍ଷୋଭ ପ୍ରଦର୍ଶନ କରିବା ନିମନ୍ତେ ଆଲୋଚନା ହୋଇଛି। ଏହି ବୈଠକରେ ରାଜ୍ୟ ସମ୍ପାଦିକା କୁଞ୍ଜଲତା ଦାସ, ଜିଲ୍ଲା ସଭାପତି ଜ୍ୟୋସ୍ନାମୟୀ ପଣ୍ଡା, ଜିଲ୍ଲା ସମ୍ପାଦିକା ଗୀତାଞ୍ଜଳି ସେଠୀ, ଜିଲ୍ଲା କୋଷାଧ୍ୟକ ବାସନ୍ତୀ ପ୍ରଧାନ, ଜିଲ୍ଲା ସମ୍ପାଦକ ସୁକାନ୍ତ କୁମାର ମହାପାତ୍ର ଓ ସମସ୍ତ ବ୍ଲକର ସଭାପତି, ସମ୍ପାଦକ ଓ ଜିଲ୍ଲାର ଅନ୍ୟାନ୍ୟ ଅଙ୍ଗନବାଡ଼ି କର୍ମୀ ସମୂହ ଅଂଶଗ୍ରହଣ କରିଥିଲେ।

## ସିଆଇଟିୟୁ ଜିଲ୍ଲା ସମ୍ମିଳନୀ

ନୟାଗଡ଼,୧୬ା୧୧(ସମିସ): ନୟାଗଡ଼ ଜିଲ୍ଲାରେ ଶ୍ରମିକଙ୍କ ନ୍ୟାୟ ସଙ୍ଗତ ଦାବି ନେଇ ବ୍ୟାପକ ଓ ଶକ୍ତିଶାଳୀ ଟ୍ରେଡ୍ ଆନ୍ଦୋଳନ ଗଢ଼ି ତୋଳିବା ପାଇଁ ଶିକ୍ଷକ ଭବନ ଠାରେ ଅନୁଷ୍ଠିତ ସିଟୁ ଜିଲ୍ଲା ସମ୍ମିଳନୀରେ ଶ୍ରମିକ ମୁଖିଆମାନେ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ବରିଷ୍ଠ ଶ୍ରମିକ ନେତା ବିଶ୍ୱନାଥ ମହାପାତ୍ର ଲାଲ୍ ପତାକା ଉତ୍ତୋଳନ କରିବା ପରେ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ସିଆଇଟିୟୁର ରାଜ୍ୟ ନେତା ଦୁଷ୍ମନ୍ତ କୁମାର ଦାସ। ସିଟୁ ନେତା ଶରତଚନ୍ଦ୍ର ବେହେରା, ଜୟନ୍ତୀ ଦାଶ, ମଙ୍ଗୁଳୀ ରାଉତ, ଚାପଧାରୀ ରାଉତଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ସମ୍ମିଳନୀ ପରିଚାଳନା କରିଥିଲେ। ବରିଷ୍ଠ ସଂଗଠକ ସୁରେଶ ଚନ୍ଦ୍ର ସ୍ୱାଇଁ, ହରିଶ୍ଚନ୍ଦ୍ର ମିଶ୍ର, ନିତ୍ୟାନନ୍ଦ ପରିଡା, ସରୋଜ କୁମାର ନାୟକ ସମ୍ମିଳନୀର ସଫଳତା କାମନା କରି ବାର୍ତ୍ତା ରଖିଥିଲେ। ସିଆଇଟିୟୁର ଅନ୍ୟତମ ରାଜ୍ୟ ନେତା ଲୋଭାକାନ୍ତ ସ୍ୱାଇଁ, ଶରତଚନ୍ଦ୍ର ବେହେରା ଆବାହକ ଓ ଗୋଲକ ବିହାରୀ ମୁଦୁଲି, ପବିତ୍ର ଇନ୍ଦ୍ରଜିତ, ଚାପଧାରୀ ରାଉତ, କାଳନ୍ଦୀ ଭାଇ ପ୍ରମୁଖ ସମ୍ମିଳନୀ ପରିଚାଳନାରେ ସହଯୋଗ କରିଥିଲେ।

## ଚାରଣ ଶାଖା ୩୭ ତମ ବାର୍ଷିକ କାର୍ଯ୍ୟକ୍ରମ

ଓଡ଼ଗାଁ,୧୬ା୧୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ କୁରାଳ ଚାରଣ ଶାଖା ୩୭ତମ ବାର୍ଷିକ ସମ୍ମିଳନୀ ଶ୍ରୀଦଧିବାମନଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ହୋଇଯାଇଛି। ନିର୍ଦ୍ଧାରିତ ସମୟରେ ଚାରଣ ସ୍ୱାଗତ ଏବଂ ସମୂହ ସ୍ୱାଧ୍ୟାୟ, ନଗର ସଙ୍କୀର୍ତ୍ତନ, ବିଷ୍ଣୁ ଗାୟତ୍ରୀ ଯଜ୍ଞ ଓ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ୪ର୍ଥରୁ ୧୦ମ ଶ୍ରେଣୀର ବିଦ୍ୟାର୍ଥୀଙ୍କ ମଧ୍ୟରେ ଶ୍ରୀଜଗନ୍ନାଥଙ୍କ ଉପରେ ଆଧାରିତ ସାଧାରଣ ଜ୍ଞାନ (କୁଇଜ୍) ପ୍ରତିଯୋଗିତା ଅନୁଷ୍ଠିତ ହୋଇ ସଫଳ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କଥାବାଚକ ଚାରଣ ପାର୍ଥସାରଥି ମହାନ୍ତିଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ସହିତ ସାମୁହିକ ଗୀତ ଗୋବିନ୍ଦ ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ଆନ୍ତର୍ଜାତିକ ଚାରଣ ଗୋଷ୍ଠୀ ପୁରୀ ଯୁଗ୍ମ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ବେହେରା, ନୟାଗଡ଼ ଜିଲ୍ଲା ସଙ୍ଗଠକ ରାମକୃଷ୍ଣ ସାହୁ, ସମ୍ପାଦକ ଡା. ପ୍ରମୋଦ କୁମାର ପାଲ ପ୍ରମୁଖ ଯୋଗଦେଇ ଥିବା ବେଳେ ଚାରଣ ଶୁକଦେବ ମହାରଣାଙ୍କ ଦ୍ୱାରା ମଞ୍ଚ ପରିଚାଳନା କରାଯାଇଥିଲା।

## ବରିଷ୍ଠ ନାଗରିକ ମଞ୍ଚ ନୂତନ କର୍ମକର୍ତ୍ତା ଚୟନ

ଓଡ଼ଗାଁ,୧୬ା୧୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍‌ଏସି ଶ୍ରୀରଘୁନାଥ ବରିଷ୍ଠ ନାଗରିକ ମଞ୍ଚ ନୂତନ ଭାବେ ଚୟନ କାର୍ଯ୍ୟକର୍ତ୍ତାମାନେ ରବିବାର କୋମଣ୍ଡ ନିକଟସ୍ଥ ପଥରା ମହର୍ଷି ଦୟାନନ୍ଦ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ ବୃଦ୍ଧାଶ୍ରମର ଅନ୍ତେବାସୀଙ୍କୁ ଶୀତବସ୍ତ୍ର ବଣ୍ଟନ କରିଥିଲେ। ଓଡ଼ଗାଁ ସରକାରୀ କଲ୍ୟାଣୀ ମଣ୍ଡପଠାରେ ପୂର୍ବତନ ସଭାପତି ଦାମୋଦର ଖିଲାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ଅଧିବେଶନରେ ସର୍ବସମ୍ମତିକ୍ରମେ ବରିଷ୍ଠ ନାଗରିକ ବସନ୍ତ କୁମାର ମିଶ୍ରଙ୍କୁ ସଭାପତି ଭାବେ ମନୋନୀତ କରିଥିବା ବେଳେ ଉପସଭାପତି ଭାବେ ସୁବାସ ଚନ୍ଦ୍ର ପାତ୍ର, ସମ୍ପାଦକ ନୃସିଂହ ଚରଣ ସାହୁ, ସହ ସମ୍ପାଦକ ବଟକୃଷ୍ଣ ପଣ୍ଡା ଏବଂ କୋଷାଧ୍ୟକ୍ଷ ଭାବେ ଶେଷଦେବ ସାହୁ ମନୋନୀତ ହୋଇଥିଲେ। ଏହିକ୍ରମରେ ସୁବାସ ଚନ୍ଦ୍ର ସାହୁ, ଲକ୍ଷ୍ମୀନାରାୟଣ ଦାଶ, ଅଜିତ କୁମାର ନାୟକ, ପ୍ରମୋଦ ଦୋରାଙ୍କୁ କାର୍ଯ୍ୟକାରି ସଦସ୍ୟ ଭାବେ ମନୋନୀତ କରାଯାଇଥିଲା। ବରିଷ୍ଠ ନାଗରିକ ଲୋକନାଥ ମିଶ୍ର (ଭରଦ୍ୱାଜ)ଙ୍କ ପ୍ରସ୍ତାବ କ୍ରମେ ଅର୍ଥ ଯୋଗାଡ କରି କମ୍ବଳ ନେଇ ବୃଦ୍ଧା ଶ୍ରମରେ ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ବଣ୍ଟନ କରାଯାଇଥିଲା।

## ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ
# 'ସହାୟକ' କରୁଛନ୍ତି ଚକ୍ଷୁ ଚିକିତ୍ସା

ନୟାଗଡ଼,୧୬ା୧୧(ସମିସ)



ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଜି ଏକ ଅଭାବନୀୟ ପରିସ୍ଥିତି ଦେଖାଯାଇଛି। ଚକ୍ଷୁ ବିଭାଗ ଡାକ୍ତରଙ୍କ ସିଟ୍ ଦିନତମାମ ଖାଲି ପଡ଼ିଥିବା ବେଳେ ସହାୟକ ରୋଗୀଙ୍କୁ ଚିକିତ୍ସା ଯୋଗାଇ ଦେଇଥିବା ଦେଖାଯାଇଛି। ଏନେଇ ଅଭିଯୋଗ ପାଇବା ପରେ ଗଣମାଧ୍ୟମ ପ୍ରତିନିଧିମାନେ ତାଙ୍କୁ ପ୍ରଶ୍ନ କରିବାରେ ସେ ନାଲିଆଖି ଦେଖାଇବାକୁ ମଧ୍ୟ ପଛାଇ ନାହାନ୍ତି। ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ସମସ୍ୟା ସାଂଘାତିକ ସ୍ଥିତି ସୃଷ୍ଟି କରିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ରହିଥିବା ଚକ୍ଷୁ ଚିକିତ୍ସାଳୟରେ ରବିବାର କୌଣସି ଡାକ୍ତର ନଥିବା ବେଳେ ଆସୁଥିବା ରୋଗୀଙ୍କୁ ଅପ୍ଥାଲମିକ୍ ଆସିଷ୍ଟାଣ୍ଟ ବା 'ଚକ୍ଷୁ ବିଶେଷଜ୍ଞଙ୍କ ସହାୟକ' ଚିକିତ୍ସା କରୁଥିବା ଦେଖାଯାଇଛି। ରୋଗୀମାନେ ଟିକଟ କରି ଚକ୍ଷୁ ଚିକିତ୍ସାଳୟରେ ପହଞ୍ଚିବା ପରେ ଡାକ୍ତରଙ୍କ ସିଟ୍‌ରେ ବସିଥିବା ସହାୟକ ପିସି ବାହିନୀପତି ସେମାନଙ୍କ ଆଖି ପରୀକ୍ଷା କରିବା ସହ ଔଷଧ ଲେଖୁଥିବା ଦେଖାଯାଇଛି। ଯାହାକୁ ନେଇ ରୋଗୀ ଏବଂ ରୋଗୀ ସମ୍ପର୍କୀୟମାନେ ନାନାଦି ପ୍ରଶ୍ନ ଉଠାଇଛନ୍ତି। ଏଥିପାଇଁ କିଏ ଅନୁମତି ଦେଇଛି ବୋଲି ପ୍ରଶ୍ନ କରିଛନ୍ତି। ଜଣେ ସହାୟକ, ଯିଏ କି ଟେକ୍ନିସିଆନ୍ ଭାବେ କାର୍ଯ୍ୟ କରିବା କଥା, ସିଏ ନିଜକୁ ଡାକ୍ତର ପରିଚୟ ଦେଇ ରୋଗୀଙ୍କୁ ଔଷଧ ଲେଖିବା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। କିଛି ରୋଗୀ ତାଙ୍କୁ ଡାକ୍ତର ଭାବେ ପ୍ରେକ୍ସିସନ୍ ନେଇ ନିରାମୟରୁ ଡ୍ରପ୍ ଓ ଔଷଧ ନେଇ ଘରକୁ ଯାଇଥିବା ଦେଖାଯାଇଛି। ଆଖି ଭଳି ଏକ ସମ୍ବେଦନଶୀଳ ଅଙ୍ଗ ପ୍ରତି ଜଣେ ସହାୟକ ଔଷଧ ଲେଖିବା ସାଂଘାତିକ ପରିସ୍ଥିତି ହେବାର ସମ୍ଭାବନା ସୃଷ୍ଟି କରିଛି। ଚିକିତ୍ସା କରୁଥିବା 'ଚକ୍ଷୁ ବିଶେଷଜ୍ଞଙ୍କ ସହାୟକ'ଙ୍କୁ ପଚାରିବାରେ, ଏଥିପାଇଁ ତାଙ୍କୁ ଡାକ୍ତର ଅନୁମତି ଦେଇଥିବା କହିଛନ୍ତି। ଏପରିକି ସେ ଗଣମାଧ୍ୟମ ପ୍ରତିନିଧିଙ୍କୁ ନାଲିଆଖି ଦେଖାଇବାକୁ ପଛାଇ ନାହାନ୍ତି। ଏପରି ଘଟଣାକୁ ନେଇ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ କୁମାର ଦାଶଙ୍କୁ ପଚାରିବାରେ, ଏଭଳି କରାଯିବା କଥା ନୁହେଁ। ଯଦି ଏଭଳି ହୋଇଛି, ତେବେ ଆପଣ ଏଡିଏମ୍‌ଙ୍କୁ ଜଣାନ୍ତୁ କହି ଫୋନ୍ କାଟି ଦେଇଛନ୍ତି। କେବଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନୁହେଁ, ଜିଲ୍ଲାର ଅନେକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମଧ୍ୟ ଏହି ଅପ୍ଥାଲମିକ୍ ଆସିଷ୍ଟାଣ୍ଟ ବା ଚକ୍ଷୁ ବିଶେଷଜ୍ଞଙ୍କ ସହାୟକମାନେ ଆଖି ପରୀକ୍ଷା କରିବା ସହ ରୋଗୀଙ୍କୁ ଔଷଧ ଲେଖୁଥିବା ଅଭିଯୋଗ ହୋଇଛି। ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ଦିନକୁ ଦିନ ରୋଗାଗ୍ରସ୍ତ ହେଉଥିବା ବେଳେ ଏଭଳି ପରିସ୍ଥିତି ସାଂଘାତିକ ପ୍ରଶ୍ନ ସୃଷ୍ଟି କରୁଛି। କାହାର ଆଖି ନଷ୍ଟ ହୋଇଗଲେ କିଏ ଦାୟୀ ରହିବ ବୋଲି ଆଲୋଚନା ହେଉଛି। ଏଠାରେ ପ୍ରକାଶ ଯୋଗ୍ୟ, ନୟାଗଡ଼ ଜିଲ୍ଲାରେ ୪୩୪ଟି ଡାକ୍ତର ପଦବୀ ରହିଥିବା ବେଳେ ମାତ୍ର ୧୫୦ ଜଣ ଡାକ୍ତର କାର୍ଯ୍ୟରତ ଥିବା ଜଣାପଡ଼ିଛି। ଜିଲ୍ଲାରେ ନିଯୁକ୍ତି ପାଇଥିବା ୨୦୨ ଜଣ ଡାକ୍ତରଙ୍କ ମଧ୍ୟରୁ ୫୨ ଜଣ ପିଜି ପଢ଼ିବା ପାଇଁ ଯାଇଥିବା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ଫଳରେ ଜିଲ୍ଲାରେ ୨୩୨ଟି ପଦବୀ ଖାଲି ପଡ଼ିଥିବା ବେଳେ ୫୨ ଜଣ ଡାକ୍ତର ପଦବୀରେ ଥାଇ କାର୍ଯ୍ୟ କରୁନାହାନ୍ତି। ଆୟୁଷ ଡାକ୍ତର ପଦବୀ ୪୦ଟିରୁ ୧ଟି ଖାଲି ପଡ଼ିଥିବା ବେଳେ ଜିଲ୍ଲାରେ ଆଉ ୧୦ଟି ଆୟୁଷ ଡାକ୍ତର ପଦବୀ ବୃଦ୍ଧି ପାଇପାରିବ ବୋଲି ମତ ପ୍ରକାଶ ପାଇଛି। ସେହିଭଳି ଭାବେ ଜିଲ୍ଲାରେ ୫୦ଟି ଫାର୍ମସିଷ୍ଟ, ୧୩୩ ନର୍ସିଂ ପଦବୀ ଖାଲିଥିବା ସୂଚନା ମିଳିଛି।

## ଶାଳ କାଠ ଗଣ୍ଡି ଜବତ, ୩ ଗିରଫ



ଖଣ୍ଡପଡ଼ା,୧୬ା୧୧(ସମିସ): ଖଣ୍ଡପଡ଼ା ବନାଞ୍ଚଳ ଅଧୀନ ଗୁରିଆବାରୀ ସଂରକ୍ଷିତ ଜଙ୍ଗଲରୁ ଶନିବାର ରାତିରେ କାଠ ମାଫିଆମାନଙ୍କ ଦ୍ୱାରା ୫ ଗୋଟି ଶାଳ କାଠ ଗଣ୍ଡି ଚାଲାଣ ବେଳେ କୌଣସି ବିଶେଷ ସୂତ୍ରରୁ ଖବରପାଇ ଖଣ୍ଡପଡ଼ା ବନବିଭାଗ କର୍ମଚାରୀମାନେ ଚଢ଼ଉ କରିଥିଲେ। ସେମାନେ ଘଟଣାସ୍ଥଳରେ ପହଞ୍ଚି କଟା ଯାଇଥିବା ଶାଳ କାଠ ଗଣ୍ଡି ଓ ଏକ କାଠ କଟା କରତକୁ ଜବତ କରିବା ସହ ଏହି କାରବାରରେ ସଂପୃକ୍ତ ଥିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଥିବା ଜଣାପଡିଛି। ଗିରଫ କାଠ ମାଫିଆମାନେ ହେଲେ ଖଣ୍ଡପଡ଼ା ବ୍ଲକ କୁମ୍ଭାରପଡା ଗ୍ରାମର ମହେନ୍ଦ୍ର କୁମାର ପଣ୍ଡା, ନିକଟସ୍ଥ ଜାକେଲା ଗ୍ରାମର ଅଭୟ ନାଏକ ଓ କଟକ ଜିଲ୍ଲାର ବଡମ୍ବା ଥାନା ଅଧିନ ଜାନିପଦର ଗ୍ରାମର ଗୌରାଙ୍ଗ ଜେନା ବୋଲି ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। କାଠ ମାଫିଆମାନେ ସଂରକ୍ଷିତ ଜଙ୍ଗଲରୁ ମହାଦ୍ରୁମ ଶାଳ ଗଛ ଗୁଡିକ କାଟି ଲୁଟି ନେଉଥିବା ନେଇ ଖଣ୍ଡପଡ଼ା ବନ ବିଭାଗ କର୍ତ୍ତୃପକ୍ଷଙ୍କୁ ସୂଚନା ମିଳିବା ପରେ ବନାଞ୍ଚଳ ଅଧିକାରୀ ଦିଲ୍ଲୀପ କୁମାର ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସିଂଘାପଡା ବନପାଳ କୈଳାସ ଚନ୍ଦ୍ର ପ୍ରଧାନଙ୍କ ସମେତ କର୍ମଚାରୀମାନେ ସେଠାରେ ଅଚାନକ ଚଢାଉ କରିଥିଲେ। ଜବତ ୩୦ ସିଫ୍ଟ ଶାଳ କାଠ ଗଣ୍ଡିର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। ଜବତ କାଠ ଗଣ୍ଡିଗୁଡିକୁ ସିଂଘାପଡା ବନପାଳଙ୍କ କାର୍ଯ୍ୟାଳୟରେ ରଖାଯାଇଥିବା ବେଳେ ଏ ସଂପର୍କରେ ଏକ ମାମଲା ରୁଜୁ ହୋଇଥିବା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଜଣାପଡିଛି। ମାଫିଆ ମାନଙ୍କୁ ରବିବାର ଅଦାଲତ ଚାଲାଣ କରାଯାଇଛି। ବନ ବିଭାଗ ପକ୍ଷରୁ ସଠିକ ଭାବରେ ପାଟ୍ରୋଲିଂ ନହେବାରୁ କାଠ ମାଫିଆ ମାନେ ସକ୍ରିୟ ହେବା ସହ ମୂଲ୍ୟବାନ ବୃକ୍ଷ କାଟି ନେବାରେ ସକ୍ଷମ ହେଉଥିବା ସାଧାରଣରେ ଆଲୋଚନା ହେଉଥିବା ଜଣାପଡିଛି।

## ବାଇକ ନେଇ ଛୁ' ମାରିଲା ଯୁବକ

ଭାପୁର,୧୬ା୧୧(ସମିସ): ଶୁକ୍ରବାର ରାତିରେ ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥ ତରତୁଆଠାରେ ଦୁଇଟି ଟ୍ରକ୍ ମୁହାଁମୁହିଁ ଧକ୍କା ଯୋଗୁଁ ରାସ୍ତା ଅବରୋଧ ହୋଇଥିଲା। ଏହି ସମୟରେ ସାରୁଅ ଗ୍ରାମର ସଞ୍ଜୟ ବେହେରା ବାଇକ ଯୋଗେ ଖୋର୍ଦ୍ଧା ପଟୁ ଫେରୁଥିବା ସମୟରେ ରାସ୍ତା ଜାମ ଥିବାରୁ ସେଠାରେ ଛିଡା ହୋଇଥିବା ଭାପୁର ବ୍ଲକ ଗୋଳାପୋଖରୀ ପଞ୍ଚାୟତ ନୀଳକଣ୍ଠ ପ୍ରସାଦ ଗ୍ରାମର ଗୁରୁ ବଳିୟାର ସିଂହ ସଞ୍ଜୟଙ୍କ ବାଇକରେ ଲିଫ୍ଟ ମାଗି ଆସିଥିଲା। ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଛକରେ ଛାଡି ଦେବା ପାଇଁ କହିଥିଲେ। ସଞ୍ଜୟ ଦୟା ପରବଶ ହୋଇ ନିଜ ଗ୍ରାମ ଠାରୁ ୧୫ କିମି ଦୂରକୁ ଛାଡିବା ପାଇଁ ଆସିଥିଲା। ଟୀକାତାଳ ଛକ ଉପରେ ସଞ୍ଜୟ ବାଇକ୍‌ରେ ଚାବି ଲଗେଇ ଦୋକାନକୁ ଗୁଟୁକା ପାଇଁ ଆସିଥିବା ବେଳେ ଗୁରୁ ବାଇକକୁ ଧରି ନିଜ ଗ୍ରାମ ପଟକୁ ଛୁ' ମାରିଥିଲା। ସାଙ୍ଗ ହୋଇ ଆସିବା ଭିତରେ ଗୁରୁ ସମସ୍ତ ଠିକଣା, ଫୋନ ନମ୍ବର ଆଦି ସଞ୍ଜୟ ରଖି ଦେଇଥିଲା। ସଞ୍ଜୟ ବାରମ୍ବାର ଫୋନ କରିବା ଦ୍ୱାରା ଶୁକ୍ରବାର ରାତିରେ ଗୁରୁ ନିଜ ଗ୍ରାମ ଶ୍ମଶାନରେ ବାଇକ ଫୋପାଡ଼ି ଦେଇ ଶନିବାର ଫେରାର ହୋଇଯାଇଥିଲା। ସକାଳୁ ନୀଳକଣ୍ଠ ପ୍ରସାଦ ଗ୍ରାମ ଶ୍ମଶାନରେ ଏକ ନୂଆ ବାଇକ ପଡ଼ିଥିବା ଦେଖି ଗ୍ରାମବାସୀ ଫତେଗଡ଼ ଥାନାକୁ ଜଣେଇଥିଲେ। ଭାପୁର ଆଉଟପୋଷ୍ଟ ଅଧିକାରୀ ବାଇକକୁ ଜବତ କରିଥିଲେ। ଅସୁବିଧାରେ ପଡିଥିବା ଜଣେ ଯୁବକଙ୍କୁ ଲିଫ୍ଟ ଦେଇ ନାମ ନେଲେ ହୃଦୟବାନ ଯୁବକ। ଏହି ଘଟଣା ଭାପୁର ଅଞ୍ଚଳରେ ଚର୍ଚ୍ଚା କେନ୍ଦ୍ରବିନ୍ଦୁ ପାଲଟିଛି।

## ଶୂନ୍ୟ ମୃତାହତ ପକ୍ଷ ପାଳିତ

ନୟାଗଡ଼,୧୬ା୧୧(ସମିସ): ନୟାଗଡ଼ ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମୋହାନ୍ତିଙ୍କ ତତ୍ତ୍ୱାବଧାନରେ ଶୂନ୍ୟ ମୃତାହତ ପକ୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ, ନୟାଗଡ଼ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠିତ ସଭାରେ ଟ୍ରାଫିକ ନିୟମ ପାଳନ ପାଇଁ ଶପଥ ପାଠ କରାଯାଇଥିଲା। ଏହା ସହିତ ଏକ ସଚେତନତା ରଥ ଶୁଭାରମ୍ଭ କରାଯାଇଛି। ଟ୍ରାଫିକ ନିୟମ ପାଳନ ଓ ଦୁର୍ଘଟଣା ଜନିତ ମୃତ୍ୟୁ ରୋକିବାକୁ ପଦକ୍ଷେପ ଗ୍ରହଣ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ଅବସରରେ ସିଭିଲ ସୋସାଇଟିର କାର୍ଯ୍ୟକର୍ତ୍ତା, ଘରୋଇ ବସ୍ ମାଲିକ ସଘ ସଭାପତି, ସମ୍ପାଦକ, ସହାୟକ ଆଞ୍ଚଳିକ ପରିବହନ ଅଧିକାରୀ, କନିଷ୍ଠ ଯାନ ନିରୀକ୍ଷକ, ଟିଆଇଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ଏବଂ ସମସ୍ତ ଯାନ ଚାଳକ ସମିତି ସଭ୍ୟ ଉପସ୍ଥିତ ଥିଲେ। ଶେଷରେ ସଚେତନତା ରଥ ସମଗ୍ର ଜିଲ୍ଲାରେ ପରିକ୍ରମା କରିବା ସହିତ ସଭା ସ୍ଥଳରୁ ଦୁଇଚକିଆ ଯାନରେ ସମସ୍ତେ ହେଲମେଟ ପିନ୍ଧି ସହର ପରିକ୍ରମା କରିଥିଲେ।

## ଗୋଟିଏ ଗାଁରେ ପାଞ୍ଚ ଘରୁ ଚୋରି ଉଦ୍ୟମ

ଭାପୁର,୧୬ା୧୧(ସମିସ): ନୟାଗଡ଼ ଜିଲ୍ଲା ଫତେଗଡ ଥାନା ଭାପୁର ପଞ୍ଚାୟତ ଏଲପଡା ଗ୍ରାମରେ ଗୋଟିଏ ରାତିରେ ଚୋରମାନେ ୫ ଜଣଙ୍କ ଘର ତାଲା ଭାଙ୍ଗି ଚୋରି କରି ବିଫଳ ହୋଇଥିବା ଜଣାପଡିଛି। ଶୁକ୍ରବାର ରାତିରେ ଏଲପଡା ଗାଁରେ ଚୋରମାନେ ତ୍ରିଲୋଚନ ନାୟକ, ପ୍ରିତମୋହନ ଜୁଝାର ସିଂହ, ଦେବରାଜ ମହାରଣା, କାବୁଲା ନାୟକ ଓ ଗଣେଶ୍ୱର ଖୁଣ୍ଟିଆଙ୍କ ବାଡିପଟ ଘର ତାଲାକାଟି ଘରେ ପଶି ଚୋରି କରିବା ଚେଷ୍ଟା କରିଛନ୍ତି। କୌଣସି ଜାଗାରେ ସଫଳ ନ ହୋଇ ଗାଁ ଲୋକ ଉଠିଯିବାରୁ ଚୋରମାନେ ଚପଲ ଓ ଟୋପି ଛାଡି ପଳାଇଛନ୍ତି। ପୁଲିସ ଉପରେ ଆସ୍ଥା ନ ଥିବାରୁ କୌଣସି ଅଭିଯୋଗ ଫାଣ୍ଡି କି ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

● ଭଏସ୍ ଅଫ୍ ନୟାଗଡ଼ ସିଜିନ-୬

## ୨୧ ପ୍ରତିଯୋଗୀ ସେମିଫାଇନାଲକୁ ଉନ୍ନୀତ



ନୟାଗଡ଼,୧୬ା୧୧(ସମିସ): ନୟାଗଡ଼ ଜିଲ୍ଲାର ସର୍ବବୃହତ ସଂଗୀତ ପ୍ରତିଯୋଗିତା ଭଏସ୍ ଅଫ୍ ନୟାଗଡ଼ ସିଜନ୍ -୬ ପ୍ରଥମ ପର୍ଯ୍ୟାୟ ଅଡିସନ୍ ରୋଟାରୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ଲୁକ୍କାୟିତ କଣ୍ଠଶିଳ୍ପୀଙ୍କୁ ଲୋକଲୋଚନକୁ ଆଣିବା ଦିଗରେ ନୟାଗଡ଼ କ୍ଲବ ତରଫରୁ ବିଗତ ପାଞ୍ଚବର୍ଷ ହେଲା ଅନୁଷ୍ଠିତ ହେଉଥିବା ଭଏସ୍ ଅଫ୍ ନୟାଗଡ଼ ପ୍ରଥମ ପର୍ଯ୍ୟାୟ ଅଡିସନକୁ ନୟାଗଡ଼ କ୍ଲବ ସଭାପତି ଅଶୋକ କୁମାର ନାୟକ ଓ ଭଏସ୍ ଅଫ୍ ନୟାଗଡ଼ କାର୍ଯ୍ୟକ୍ରମର ଚେୟାରମ୍ୟାନ ତଥା ସମାଜସେବୀ ମିହିର ରଂଜନ ନାୟକ ଉଦଘାଟନ କରିଥିଲେ। ନୟାଗଡ଼ କ୍ଲବ ସଂପାଦକ ଶ୍ରୀଧର ସାହ, ନିର୍ଦ୍ଦେଶକ ଶରତ ଚନ୍ଦ୍ର ଆଚାର୍ଯ୍ୟ, ସଂଯୋଜକ ଧୀରେନ୍ଦ୍ର କୁମାର ପଟ୍ଟନାୟକ, ସନ୍ତୋଷ କୁମାର ନାୟକ, ଅବିନାଶ ସାହୁ, ଲକ୍ଷ୍ମୀନାରାୟଣ ରଥ, ମଦନମୋହନ ମହାପାତ୍ର, ପ୍ରବୀର କୁମାର ପୃଷ୍ଟି, ବାସୁଦେବ ସାହୁ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଏହି ପ୍ରତିଯୋଗିତାରେ ୮୫ ଜଣ ପ୍ରତିଯୋଗୀ ଯୋଗ ଦେଇଥିଲେ। କ୍ଲାସିକାଲ, ସେମି କ୍ଲାସିକାଲ୍, ଲୋକଗୀତ, ଭଜନ, ଜଣାଣ, ସୁଗମ ସଂଗୀତ ଆଦି ଗାଇଥିବା ବେଳେ ଏଥିରେ ବିଚାରକ ଭାବେ ବରିଷ୍ଠ ସଂଗୀତ ନିର୍ଦ୍ଦେଶକ ପୀତବାସ ଖଟେଇ, ସଂଗୀତ ଶିକ୍ଷକ ଦେବାଶିଷ ଦାସ ଓ ପ୍ରକାଶ ଚନ୍ଦ୍ର ଷଡ଼ଙ୍ଗୀ ଯୋଗ ଦେଇ ୨୧ ଜଣଙ୍କୁ ସେମି ଫାଇନାଲ ପର୍ଯ୍ୟାୟକୁ ଚୟନ କରିଥିଲେ। ଆସନ୍ତା ୨୩ ସେମିଫାଇନାଲ ଓ ସନ୍ଧ୍ୟା ୬ଟାରେ ଫାଇନାଲ ପ୍ରତିଯୋଗିତା ମାଧ୍ୟମରେ ଶ୍ରେଷ୍ଠ ଯୁବ କଣ୍ଠଶିଳ୍ପୀଙ୍କୁ "ଭଏସ୍ ଅଫ୍ ନୟାଗଡ଼' ଭାବେ ଚୟନ କରାଯିବା ବୋଲି ସୂଚନା ମିଳିଛି।

# ବିଭିନ୍ନ ସ୍ଥାନରେ ଜାତୀୟ ପ୍ରେସ୍ ଦିବସ

ଗଣିଆ,୧୬ା୧୧(ସମିସ)






ଗଣିଆ ପ୍ରେସ କ୍ଲବ୍ ତରଫରୁ ଅରୋମୀରା କୋଚିଂ ସେଣ୍ଟର ପରିସରରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ପ୍ରେସ କ୍ଲବ ସ୍ଥାୟୀ ସଭାପତି ଦେବୀ ପ୍ରସାଦ ଦାଶଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଝୁନା ଜେନା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଗଣିଆ ଥାନା ଏସଆଇ ଶ୍ୟାମସୁନ୍ଦର ପ୍ରଧାନ,ଦମକଳ ଅଧିକାରୀ ବିଜୟାନନ୍ଦ ପରିଡା, ଆରସି ସାମନ୍ତରାୟ ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ଜିତେନ କୁମାର ପାଣିଗ୍ରାହୀଙ୍କ ସମେତ ଅରୋମୀରା କୋଚିଂ ସେଣ୍ଟରର ସମସ୍ତ ଛାତ୍ରଛାତ୍ରୀ ତଥା ପ୍ରେସ୍ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାରେ ସଫଳତା ପାଇଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ପାଠକ ଭାବେ ଗଣିଆ ବ୍ରାହ୍ମଣ ସାହିର ଅରୁଣ କୁମାର ଦାଶଙ୍କୁ ଉପହାର ଏବଂ ଉତ୍ତରୀୟ ପ୍ରଦାନ କରାଯାଇଥିବା ବେଳେ କୋଚିଂ ସେଣ୍ଟରର ପରିଚାଳକ ସଂଗ୍ରାମ ସିଂଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରେସ କ୍ଲବର କୋଷାଧ୍ୟକ୍ଷ ବିଜୟଲକ୍ଷ୍ମୀ ରାଉତ ପରିଚାଳନା କରିଥିବା ବେଳେ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

**କଣ୍ଟିଲୋ:** ନୀଳମାଧବ ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ଖଣ୍ଡପଡା ଏସଡିପିଓ ମଦନ ମୋହନ ପ୍ରଧାନ, ଅଖିଳ କୁମାର ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ସାମ୍ବାଦିକଙ୍କୁ ଉପଯୁକ୍ତ ସୁବିଧା ସୁଯୋଗ, ପେନସନ ଆଦି ପ୍ରଦାନ ନିମନ୍ତେ ରାଜ୍ୟ ତଥା କେନ୍ଦ୍ର ସରକାର ପଦକ୍ଷେପ ନେବାକୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିୟୁଜ ୭ ରିପୋର୍ଟର ସରୋଜ କୁମାର ସାହୁ ସଂଘର ନୂତନ ଗୃହ ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଭାକର ଶିରୋମଣୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁକାନ୍ତ କୁମାର ମିଶ୍ର, ଶୁଭ୍ରାଂଶୁ ମହାରଣା, ଅଜୟ ମହାରଣା, ତପନ କୁମାର ମହାପାତ୍ର, ଶ୍ରୀପତି ମହାରଣା, ସରୋଜ ମିଶ୍ର, ରଜତ କୁମାର ଦାସ, ବାଳକୃଷ୍ଣ ରାଉତ, ବ୍ରଜବନ୍ଧୁ ମିଶ୍ର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

**ଦଶପଲ୍ଲା:** ଦଶପଲ୍ଲା ଗଣମାଧ୍ୟମ ସମନ୍ୱୟ ପରିଷଦ ତରଫରୁ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ 'ଗଣମାଧ୍ୟମର ସ୍ୱାତନ୍ତ୍ରତା, ସୁରକ୍ଷା ଓ ନିଷ୍ପକ୍ଷତା,' ଶୀର୍ଷକ ଆଲୋଚନାଚକ୍ରରେ ବହୁ ବୁଦ୍ଧିଜୀବୀ ମତ ଦେଇଥିଲେ। ପ୍ରଥମ କରି ଦଶପଲ୍ଲାରେ କାର୍ଯ୍ୟରତ ୩ ଗୋଟି ପ୍ରମୁଖ ଡିଜିଟାଲ ମିଡିଆ ଆସୋସିଏସନ୍, ମିଡ଼ିଆ ଫୋରମ୍ ଓ ଦଶପଲ୍ଲା ସାମ୍ବାଦିକ ସଂଘ ମିଳିତ ଭାବରେ ଏହି କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ। ଏହି ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବରେ ସ୍ଥାନୀୟ ବିଏସ କଲେଜ ଅଧ୍ୟକ୍ଷ ଡ. ଜୟଦେବ ଗୌଡ଼, ସମ୍ମାନିତ ଅତିଥି ଭାବରେ ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ଏନ୍‌ଏସି ଅଧ୍ୟକ୍ଷା ପୁନମ୍ ପ୍ରିୟଦର୍ଶିନୀ, ଆଇନଜୀବୀ ଶରତ ବେହେରା, ମହାବୀର ବଣିକ ମହାସଂଘ ସଭାପତି ଅଲେଖ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସମାଜସେବୀ ସଦାଶିବ ମିଶ୍ର, ଯୁବ ୟୁଟ୍ୟୁବର୍ ଦିଲୀପ ବେହେରା, ଲକ୍ଷ୍ମୀଧର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜ୍ୟୋତି ବିକାଶ ମୁଖ୍ୟ ଶରତ ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

● ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ

## ବିଶ୍ୱସନୀୟତା ବଜାୟ ରଖିବା ଉପରେ ଗୁରୁତ୍ୱ

ନୟାଗଡ଼,୧୬ା୧୧(ସମିସ): ନୟାଗଡ଼ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମ ବିଶ୍ୱାସନୀୟତା ସଂରକ୍ଷଣ ଶୀର୍ଷକ ଉପରେ ଆଲୋଚନା କରାଯାଇଥିଲା। ସାମାଜିକ ଗଣମାଧ୍ୟମ ଓ ଏଆଇ ଭ୍ରମାତ୍ମକ ଖବରକୁ ଆଗକୁ ନେଉଛି। ଗଣମାଧ୍ୟମ ବିଶ୍ୱସନୀୟତା ବଜାୟ ରଖିବା ଉପରେ ସାମ୍ବାଦିକ ବିଶ୍ୱରଞ୍ଜନ ଆଚାର୍ଯ୍ୟ କହିଥିଲେ। ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ ତାଙ୍କ ବକ୍ତବ୍ୟରେ କ୍ଷୋଭ ଓ ଅସନ୍ତୋଷ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପାଳ, ଏସ୍‌ପିଙ୍କ ଅନୁପସ୍ଥିତିକୁ ସମାଲୋଚନା କରିଥିଲେ। ସାମ୍ବାଦିକଙ୍କ ପାଇଁ ସମୟ ନଦେବା ନିନ୍ଦନୀୟ ବୋଲି କହିଥିଲେ। ଉତ୍କଳ ସାମ୍ବାଦିକ ସଂଘ ସଭାପତି ତଥା ବରିଷ୍ଠ ସାମ୍ବାଦିକ ଶ୍ରୀକାନ୍ତ ଖଟେଇ ତାଙ୍କ ବକ୍ତବ୍ୟରେ ଜାତୀୟ ପ୍ରେସ୍ ଦିବସ ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଶାସନକୁ ସାମ୍ବାଦିକମାନେ ସହଯୋଗ କରୁଥିବା ବେଳେ ପ୍ରଶାସନ କାର୍ଯ୍ୟକ୍ରମରେ ଉପସ୍ଥିତ ନଥିବାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସାମ୍ବାଦିକ ଭବନ ସଭାପତି ବୈଦ୍ୟଭୂଷଣ ମହାପାତ୍ର ତାଙ୍କ ବକ୍ତବ୍ୟରେ, ଖବର ସତ୍ୟତା ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ବିଶ୍ୱସନୀୟତାକୁ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ସାମ୍ବାଦିକ ଭବନ ସମ୍ପାଦକ ଅନୀଲ କୁମାର ପଣ୍ଡା, ନବକିଶୋର ମିଶ୍ର, ନିହାର ପଟ୍ଟନାୟକ, ବିଶ୍ୱଜିତ୍ ନାୟକ ସମେତ ବୈଠକରେ ଅନେକ ଜିଲ୍ଲା ସାମ୍ବାଦିକ ଓ ବ୍ଲକ ସାମ୍ବାଦିକମାନେ ଯୋଗ ଦେଇଥିଲେ।



## ବାର୍‌ହା ଧକ୍କାରେ ସ୍କୁଟି ଚାଳକ ଆହତ

ବେଗୁନିଆ,୧୬।୧୧(ସମିସ): ବେଗୁନିଆ ବ୍ଲକ୍ ବଡ଼ବେରଣା ପଞ୍ଚାୟତ କୋଲୁହା ପାଟଣା ଗ୍ରାମର ପ୍ରସନ୍ନ କୁମାର ପଣ୍ଡା ଜଙ୍ଗଲୀ ବାର୍‌ହା ସ୍କୁଟିକୁ ଧକ୍କା ଦେବାରୁ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁଯାୟୀ ସ୍ଥାନୀୟ କଣ୍ଟାବାଡ ହାଟରୁ ଶ୍ରୀ ପଣ୍ଡା ଘରକୁ ଫେରୁଥିବା ବେଳେ ଅତର୍କିତ ଭାବେ ଜଙ୍ଗଲୀ ବାରାହାଟି ଆସି ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ସ୍କୁଟିଟି ଭାରସାମ୍ୟ ହରାଇଥିବାରୁ କିଛି ଦୂରକୁ ଛିଟିକି ପଡ଼ି ବାମ ପାଦ ଖଣ୍ଡିଆ ଖାବରା ହୋଇଥିବାରୁ ସ୍ଥାନୀୟ ଲୋକମାନେ ଉଦ୍ଧାର କରି ଚିକିତ୍ସା ପାଇଁ ନିକଟସ୍ଥ ଚିକିତ୍ସାଳୟକୁ ନେଇ ଯାଇଥିଲେ।"

## ବନ ବିଭାଗ ପକ୍ଷରୁ ଅସୁସ୍ଥ ବାର୍‌ହା ଉଦ୍ଧାର

ବେଗୁନିଆ,୧୬।୧୧(ସମିସ): ବେଗୁନିଆ ବ୍ଲକ ପୋଡ଼ାଡିହ ପଞ୍ଚାୟତ ଦିନିଆରୀ ବଜାର ନିକଟରେ ଥିବା ଆମ୍ବ ତୋଟାରେ ରବିବାର ପୂର୍ବାହ୍ନରେ ଏକ ଅସୁସ୍ଥ ବାର୍‌ହାକୁ ପଡ଼ି ରହିଥିବା ଦେଖିବାକୁ ମିଳିଥିଲା। ପରେ ଲୋକେ ବେଗୁନିଆ ବନପାଳ ପ୍ରିୟ ଦର୍ଶିନୀ ସେଠୀଙ୍କୁ ଯୋଗାଯୋଗ କରିଥିଲେ। ଖବର ପାଇ ଆନିମଲ୍ସ ପାରା ସ୍କ୍ୱାର୍ଡ ଦୁର୍ଗା ପ୍ରସାଦ ପଣ୍ଡା ପହଞ୍ଚି ଆହତ ହୋଇଥିବା ବାର୍‌ହା ପାଖକୁ ନ ଯିବା ପାଇଁ ବାରଣ କରିଥିଲେ। ତେବେ ଏହି ବାର୍‌ହାଟି କେଉଁ କାରଣ ଯୋଗୁଁ ପଡ଼ି ରହିଛି ତାହା ସମସ୍ତଙ୍କୁ ସନ୍ଦେହ ପ୍ରକାଶ ପାଇଛି। ଏଥିରେ ବନପାଳ ଶ୍ରୀମତୀ ସେଠୀଙ୍କୁ ପଚାରିବାରୁ ରବିବାର ହୋଇଥିବାରୁ ପଶୁ ଚିକିତ୍ସକ ଆସନ୍ତା କାଲି ଆସିଲେ ତାହା ସ୍ପଷ୍ଟ ହୋଇଯିବ ବୋଲି କହିଛନ୍ତି।

## ଦୁର୍ଘଟଣାରେ ଯୁବକ ମୃତ

ଟାଙ୍ଗୀ,୧୬।୧୧(ସମିସ): ଗତକାଲି ରାତି ପ୍ରାୟ ସାଢ଼େ ୧୧ଟାରେ ଟାଙ୍ଗୀ ବ୍ଲକ ଛକ ନିକଟରେ ଜଣେ ମୋଟର ସାଇକଲ ଆରୋହୀଙ୍କ କୌଣସି ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁ ଘଟିଛି। ମୃତକ ହେଲେ ଚାନ୍ଦପୁର ହରଚଣ୍ଡୀ ସାହିର ଅର୍ଜୁନ ମଲ୍ଲିକଙ୍କ ପୁଅ ସୌମେନ୍ଦ୍ର ମଲ୍ଲିକ(୪୨)। ସୌମେନ୍ଦ୍ର ଚଣ୍ଡେଶ୍ୱରରୁ ଚାନ୍ଦପୁରକୁ ବାଇକ୍‌ରେ ଫେରୁଥିବାବେଳେ ଟାଙ୍ଗୀ ଥାନା ଅଧୀନ ବ୍ଲକ୍ ଛକଠାରେ କୌଣସି ଗାଡ଼ି ଧକ୍କା ହେବା ଫଳରେ ଘଟଣା ସ୍ଥଳରେ ହିଁ ସୌମେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ଟାଙ୍ଗୀ ପୁଲିସ ମୋଟର ସାଇକଲ ଜବତ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି। ଦୁର୍ଘଟଣାର ସମ୍ପର୍କରେ ପୁଲିସ ଘଟଣାର ତଦନ୍ତ କରୁଛି।

## ଟ୍ରିପଲ 'ଏ' ରେ ବିଶ୍ୱ ମଧୁମେହ ଦିବସ



ଖୋର୍ଦ୍ଧା,୧୬।୧୧(ସମିସ): ଖୋର୍ଦ୍ଧାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟ୍ରିପଲ 'ଏ'ରେ ବିଶ୍ୱ ମଧୁମେହ ଦିବସ ବିଏସ୍‌ସି ନର୍ସିଂ ବିଭାଗର ଡିନ୍ ଡ. ଦୀପ୍ତିମୟୀ ମହାନ୍ତିଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ବିଏସ୍‌ସି ନର୍ସିଂର ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବରେ ପ୍ରଫେସର ପାର୍ଥରାୟ ଓ ନିମନ୍ତ୍ରିତ ଅତିଥି ଭାବରେ ଲେଖା ଆମିନିକୁଟି ଯୋଗ ଦେଇଥିଲେ। ଅତିଥିମାନେ ନିଜର ବକ୍ତବ୍ୟରେ ଏହି ଦିବସର ମହାନତା ପ୍ରତିପାଦନ କରିଥିଲେ। ବିଦ୍ୟାଳୟର ବିଏସ୍‌ସି ନର୍ସିଂ ବିଭାଗର ଆନାଟୋମିଓ ଫିଜିଓଲୋଜି ଶିକ୍ଷକ ଆଶିଷ କୁମାର ପାଢ଼ୀ ଏହାକୁ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଡାଇବେଟିସ୍ ଉପରେ ସ୍ଲୋଗାନ ପାଠ କରାଯାଇଥିଲା। ଏହି ଅବସରରେ ନିମନ୍ତ୍ରିତ ଅତିଥିଙ୍କୁ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ପିଆର୍ ମୁଖ୍ୟ କେଏମ୍ ଦାସଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା।

## 'ଖବରଦାତାଙ୍କ ସୁରକ୍ଷା ପାଇଁ ଆଇନ ପ୍ରଣୟନ ଜରୁରୀ'




ବାଲୁଗାଁ,୧୬ ।୧୧(ସମିସ) : ଖୋର୍ଦ୍ଧା ଜିଲ୍ଲା ସାମ୍ବାଦିକ ସଂଘ ଚିଲିକା ପ୍ରେସ୍ କ୍ଲବ୍ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କ୍ଲବ୍‌ର ସଭାପତି ପ୍ରକାଶ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି ନିଜର ମତ ରଖିଥିଲେ। ଏହି ଅବସରରେ ଖବରଦାତାଙ୍କ ସୁରକ୍ଷା ପାଇଁ ଆଇନ ପ୍ରଣୟନ ଜରୁରୀ ବୋଲି ଅତିଥିମାନେ କହିଥିଲେ। ଏଥିସହ ସାମ୍ବାଦିକଙ୍କ ବୀମା ୧୦ ଲକ୍ଷକୁ ବୃଦ୍ଧି କରିବା, ବସ୍ କିମ୍ବା ଟ୍ରେନ ଯାତାୟାତ ପାଇଁ ସ୍ୱତନ୍ତ୍ର ରିହାତି ଦେବା, ପେନସନ ଲାଗୁ କରିବା ଆଦି ପ୍ରମୁଖ ଦାବି ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବା ନେଇ ନିଷ୍ପତ୍ତି ନିଆ ଯାଇଥିଲା। ଏହି ଅବସରରେ କ୍ଲବ୍‌ର ୪୦ରୁ ଊର୍ଦ୍ଧ୍ୱ ସଦସ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ପ୍ରଥମେ ବାଲୁଗାଁ ବଜାରସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ପରେ ବାଲୁଗାଁ ଚିଲିକାକୂଳସ୍ଥିତ ଜରାନିବାସ, ବାଣପୁର ମା' ମେଘାମ୍ବରୀ ନିକଟସ୍ଥ ଜରାନିବାସ, ବାଣପୁର ସ୍ୱାସ୍ଥ୍ୟ କେନ୍ଦ୍ର ଓ ଶନି ମନ୍ଦିର ନିକଟସ୍ଥ ଜରାନୀବାସୀ ଅନ୍ତେବାସୀଙ୍କୁ କ୍ଲବ ପକ୍ଷରୁ ଫଳ ଓ ଶୁଖିଲା ଖାଦ୍ୟ ଆଦି ବଣ୍ଟନ କରାଯାଇଥିଲା।

## ଜିଲ୍ଲା ପ୍ରେସ୍ କ୍ଲବ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ

# 'ସମାଜକୁ ଦିଗ୍‌ଦର୍ଶନ ଦେବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ'

ଖୋର୍ଦ୍ଧା,୧୬।୧୧(ସମିସ)

ଜିଲ୍ଲା ପ୍ରେସ୍ କ୍ଲବ ପକ୍ଷରୁ ଆଜି ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଛି। ଏହି ଅବସରରେ ଏକ ଆଲୋଚନା ଚକ୍ର ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟକ ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। କ୍ଲବ୍‌ର ସଭାପତି ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା ଯୋଗଦେଇ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ଭାବେ ଗଣମାଧ୍ୟମ କାର୍ଯ୍ୟ କରୁଥିବାବେଳେ ସମାଜକୁ ଦିଗଦର୍ଶନ ଦେବାରେ ସେମାନଙ୍କର ପ୍ରମୁଖ ଭୂମିକା ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ବରିଷ୍ଠ ଆଇନଜୀବୀ ଶକ୍ତିଶଙ୍କର ମିଶ୍ର, ଲୋତକବିନ୍ଦୁ ପଟ୍ଟନାୟକ, ସମାଜସେବୀ ଡ. ସଞ୍ଜୟ ପଟ୍ଟନାୟକ ଓ ଶୋଭନ ଘୋଷ, ଅବସରପ୍ରାପ୍ତ କର୍ଣ୍ଣେଲ ଅରୁଣ କୁମାର ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ପ୍ରେସ୍ ଉପଦେଷ୍ଟା ତପନ କୁମାର ନାୟକ ପ୍ରେସ୍ କାଉନସିଲ ଅଫ୍ ଇଣ୍ଡିଆ ଗଠନର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରିବା ସହିତ ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ ପରିବେଷଣ ଉପରେ ଗୁରୁତ୍ୱାରୋପ କରିଥଲେ। କ୍ଲବ୍‌ର ସଭାପତି ଶ୍ରୀ ସାମନ୍ତରାୟ ତାଙ୍କ ବକ୍ତବ୍ୟରେ ଖୋର୍ଦ୍ଧା ଜିଲ୍ଲା ପ୍ରେସ୍ ଗଠନ ହେବାର ଆଭିମୁଖ୍ୟ, ଉଦ୍ଦେଶ୍ୟ ଏବଂ ପ୍ରେସ୍‌କ୍ଲବ୍ ଗଠନ ହେବାଠାରୁ ଆଜି ପର୍ଯ୍ୟନ୍ତ କରଯାଇଥିବା ବିଭିନ୍ନ ଜନହିତକର କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଭାବରେ ଅତିଥିମାନଙ୍କ ସମ୍ମୁଖରେ ଉପସ୍ଥାପନ କରିଥଲେ। ଏହି ଅବସରରେ କ୍ଲବ୍ ପକ୍ଷରୁ ସମସ୍ତ ଅତିଥିଙ୍କୁ ସମ୍ମାନିତ କରାଯାଇଥିଲା। ଜିଲ୍ଲା ପ୍ରେସ୍ କ୍ଲବ୍‌ର ଉପସଭାପତି ଲଳିତ ମୋହନ ମହାପାତ୍ରଙ୍କ ସଂଯୋଜନାରେ କାର୍ଯ୍ୟକ୍ରମରେ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ ସଭାପତି ପ୍ରକାଶ କୁମାର ହାତୀ, ଜିଲ୍ଲା ପ୍ରେସ୍‌କ୍ଲବ ଉପସଭାପତି ପ୍ରସନ୍ନ କୁମାର ପାଇକରାୟ, କୋଷାଧ୍ୟକ୍ଷ ଶୁଭକାନ୍ତ ମହାପାତ୍ର, ପ୍ରବୀଣ ଭଞ୍ଜ, ପ୍ରଭାତ ପାଣିଗ୍ରାହୀ, ଗୋପାଳ କୃଷ୍ଣ ପ୍ରଧାନ, ଗୋପାଳକୃଷ୍ଣ ଦାସ, ସୟଦ ଲିୟାକତ ଅଲ୍ଲୀଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ ସମ୍ପାଦକ ଦିଲ୍ଲୀପ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଆୟୋଜିତ ରକ୍ତଦାନ ଶିବିରରେ ୫୦ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ନିଜେ ଏସ୍‌ପି ଶ୍ରୀ ଶର୍ମା ପ୍ରଥମେ ରକ୍ତଦାନ କରିବା ସହ ପୁଲିସ କର୍ମଚାରୀ ଓ ଯୁବପିଢ଼ିଙ୍କୁ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବାକୁ ଉତ୍ସାହିତ କରିଥିଲେ।

**ରକ୍ତଦାନ କଲେ ଏସ୍‌ପି, ୫୦ ୟୁନିଟ୍ ରକ୍ତ ସଂଗୃହୀତ**



## ଟାଙ୍ଗୀ ସାମ୍ବାଦିକ ସଂଘର ଜାତୀୟ ପ୍ରେସ୍ ଦିବସ



ଟାଙ୍ଗୀ,୧୬।୧୧(ସମିସ): ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟ ପରିସରରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପରେ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ସମାଜ ପ୍ରତି ଗଣମାଧ୍ୟମ ପ୍ରତିନିଧି ମାନଙ୍କର ଭୂମିକା ସମ୍ପର୍କରେ ମୁଖ୍ୟ ଅତିଥି ଭାବେ ଅନପୂର୍ଣା ଫାଇନାନସର ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡଃ ସଂଜୟ କୁମାର ପଟ୍ଟନାୟକ, ନୟାଗଡ଼ ଜିଲ୍ଲା ବିଜେପି ସଭାପତି ତାପସ ରଞ୍ଜନ ମାର୍ଥା, ସମାଜସେବୀ ବିଜୟ କୁମାର ମହାପାତ୍ର, ଟାଙ୍ଗୀ ଥାନା ଆଇଆଇସି ରବୀନ୍ଦ୍ର କୁମାର ଭୁଜବଳ, ଚାନ୍ଦପୁର ଥାନା ଆଇଆଇସି ଦିଲ୍ଲୀପ କୁମାର ସ୍ୱାଇଁ, ଆଡ୍‌ଭୋକେଟ୍ ରମେଶ ଚନ୍ଦ୍ର ବେହେରା, ସଂଘ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ପ୍ରମୁଖ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପ୍ରାକ୍ତନ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମୀଧର ବେହେରା, ଜଗନ୍ନାଥ ସଂସ୍କୃତି ଗବେଷକ ଡଃ ଚନ୍ଦ୍ରଶେଖର ଦାଶ, ପ୍ରାକ୍ତନ ପ୍ରଧାନଶିକ୍ଷକ ରମେଶ କୁମାର ବଳବନ୍ତରାୟ, ଖୋର୍ଦ୍ଧା ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ପ୍ରାକ୍ତନ ପ୍ରଧାନଶିକ୍ଷକ କିଶୋର କୁମାର ଦାଶ, କୁହୁଡ଼ି ପୂର୍ବତନ ସରପଞ୍ଚ ଜୟଦେବ ବେହେରା, ବରିଷ୍ଠ ଆଡଭୋକେଟ୍ ବିଶ୍ୱଜିତ ରାଉତରାୟ, ବରିଷ୍ଠ ସାମ୍ବାଦିକ ପ୍ରଦୋଷ କୁମାର ଦାସ, ବଡ଼ପାରୀ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ, ଅବସରପ୍ରାପ୍ତ ସେନାନୀ ଦୀପକ କୁମାର ସେନାପତି ପ୍ରମୁଖ ନିରପେକ୍ଷ ସମ୍ବାଦ ପ୍ରକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ପ୍ରାକ୍ତନ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମୀଧର ବେହେରା, ପ୍ରାକ୍ତନ ପ୍ରଧାନଶିକ୍ଷକ କିଶୋର କୁମାର ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାମ୍ବାଦିକ ଉମେଶ ପଟ୍ଟନାୟକ, ହିମାଂଶୁ ଭୂଷଣ ଚମ୍ପତିରାୟ, ସନ୍ଦିପନୀ ମିଶ୍ର, ପ୍ରଦୀପ କୁମାର ମହାପାତ୍ର, କୋଷାଧ୍ୟକ୍ଷ ଦାମୋଦର ସାହୁ, ମାନସ ପ୍ରଧାନ, ରଜନୀକାନ୍ତ ମିଶ୍ର, ବିକ୍ରମ ସାହୁ, ଶ୍ୟାମସୁନ୍ଦର ପଟ୍ଟନାୟକ, ପ୍ରଦୀପ କୁମାର ସାହୁ, ପ୍ରଶାନ୍ତ କୁମାର ବେହେରା, ଆଲୋକ କୁମାର ମହାରଣା, ହିମାଂଶୁ ଭୂଷଣ ରଥ, ଗୋବିନ୍ଦ ଚନ୍ଦ୍ର ସାହୁ, ପ୍ରମୁଖ ଯୋଗ ଦେଇଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ସଂଘ ଉପସଭାପତି ମାନସ ପଟ୍ଟନାୟକ।

## ଗୋଦାବରୀଶ ମହାବିଦ୍ୟାଳୟରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ



ବାଣପୁର,୧୬ ।୧୧(ସମିସ) : ବାଣପୁର ଗୋଦାବରୀଶ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଆଇକ୍ୟୁଏସି ଏବଂ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀଙ୍କ ମିଳିତ ଆନୁକୂଲ୍ୟରେ ଏକ ଦିନିକିଆ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଏକ ଦିବସୀୟ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଦକ୍ଷତା ବିକାଶ ସଂସ୍ଥାନ, ଭୁବନେଶ୍ୱରର ମୁଖ୍ୟ ପରିଚାଳନା ଅଧିକାରୀ ରାଜେଶ କୁମାର ତ୍ରିପାଠୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ 'କ୍ୟାରିୟର ଟକ୍ ସୋ' ଶୀର୍ଷକରେ ବିଭିନ୍ନ ଉଦାହରଣ ମାଧ୍ୟମରେ ବିସ୍ତୃତ ଭାବେ ବୁଝାଇ ଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୬୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ସାମିଲ ହୋଇଥିବାବେଳେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡା. ଶୂରପ୍ରତାପ ନରେନ୍ଦ୍ର ସିଂହ ବର୍ମା ଯୋଗଦେଇ ଦକ୍ଷତା ବିକାଶ ସମ୍ପର୍କରେ ଛାତ୍ରଛାତ୍ରୀଙ୍କ ସମ୍ମୁଖରେ ଉପସ୍ଥାପନ କରିବା ସହ ଏହିଭଳି କାର୍ଯ୍ୟକ୍ରମ ଆୟୋଜନ କରିବାପାଇଁ ଆହ୍ୱାନ ଦେଇଥିଲେ। ଗୋଦାବରୀଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ଜୟନ୍ତ କୁମାର ବିହାରୀ ଓ ମହାବିଦ୍ୟାଳୟର ଆଇକ୍ୟୁଏସି ଅଧିକାରୀ ଡ. ରୁତୁସ୍ମିତା ମିଶ୍ରଙ୍କ ସମେତ ତାଙ୍କ ଦଳର କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କ୍ଷେତ୍ରବାସୀ ଡିଏଭିରେ ନେତୃତ୍ୱ ବିକାଶ ପ୍ରଶିକ୍ଷଣ ଶିବିର




ନିରାକାରପୁର,୧୬।୧୧(ସମିସ): ରାଜ୍ୟର ଅଗ୍ରଣୀ ଶିକ୍ଷାନୁଷ୍ଠାନ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ପରିସରରେ ଉତ୍କଳ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ବ୍ୟୁରୋ ଆନୁକୂଲ୍ୟରେ ତ୍ରି ଦିବସୀୟ ଆନ୍ତଃ ଜିଲ୍ଲାସ୍ତରୀୟ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ନେତୃତ୍ୱ ବିକାଶ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥଙ୍କ ସଂଯୋଜନାରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ଅତିଥି ଭାବେ ଜାତୀୟ ସେବା ଯୋଜନା ଆଞ୍ଚଳିକ ନିର୍ଦ୍ଦେଶକ ସରିତା ପଟେଲ, ଉଚ୍ଚଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀ ପାଣ୍ଡବ ପ୍ରଧାନ, ଜାତୀୟ ସେବା ଯୋଜନା ଖୋର୍ଦ୍ଧା ଜିଲ୍ଲା ସହକାରୀ ପ୍ରକଳ୍ପ ଅଧିକାରୀ ପଞ୍ଚାନନ ମଙ୍ଗରାଜ, ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ବ୍ରତତୀ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ସଂଯୋଜକ ସଞ୍ଜୀବ ଡୁଡୁକା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସମସ୍ତ ଶିବିରାର୍ଥୀଙ୍କୁ ମାନପତ୍ର ପ୍ରଦାନ କରାଯିବା ସହିତ ଆସିଥିବା ସମସ୍ତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ସଂଯୋଜକଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ସଡ଼କ ସୁରକ୍ଷା, ରକ୍ତଦାନ, ସ୍ୱଚ୍ଛଭାରତ, ସାଇବର ସୁରକ୍ଷା, ନିଶାମୁକ୍ତ ଗ୍ରାମ ଗଠନ, ପ୍ରାଥମିକ ଚିକିତ୍ସା, ମା ପାଇଁ ଗଛଟିଏ ଉପରେ ବିସ୍ତୃତ ଆଲୋଚନା କରାଯାଇ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲାର ୧୯ଟି ମହାବିଦ୍ୟାଳୟରୁ ପ୍ରାୟ ସହେରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିଲେ। ଅଧ୍ୟାପକ ଡ.କୈବଲ୍ୟ ପତି, ଅଧ୍ୟାପିକା ମୋନାଲିସା ଆଚାର୍ଯ୍ୟ, ପୁଣ୍ୟଦର୍ଶନ ସାହୁ. ଡ.ନିଫିସା ଅଲ୍ଲୀ, ଅଧ୍ୟାପକ ସୌରଭ ମହାପାତ୍ର, ଚନ୍ଦନ ମିଶ୍ର, ଗିରିଜା ଶଙ୍କର ମହାପାତ୍ର, ଡ.ପ୍ରଭାତ କୁମାର ଦାଶ, ବିକାଶ କୁମାର ଦାଶ ପ୍ରମୁଖ ସହାୟାତ କରିଥିଲେ।

**ପ୍ରାଣନାଥ ଜୟନ୍ତୀ ଓ ସଙ୍ଗୀତ ସମ୍ମାନ ସମାରୋହ**

## ତାନ୍‌ସେନ୍ ସିଂ ପାଇଲେ ପ୍ରାଣନାଥ ସମ୍ମାନ

ଖୋର୍ଦ୍ଧା,୧୬।୧୧(ସମିସ): ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଆନୁକୂଲ୍ୟରେ ମହାନ ସ୍ୱାଧୀନତା ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକଙ୍କ ଜୟନ୍ତୀ ଏବଂ ପ୍ରାଣନାଥ ସଙ୍ଗୀତ ସମ୍ମାନ ସମାରୋହ କ୍ୟାମ୍ପସ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ପୂର୍ବତନ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଆଇନ, ଅବକାରୀ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି ଶୃଙ୍ଖଳିତ ଭାବେ ନିଜ ଜୀବନକୁ ଗଢ଼ିବା ସହ ଜଣେ ଭଲ ମଣିଷଟିଏ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଖୋର୍ଦ୍ଧା ମାଟିର ଗୌରବମୟ ଇତିହାସ, ସଂଗ୍ରାମୀ, ବିପ୍ଳବୀ ପ୍ରାଣନାଥଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ମେଜର କ୍ଷୀରୋଧ ମହାନ୍ତି, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଚଳିତ ବର୍ଷ ପ୍ରାଣନାଥ ସଙ୍ଗୀତ ସମ୍ମାନ-୨୦୨୫ ବରିଷ୍ଠ ସଙ୍ଗୀତଜ୍ଞ ତାନସେନ ସିଂଙ୍କୁ ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ମନ୍ତ୍ରୀ ହରିଚନ୍ଦନ ତାଙ୍କୁ ଉତ୍ତରୀୟ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ବିନ୍ଦୁଶ୍ରୀ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉପାଧ୍ୟକ୍ଷ ଡ.ପ୍ରତାପ ଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଡ. ବାମଦେବ ମିଶ୍ର ସଂଯୋଜନା କରିଥିଲେ। ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ, ଅଧ୍ୟକ୍ଷା, ନିମନ୍ତ୍ରିତ ଅତିଥି, ବୁଦ୍ଧିଜୀବୀ, ଶିକ୍ଷାବିତ, ସମସ୍ତ ପ୍ରାଧ୍ୟାପକ, ଅଧ୍ୟାପକ, ଅଧ୍ୟାପିକା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି, ସକାଳ ୮ଟା ସମୟରେ ପ୍ରାଣନାଥ ପଟ୍ଟନାୟକ ସ୍ମୃତି ସଂସଦ ତରଫରୁ ସମବାୟ ବ୍ୟାଙ୍କ ଛକଠାରେ ରହିଥିବା ପ୍ରାଣନାଥ ପଟ୍ଟନାୟକଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ବହୁ ଶିକ୍ଷାବିତ, ବୁଦ୍ଧିଜିବୀ, ଏନଏସଏସ ସ୍ୱେଚ୍ଛାସେବୀ ପ୍ରମୁଖ ଯୋଗଦେଇଥିଲେ।



# ମାଣ୍ଡିଆ ବିକ୍ରି ପାଇଁ ହୋଇନି ଆଶାନୁରୂପ ଚାଷୀ ପଞ୍ଜୀକରଣ

ନିରାକାରପୁର,୧୬।୧୧(ସମିସ):

ଗତବର୍ଷମାନଙ୍କରେ ହାତ ଗଣତି କେତୋଟି ସମବାୟସମିତିରେ ମାଣ୍ଡିଆ ମଣ୍ଡି ହୋଇ ପାରିଥିଲା। ଅନେକ ସମିତି ଏବଂ ଚାଷୀ ବାଦ ପଡ଼ିଥିଲେ। ସଚେତନତା ଅଭାବରୁ ଅନେକ ଲୋକେ ଶ୍ରୀ ଅନ୍ନ ଯୋଜନା ବିଷୟରେ ଜାଣିପାରୁନଥିଲେ। ଚଳିତ ବର୍ଷ ଯଦିଓ ବିଭିନ୍ନ ଗଣମାଧ୍ୟମ ବାରମ୍ବାର ଖବର ପ୍ରସାରଣ ଓ ବିଭାଗୀୟ ଅଧିକାରୀଙ୍କ ସଚେତନତା ସଭା ଯୋଗୁଁ ଚଳିତ ବର୍ଷ ଅଧିକ ଚାଷୀ ପଞ୍ଜୀକରଣ କରିବାର ଆଶା ରଖା ଯାଇଥିଲା। କିନ୍ତୁ ବ୍ଲକ୍‌ରେ ଦାୟିତ୍ୱ ଦିଆଯାଇଥିବା ସମିତିଗୁଡ଼ିକରେ ମାଣ୍ଡିଆ ଦିବସ ଠାରୁ ପଞ୍ଜୀକରଣ ଆରମ୍ଭ ହୋଇଥିଲେ ବି ଆଶାତୀତ ପଞ୍ଜୀକରଣ ହୋଇନି। ନଭେମ୍ବର ୧୦ ତାରିଖ ୨୦୨୫ ରିଖ ଦିନ ସାରା ରାଜ୍ୟ ପାଳନ କଲା ମାଣ୍ଡିଆ ଦିବସ। କିନ୍ତୁ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ୍‌ର କିଛି ସମିତି ନିକଟରେ ହାତ ଗଣତି କେତୋଟି ଚାଷୀ ପଞ୍ଜୀକରଣ କରିଛନ୍ତି। ଟ୍ରାଇବାଲ ଡେଭଲପମେଣ୍ଟ କୋଅପରେଟିଭ କର୍ପୋରେସନ ଅଫ ଓଡ଼ିଶା ଲିମିଟେଡ ଚିଠି ନମ୍ବର -୨୭୨୬ ରେ ପ୍ରବନ୍ଧକ ନିର୍ଦ୍ଦେଶକ ସମସ୍ତ ଜିଲ୍ଲାପାଳ ମାଣ୍ଡିଆ ଚାଷୀ ପଞ୍ଜୀକରଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହି ଆଦେଶ କେବଳ କାଗଜ କଲମରେ ସିମିତ ହୋଇ ଗଲା ପରି ମନେ ହେଉଛି। ପୂର୍ବ ବର୍ଷ ୨୦୨୪-୨୫ ଆର୍ଥିକ ବର୍ଷରେ ମାଣ୍ଡିଆ ଚାଷ ପାଇଁ ସଚେତନ ଏବଂ ପଞ୍ଜୀକରଣ ବୃଦ୍ଧି ପାଇଁ ଏଫ୍‌ପି ଓ ସଂସ୍ଥା ତରଫରୁ ଟାଙ୍ଗୀ ବ୍ଲକ୍ ପାଇଁ ବାଲିହରଚଣ୍ଡୀ ଫାର୍ମରସ ପ୍ରଡୁସର କମ୍ପାନୀ ଲିମିଟେଡ ଏବଂ ବାଣପୁର ବ୍ଲକ୍ ପାଇଁ ଅଗ୍ରୋ ଫୋର୍ଷ୍ଟ ଫାର୍ମରସ ପ୍ରଡୁସର କମ୍ପାନୀ ଲିମିଟେଡ୍‌କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଟାଙ୍ଗୀ ବ୍ଲକ୍‌ରେ ସୁଭଦ୍ରା ବେହେରା (ସିଇଓ), ସତ୍ୟରଞ୍ଜନ ରାଓ ଆକାଉଣ୍ଟାଣ୍ଟ, ଅନୁପ କୁମାର ବେହେରା ଏବଂ ମଧୁସ୍ମିତା ପଲେଇ, କବିତା ସେଠୀ, ମନୋଜ ସାହୁ, ଜ୍ୟୋତିର୍ମୟୀ ଅଧିକାରୀ (ସିଆରପି) ରୂପେ କାର୍ଯ୍ୟ କରୁଛନ୍ତି। ଟାଙ୍ଗୀ ବ୍ଲକ୍‌ର କେବେଳ ୪ଟି ସମିତିରେ ମାଣ୍ଡିଆ ମଣ୍ଡି ହୋଇପାରିଥିଲା। ଟାଙ୍ଗୋଳ, ନୂଆଗଡ଼, ସୁନ୍ଦରପୁର, କୁହୁଡି ସମିତି ଏବଂ ବାଣପୁର ବ୍ଲକ୍‌ର ୩ଟି ଡୋମଣି, ନୀଳାଦ୍ରି ପ୍ରସାଦ ଏବଂ ଦେଓଗାଁ ସମିତିରେ ମାଣ୍ଡିଆ ମଣ୍ଡି ହୋଇପାରିଥିଲା। ୨୦୨୪-୨୫ ଆର୍ଥିକ ବର୍ଷରେ ଟାଙ୍ଗୀ ବ୍ଲକ୍ ଟାଙ୍ଗୋଳ ସମିତି ରେ ୬୦.୬୧ କ୍ୱିଣ୍ଟାଲ, ନୂଆଗଡ ସମିତି ରେ ୦.୮୮ କ୍ୱିଣ୍ଟାଲ, ସୁନ୍ଦରପୁର ସମିତିରେ ୫୪.୮୨ କ୍ୱିଣ୍ଟାଲ, କୁହୁଡି ସମିତିରେ ୮୭.୮ କ୍ୱିଣ୍ଟାଲ ମାଣ୍ଡିଆ ଚାଷୀଙ୍କ ଠୁ କିଣା ଯାଇଥିଲା। ପୂର୍ବ ବର୍ଷ ଯେତୋଟି ସମିତିରେ ପଞ୍ଜୀକରଣ ହୋଇଥିଲା ସେଇ ସମିତି ଗୁଡ଼ିକରେ ପୁଣି ଥରେ ମାଣ୍ଡିଆ କରିବା ପାଇଁ ଲକ୍ଷ ଧାର୍ଯ୍ୟ କରାଯାଇଛି। ଅଲଗା କୌଣସି ସମିତି ଏଥିରେ ଭାଗ ନେଇ ପାରିନାହାନ୍ତି। ଆଜି ପର୍ଯ୍ୟନ୍ତ କିଛି ମଣ୍ଡିରେ ସ୍ୱଳ୍ପ ସଂଖ୍ୟକ ମାଣ୍ଡିଆ ଚାଷୀ ସେମାନଙ୍କ ନାମ ପଞ୍ଜୀକରଣ କରିଥିବା ଜଣାପଡ଼ିଛି ଓ ଆଗକୁ ଅଧିକ ପଞ୍ଜୀକରଣର ଆଶା ରଖାଯାଇଛି।




## ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ



ଖୋର୍ଦ୍ଧା,୧୬।୧୧(ସମିସ): ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୁଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଜୟୀରାଜଗୁରୁ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ ହୋଇଛି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ମିଥ୍ୟା ତଥ୍ୟ, ଭୁଲ ବ୍ୟାଖ୍ୟା ଓ ଭୁଲ ବୁଝାମଣା ଏଡ଼ାଯାଇ ପାରିଲେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ସମସ୍ତ ଗଣମାଧ୍ୟମର ବିଶ୍ୱସନୀୟତା ସୁରକ୍ଷିତ ରହିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ଅଧ୍ୟକ୍ଷ, ବେଗୁନିଆ ମହାବିଦ୍ୟାଳୟ ଡ. ପ୍ରମୋଦ କୁମାର ଦାସ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ନିଉଜ୍ ମ୍ୟାନ ଡ. ବିମଳ ଚନ୍ଦ୍ର ଷଡ଼ଙ୍ଗୀ, ପ୍ରାକ୍ତନ ଶିକ୍ଷା ଜିଲ୍ଲା ଅଧିକାରୀ ଭୀମସେନ ପ୍ରଧାନ, ସ୍ତମ୍ଭକାର ଉମାଶଙ୍କର ପ୍ରସାଦ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଜିଲ୍ଲା ପ୍ରେସ କ୍ଲବ ସଭାପତି ତଥା ବରିଷ୍ଠ ସାମ୍ବାଦିକ ଶୁଭ୍ରାଂଶୁ ସାମନ୍ତରାୟ, ସାମ୍ବାଦିକ ରାମନାରାୟଣ ଦାଶ, ଲୋହିତ ନାରାୟଣ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ କରୁଣାମୟୀ ସ୍ମାରକୀ ସମ୍ବାଦପତ୍ର ସଂଗ୍ରହାଳୟ ପକ୍ଷରୁ ଖୋଲିଥିବା ଏକ ସମ୍ବାଦ ପତ୍ର ପ୍ରଦର୍ଶନୀକୁ ମୁଖ୍ୟ ଅତିଥି ଶ୍ରୀ ସାହୁ ଉଦ୍‌ଘାଟନ କରିଥିଲେ। ଏଥିରେ ଖୋର୍ଦ୍ଧା ଜିଲ୍ଲାରୁ ପ୍ରକାଶିତ ହୋଇଥିବା ଓଡିଆ, ଇଂରାଜୀ, ହିନ୍ଦୀ, ଉର୍ଦ୍ଦୁ ଓ ସାନ୍ତାଳି ଭାଷା ର ବିଭିନ୍ନ ଖବର କାଗଜ ପ୍ରଦର୍ଶିତ ହୋଇଥିବା ଦେଖାଯାଇଛି। ସଭା ସଂଯୋଜନା, ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା କରିଥିଲେ।

## ଆଇକନିକ୍ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍ ଉଦ୍‌ଯାପିତ

# ଗୋଲକୁଣ୍ଡା ଚାମ୍ପିଅନ, ବାରବାଟୀ ରନର୍ସଅପ୍

ଭୁବନେଶ୍ୱର, ୧୬।୧୧(ସମିସ)




ଅଲ ଓଡ଼ିଶା ଚେସ୍ ଆସୋସିଏସନ (ଏଓସିଏ) ଓ ଆଇକନିକ୍ ସ୍ପୋର୍ଟ୍ସ ଫାଉଣ୍ଡେସନ (ଆଇଏସ୍‌ଏଫ୍) ପକ୍ଷରୁ କ୍ରିକେଟରେ ଆଇପିଏଲ୍ ଢ଼ାଞ୍ଚାରେ ଫ୍ରାଞ୍ଚାଇଜ୍ ଭିତ୍ତିକ ୧୨ଟି ଦଳକୁ ନେଇ ଓଡ଼ିଶାରେ ପ୍ରଥମଥର ଆୟୋଜିତ ହୋଇଥିବା ଓଡ଼ିଶା ଆଇକନିକ୍ ଚେସ୍ ପ୍ରିମିୟର ଲିଗ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଗୋଲକୁଣ୍ଡା ଗାର୍ଡିଅନ୍ସ ଚାମ୍ପିଅନ ହୋଇଥିଲାବେଳେ ବାରବାଟୀ ବ୍ୟାଟଲର୍ସ ରନସ ଅପ୍ ହୋଇଛି। ଭିକ୍ଟୋରିଆ ଭିକ୍ଟର୍ସ ଦ୍ୱିତୀୟ ରନର୍ସ ଅପ୍ ହୋଇଥିଲାବେଳେ ଅମ୍ବର ଆଭେଞ୍ଜର୍ସ ଚତୁର୍ଥ ସ୍ଥାନରେ ରହିଥିଲା। ପୁରସ୍କାର ବାବଦରେ ଚାମ୍ପିଅନ ଗ୍ରାଣ୍ଡ ଆୱାସ ମାଲିକାନାରେ ଖେଳୁଥିବା ଗୋଲକୁଣ୍ଡାକୁ ଟ୍ରଫି ସହ ୫ ଲକ୍ଷ, ଟ୍ରିପଲ 'ସି' କ୍ଲବ୍ ମାଲିକାନାରେ ଖେଳୁଥିବା ବାରବାଟୀ ବ୍ୟାଟଲର୍ସଙ୍କୁ ରନର୍ସ ଅପ୍ ଟ୍ରଫି ସହ ୩ ଲକ୍ଷ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛତିଶଗଡ଼ର ରାଘବେନ୍ଦ୍ର ସିଂଘାଣିଆଙ୍କ ଟିମ୍ ଭିକ୍ଟୋରିଆ ଭିକ୍ଟର୍ସଙ୍କୁ ରନର୍ସ ଅପ୍ ଟ୍ରଫି ସହ ୨ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଛି। ଖେଳ ଶେଷରେ ଅନୁଷ୍ଠିତ ଉତ୍ସବରେ ସାଂସଦ ପ୍ରଦୀପ କୁମାର ବର୍ମା ମୁଖ୍ୟଅତିଥି, ଜେମିନୀ ଅଏଲର ଜେନେରାଲ ମ୍ୟାନେଜର ପ୍ରଦୀପ କିଶୋର ମହାପାତ୍ର, ଜିଏସ୍‌ଟି କମିଶନର ପ୍ରୀତିରଞ୍ଜନ ନାଥ, ଏଆଇସିଏଫ୍ ଯୁଗ୍ମ ସଚିବ ମନୀଷ କୁମାର, ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ପ୍ରଦୀପ୍ତ ମହାନ୍ତି, ଡ. ସଞ୍ଜୟ ଚୌଧୁରୀ, ଡ. ଚିଦାତ୍ମିକା ଖଟୁଆ, ଡ. ସେକ୍ ସମିମ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ।

ଆଇପିଏଲ ଢ଼ାଞ୍ଚାରେ ହୋଟେଲ ଲାଇଫ୍‌ରେ ଗତ ୩ ଦିନ ଧରି ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ୧୨ଟି ଦଳକୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ରାଉଣ୍ଡ ରବିନ ଲିଗ୍ ଫର୍ମାଟରେ ଖେଳ ହେବା ପରେ ୪ଟି ଦଳ ନକ୍‌ଆଉଟକୁ ଉନ୍ନୀତ ହୋଇଥିଲେ। ଆଇପିଏଲ୍ ପରି ପ୍ରଥମ ଦୁଇ ଦଳ ମଧ୍ୟରେ କ୍ୱାଲିଫାୟର-୧ରେ ପରସ୍ପର ସହ ମୁକାବିଲା କରିଥିଲେ। ଏଥିରେ ଭିକ୍ଟୋରିଆକୁ ହରାଇ ନଂ-୧ ଟିମ୍ ଗୋଲକୁଣ୍ଡା ପ୍ରଥମ ଟିମ୍ ଭାବେ ଫାଇନାଲକୁ ଯାଇଥିଲା। ଏଲିମିନେଟରରେ ଅମ୍ବର ଆଭେଞ୍ଜର୍ସଙ୍କୁ ହରାଇ ବାରବାଟୀ ଦ୍ୱିତୀୟ କ୍ୱାଲିଫାୟର୍ସକୁ ଯାଇଥିଲା। ପରେ ଖେଳାଯାଇଥିବା ଦ୍ୱିତୀୟ କ୍ୱାଲିଫାୟରରେ ଭିକ୍ଟୋରିଆକୁ ହରାଇ ବାରବାଟୀ ଦ୍ୱିତୀୟ ଦଳ ଭାବେ ଫାଇନାଲ୍‌ରେ ପ୍ରବେଶ କରିଥିଲା। ଫାଇନାଲରେ ବାରବାଟୀକୁ ହରାଇ ଗୋଲକୁଣ୍ଡା ଗାର୍ଡିଆନ୍ସ ଚାମ୍ପିଅନ ହୋଇଥିଲା। ଏହି ଦଳରେ ଆର୍ଯ୍ୟ ଅର୍ଣ୍ଣବ ସାମନ୍ତରାୟ, ମହୀତୋଷ ଦେ', ଅଧିନାୟକ ତଥା ଆଇଏମ୍ ଆରାଧ ଗର୍ଗ, ସ୍ୱପ୍ନିଳ ପ୍ରିୟଦର୍ଶୀ, ମୁକୁନ୍ଦ ହେମନ୍ତ ଅଗରୱାଲ, ଆଶ୍ରିୟା ଦାସ, ରାକେଶ କୁମାର ନାୟକ ଏବଂ ସୋୟମ ଲକ୍ଷ୍ମୀଦତ୍ତ ଡି ସାବତ ଖେଳାଳିଭାବେ ଚମତ୍କାର ପ୍ରଦର୍ଶନ କରିଥିଲେ।

ଏହି ଟୁର୍ଣ୍ଣାମେଣ୍ଟର ଚିଫ୍ ଆର୍ବିଟର ଭାବେ ଆଇଏ ସୁରେଶ ଚନ୍ଦ୍ର ସାହୁ, ଡେପୁଟି ଚିଫ୍ ଆର୍ବିଟର ଭାବେ ଆଇଏ ତାପସ କୁମାର ମହାନ୍ତି ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ। ସନ୍ତୋଷ ମହାପାତ୍ର, ପିଙ୍କି ମହାପାତ୍ର, ଅଭିଷେକ ଆଚାର୍ଯ୍ୟ ଓ ଅନ୍ୟ ଆର୍ବିଟରମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ। ଏଓସିଏ କାର୍ଯ୍ୟନିର୍ବାହୀ ସଦସ୍ୟ ରୀତେଶ ରଥ, ପଦ୍ମିନୀ ସିଂ, ଧନଞ୍ଜୟ ସାବତ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ରାଜ୍ୟ ବେଞ୍ଚପ୍ରେସ୍ ପ୍ରତିଯୋଗିତା ଉଦ୍‌ଯାପିତ

# ଖୋର୍ଦ୍ଧା ପ୍ରଥମ, କଟକ ଦ୍ୱିତୀୟ

**ଭୁବନେଶ୍ୱର, ୧୬।୧୧(ସମିସ):** ଓଡ଼ିଶା ରାଜ୍ୟ ବେଞ୍ଚପ୍ରେସ୍ ପ୍ରତିଯୋଗିତା ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଶକ୍ତିଉତ୍ତୋଳନ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ୧୬ଟି ଜିଲ୍ଲାରୁ ୨୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଖୋର୍ଦ୍ଧା ଜିଲ୍ଲା ୨୩ଟି ସ୍ୱର୍ଣ୍ଣପଦକ ଜିତି ପ୍ରଥମ, କଟକ ଜିଲ୍ଲା ୮ଟି ସ୍ୱର୍ଣ୍ଣପଦକ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ସୁନ୍ଦରଗଡ଼ ୭ଟି ସ୍ୱର୍ଣ୍ଣ ସହ ତୃତୀୟ ହୋଇଛି। ଖେଳ ଶେଷରେ ଓଡ଼ିଶା ଶକ୍ତିଉତ୍ତୋଳନ ସଂଘ ସଭାପତି ଙ୍କ ଚିତ୍ତରଞ୍ଜନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଏକାମ୍ର ବିଧାୟକ ବାବୁ ସିଂ ମୁଖ୍ୟ ଅତିଥି, ଜଗନ୍ନାଥ ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସୋସିଏସନର ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ, ଜାନକୀ ବଲ୍ଲଭ ମିଶ୍ର, ଚନ୍ଦ୍ରଶେଖର ସାହୁ, ପ୍ରଦୀପ କୁମାର ପାତ୍ର, ଏନ୍‌ବି ପଟ୍ଟନାୟକ, କୃଷ୍ଣଚନ୍ଦ୍ର ସାହୁ, ଲକିରାଣୀ ପାତ୍ର, ସ୍ୱାଗତିକା ଖଟେଇ ଓ ଅନୁପମା ସ୍ୱାଇଁ ପ୍ରମୁଖ ଖେଳ ପରିଚାଳନା କରିଥିଲେ।



# ଶ୍ୱେତପଦ୍ମାଙ୍କୁ ମିଳିଲା ଏକଲବ୍ୟ ପୁରସ୍କାର


**ଭୁବନେଶ୍ୱର, ୧୬।୧୧(ସମିସ):** ରାଜ୍ୟର ପ୍ରମୁଖ ଅନ୍ତର୍ଜାତୀୟ ମହିଳା ବ୍ୟାଡମିଣ୍ଟନ ଖେଳାଳି ଶ୍ୱେତପଦ୍ମା ପଣ୍ଡାଙ୍କୁ ୩୩ତମ ଏକଲବ୍ୟ ପୁରସ୍କାର ପ୍ରଦାନ କରାଯାଇଛି। ରବିବାର ଏକ ଘରୋଇ ହୋଟେଲେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ରାଜ୍ୟ ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ମୁଖ୍ୟ ଅତିଥି, ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ପ୍ରକାଶ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ଶ୍ୱେତପଦ୍ମାଙ୍କୁ ଇମ୍ଫାକ୍ସ ପ୍ରଦତ୍ତ ଟ୍ରଫି, ମାନପତ୍ର ଓ ୭ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରିଥିଲେ। ଏହା ବ୍ୟତୀତ ରାଜ୍ୟର ଆଉ ଦୁଇଜଣ ଖେଳାଳିଙ୍କୁ ସମ୍ମାନିତ କରାଯାଇଛି। ଭାରୋତ୍ତୋଳିକା ପ୍ରିତୀସ୍ମିତା ଭୋଇ ଓ ଉଦୀୟମାନ ଟେନିସ ଖେଳାଳି ଆହାନଙ୍କୁ ମାନପତ୍ର, ଟ୍ରଫି ଓ ଦେଢ଼ଲକ୍ଷ ଲେଖାଏଁ ଟଙ୍କା ଦିଆଯାଇଥିଲା।

**ସମ୍ମାନିତ ହେଲେ ପ୍ରୀତିସ୍ମିତା ଓ ଆହାନ**



ଏକଲବ୍ୟ ପୁରସ୍କାର କମିଟି ଅଧ୍ୟକ୍ଷ ତଥା ଟ୍ରଷ୍ଟି ବୈଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅନ୍ୟତମ ଟ୍ରଷ୍ଟି ପାରମିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ବିତରଣ ଉତ୍ସବକୁ ପୁରସ୍କାର କମିଟି ସଂଯୋଜକ ତଥା କର୍ପୋରେଟ ବ୍ୟାପାର ମୁଖ୍ୟ ଅଶ୍ୱିନୀପ୍ରସାଦ ମହାନ୍ତି ପରିଚାଳନା କରିଥିଲେ। ୧୯୯୩ ମସିହାରୁ ରାଜ୍ୟର ଉଦୀୟମାନ ଖେଳାଳିଙ୍କୁ ଇମ୍‌ଫା ପକ୍ଷରୁ ଏକଲବ୍ୟ ପୁରସ୍କାର ପ୍ରଦାନ କରାହୋଇଆସୁଛି।

# ନିଖିଳ ଓଡ଼ିଶା ବିଲିଆର୍ଡ୍‌ସ ଓ ସ୍ନୁକର ରାଜ୍ୟ ର୍‍ୟାଙ୍କିଙ୍ଗ୍ ଚାମ୍ପିଅନ୍‌ସିପ୍ ଆରମ୍ଭ



ଭୁବନେଶ୍ୱର, ୧୬।୧୧(ସମିସ): ୩୧ତମ ରାଜ୍ୟ ବିଲିୟାର୍ଡ୍ସ ଓ ସ୍ନୁକର ଚାମ୍ପିଅନସିପ୍ ପଟିଆ ଛକସ୍ଥିତ ସିକ୍ସ ପକେଟସ କ୍ଲବ୍ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ୪ଟି ବିଭାଗରେ ହେବାକୁ ଥିବା ଏହି ରାଜ୍ୟ ର୍‍ୟାଙ୍କିଙ୍ଗ୍ ଚାମ୍ପିଅନସିପ୍‌କୁ ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ସଂଘ ସମ୍ପାଦକ ସମୀର ଅଲି ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟର ଶୀର୍ଷ ଖେଳାଳି, କ୍ଲବ୍ ମାଲିକ ଚେତନ ଆନନ୍ଦ ଓ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଗୋବିନ୍ଦ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଆଜି ଶେଷ ହୋଇଥିବା ସବଜୁନିଅର ବିଲିୟାର୍ଡ୍ସରେ ଆଜ୍‌ଲାନ ଅଲିଙ୍କୁ ହରାଇ ଚାମ୍ପିଅନ ହୋଇଛନ୍ତି। ସିନିଅର ବିଲିୟାର୍ଡ୍ସ ସେମିଫାଇନାଲରେ ସୁବ୍ରତ ଦାସ, ସମୀର ଅଲି ଓ ଚିରଞ୍ଜୀବ ସିଂ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସିନିଅର ସ୍ନୁକର ପ୍ରଥମ ରାଉଣ୍ଡରେ ଜଗଦୀଶ ମହାନ୍ତି, ଅନୁଜ ପଣ୍ଡା, ନିଶି ପ୍ରକାଶ, ଉଦ୍‌ଭାସ ମହାପାତ୍ର, ପ୍ରିୟା ଗୋବିନ୍ଦ ଓ ରାକେଶ ମହାନ୍ତି ବିଜୟ ହାସଲ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

### ମହିଳା ଦୃଷ୍ଟିହୀନ ବିଶ୍ୱକପ୍ କ୍ରିକେଟ୍

# ପାକିସ୍ତାନକୁ ହରାଇଲା ଭାରତ

କଲମ୍ବୋ, ୧୬।୧୧(ଏଜେନ୍ସି): ମହିଳା ଦୃଷ୍ଟିହୀନ ବିଶ୍ୱକପ୍ କ୍ରିକେଟରେ ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ୮ ୱିକେଟରେ ପଡୋଶୀ ପାକିସ୍ତାନକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୨୩ ରନ୍‌ରେ ୪ଟି ୱିକେଟ ହରାଇବା ପରେ ମେହେରିନ୍ ଅଲିଙ୍କ ୬୬ ରନ୍ ସହାୟତାରେ ୮ ୱିକେଟ ହରାଇ ୧୩୫ ରନ୍ କରିଥିଲା। ଜବାବରେ ଭାରତ ୨ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା। ଏହି ବିଜୟ ଫଳରେ ଭାରତ ସେମିଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ବା ସୋମବାର ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କା ମଧ୍ୟରେ ଲିଗ୍ ମ୍ୟାଚ୍ ଖେଳାଯିବ।

### ଜାତୀୟ ପାରା ସୁଇମିଂ ଚାମ୍ପିଅନ୍‌ସିପ୍

# ପ୍ରଥମ ଦିବସରେ ଓଡ଼ିଶାକୁ ୭ ପଦକ



**ଭୁବନେଶ୍ୱର, ୧୬।୧୧ (ସମିସ):** ହାଇଦରାବାଦ୍‌ରେ ରବିବାର ଜାତୀୟ ପାରା ସୁଇମିଂର ୨୫ତମ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିବସରେ ଓଡ଼ିଶା ସନ୍ତରଣକାରୀମାନେ ପ୍ରଭାବୀ ପ୍ରଦର୍ଶନ କରି ୭ଟି ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ୩ଟି ଲେଖାଏ ସ୍ୱର୍ଣ୍ଣ ଓ କାଂସ୍ୟ ଏବଂ ଗୋଟିଏ ରୌପ୍ୟ ପଦକ ରହିଛି। ପୁରୁଷ ୧୦୦ ମିଟର ଫ୍ରିଷ୍ଟାଇଲର ଏସ୍-୪ କାଟାଗୋରୀରେ ବଳରାମ ସ୍ୱାଇଁ, ଏସ୍-୫ କାଟାଗୋରୀରେ ନରହରି ବେହେରା ଓ ମହିଳା ଏସ୍-୬ କାଟାଗୋରୀରେ କବିତା ଦଳାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିଭଳି ପୁରୁଷ ବ୍ୟାକ୍ ଷ୍ଟ୍ରୋକ ଏସ୍-୧୧ କାଟାଗୋରୀରେ ରଞ୍ଜନ ହାଁସଦାଙ୍କୁ ରୌପ୍ୟ ପଦକ ମିଳିଛି। କାଂସ୍ୟ ପଦକ ସଫଳତା ପାଇଥିବା ସନ୍ତରଣକାରୀମାନେ ହେଲେ ଦୀନେଶ ମାଝୀ, ଶିବାନନ୍ଦ ବୈଦ୍ୟ ଓ କମଳ ଟୁଡୁ।

## ଶରଣକୁଳ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ

# ଟାଇବ୍ରେକର୍‌ରେ ଜିତିଲା ସେଞ୍ଚୁରିଆନ କ୍ଲବ୍

ଶରଣକୁଳ,୧୬।୧୧(ସମିସ)



ଶରଣକୁଳ ଲଡୁକେଶ ଆଥଲେଟିକ୍ ଆସୋସିଏସନର ୬୪ ତମ ସର୍ବ ଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ସ୍ଥାନୀୟ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଉଦଘାଟିତ ହୋଇ ଯାଇଛି। ଆସାସିଏସନର ସଭାପତି ତଥା ପୂର୍ବତନ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ଏହି ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ସଂଯୁକ୍ତା ପଢ଼ିଆରୀ, ଶରଣକୁଳ ଥାନା ଅଧିକାରୀ ସୁଜିତ କୁମାର ଦାସ ପ୍ରମୁଖ ଅତିଥି ରୂପେ ଯୋଗ ଦେଇ ଥିଲେ। ଉଦଘାଟନୀ ମ୍ୟାଚ ଭୁବନେଶ୍ୱରର ସେଞ୍ଚୁରିଆନ କ୍ଲବ ଓ ଜଟଣୀର ଉତ୍କଳ ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଖେଳର ପ୍ରଥମାର୍ଦ୍ଧ ବେଶ ଚିତ୍ତାକର୍ଷକ ଥିବାବେଳେ ୧୧ ତମ ମିନିଟରେ ଜଟଣୀ ଦଳର ୧୦ ନମ୍ବର ଜର୍ସି ଖେଳାଳି ଚିଣ୍ଟୁ ସାମଲ ଚତୁରତାର ସହ ପ୍ରଥମ ଗୋଲ ସ୍କୋର କରି ଦଳକୁ ଆଗେଇ ନେଇଥିଲେ । ଦ୍ୱିତୀୟାର୍ଦ୍ଧ ଖେଳର ପ୍ରଥମ ମିନିଟରେ ଭୁବନେଶ୍ୱର ଦଳର ୭ ନମ୍ବର ଜର୍ସି ଖେଳାଳି ଅମିନୁ ଗୋଲ ଶୁଝାଇ ଦଳକୁ ସମାନ ସ୍ତରକୁ ଆଣିଥିଲେ । ଖେଳ ୧-୧ରେ ସମାନ ହେବା ପରେ ଖେଳ ସଂଘର୍ଷପୂର୍ଣ୍ଣ ହୋଇଥିଲା ଓ ୩୧ ତମ ମିନିଟ ରେ ଚିଣ୍ଟୁ ସାମଲ ବିପକ୍ଷ ଦଳକୁ ଆଉ ଗୋଟିଏ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। କିନ୍ତୁ ଶେଷ ସମୟ ପୂର୍ବରୁ ଭୁବନେଶ୍ୱର ଦଳ ଶୁଝାଇଦେବାରୁ ନିର୍ଦ୍ଧାରିତ ସମରେ ଖେଳ ୨-୨ ଗୋରେ ସମାନସ୍ତରେ ରହିଥିଲା। ମ୍ୟାଚ୍ର ଫଳାଫଳ ଲାଗି ଟାଇବ୍ରେକର ପଦ୍ଧତି ନିଆଯାଥିଲା। ଏଥରେ ଭୁବନେଶ୍ୱର ଦଳ ବିଜୟୀ ହୋଇଥିଲା ଓ ଦଳର ଅମିନୁଙ୍କୁ ଶ୍ରେଷ୍ଠ ଖେଳାଳି ରୁପେ ଚୟନ କରାଯାଇଥିଲା। ଶରଣକୁଳ ଜନସଂଗ୍ରାମ ପ୍ରେସ ପକ୍ଷରୁ ଅତିଥିଙ୍କ ଦ୍ୱାରା ଏକହଜାର ଅର୍ଥ ରାଶି ସହିତ ଏକ ଟ୍ରଫି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଛି । ରେଫରୀ ରାଜୁ ମହାନ୍ତି ଖେଳ ପରିଚାଳନା କରିଥିବା ବେଳେ ପ୍ରସନ୍ନ କୁମାର ନାୟକ, ଜ୍ୟୋତିରଞ୍ଜନ ସ୍ୱାଇଁ, ଜଗନ୍ନାଥ ପରିଡା ଲାଇନରେ ସହାୟତା କରିଥିଲେ। ବିକ୍ରମ କୁମାର ଦାଶ,କୃଷ୍ଣଚନ୍ଦ୍ର ମହାପାତ୍ର,ଚିତ୍ତ ରଞ୍ଜନ ବରାଡ଼,କୃଷ୍ଣଚନ୍ଦ୍ର ତ୍ରିପାଠୀ,ରମେଶଚନ୍ଦ୍ର ବରାଡ଼,ଅଖିଳ କୁମାର ମହାପାତ୍ର ପ୍ରମୁଖ ଖେଳ ରେ ସହଯୋଗ କରିଥିଲେ। ସୋମବାର ଖେଳ ଡ଼ିଏମଏସଏଫସି କେପିଝାଡ଼ଖଣ୍ଡ ଏବଂ ଗଣ୍ଡରପୁର ଫୁଟବଲ କ୍ଲବ, ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆସୋସିଏସନର ସମ୍ପାଦକ ରବିନ୍ଦ୍ର କୁମାର ଚୌଧୁରୀ ଜଣାଇଛନ୍ତି ।

### ଆଜିଠୁ ମହିଳା କବାଡ଼ି ବିଶ୍ୱକପ୍

# ଟାଇଟଲ୍ ବଜାୟ ଲକ୍ଷ୍ୟରେ ଭାରତ

**ଢାକା, ୧୬।୧୧ (ଏଜେନ୍ସି):** ମହିଳା କବାଡ଼ି ବିଶ୍ୱକପ୍‌ର ଦ୍ୱିତୀୟ ସଂସ୍କରଣ ସୋମବାରଠାରୁ ବାଂଲାଦେଶର ଢାକାରେ ଆରମ୍ଭ ହେବାକୁଯାଉଛି। ୧୩ ବର୍ଷର ବ୍ୟବଧାନ ପରେ ମହିଳା କବାଡ଼ି ବିଶ୍ୱକପ୍ ଖେଳାଯିବ। ୨୦୧୨ରେ ବିହାରରେ ଖେଳାଯାଇଥିବା ପ୍ରଥମ ସଂସ୍କରଣରେ ଭାରତୀୟ ମହିଳା ଦଳ ଇରାନକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଫଳରେ ଡିଫେଣ୍ଡିଂ ଚାମ୍ପିଅନ ଭାବେ ଭାରତ ଏଥର ବିଶ୍ୱକପ୍‌ରେ ପ୍ରବେଶ କରିଛି। ନଭେମ୍ବର ୨୪ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଦ୍ୱିତୀୟ ସଂସ୍କରଣରେ ମୋଟ୍ ୧୧ଟି ଦଳ ଭାଗନେଇଛନ୍ତି। ଆୟୋଜକ ବାଂଲାଦେଶ ଓ ଭାରତ ସମେତ ଜର୍ମାନୀ, ଥାଇଲାଣ୍ଡ ଓ ଉଗାଣ୍ଡା ଗ୍ରୁପ୍-ଏ'ରେ ସ୍ଥାନ ପାଇଛନ୍ତି। ସେହିଭଳି ଗ୍ରୁପ୍-ବି'ରେ ଇରାନ, କେନିଆ, ନେପାଳ, ପୋଲାଣ୍ଡ, ଚାଇନିଜ ତାଇପେଇ ଓ ଜାଞ୍ଜିବର ରହିଛନ୍ତି। ଶେଷ ମୁହୂର୍ତ୍ତରେ ଆର୍ଜେଣ୍ଟିନା ଓହରିଯିବାରୁ ଗ୍ରୁପ୍-ଏ'ରେ ୫ଟି ଦଳ ସ୍ଥାନ ପାଇଛନ୍ତି। ପ୍ରତି ଗ୍ରୁପ୍‌ର ଦୁଇଟି ଲେଖାଏ ଶ୍ରେଷ୍ଠ ଦଳ ସେମିଫାଇନାଲକୁ ପ୍ରବେଶ କରିବେ।

### କୁଚ୍ ବିହାର ଟ୍ରଫି

# ଅର୍ପିତଙ୍କୁ ୩ ୱିକେଟ୍; ମହାରାଷ୍ଟ୍ର ୨୯୯/୫



**କଟକ, ୧୬।୧୧(ସମିସ):** ଘରୋଇ ମହାରାଷ୍ଟ୍ର ଓ ଓଡ଼ିଶା ମଧ୍ୟରେ ରବିବାରଠାରୁ ନାଗୋଥାନେର ରିଲାଏନ୍ସ କ୍ରିକେଟ ଗ୍ରାଉଣ୍ଡରେ କୁଚ୍ ବିହାର ଟ୍ରଫି (୧୯ ବର୍ଷରୁ କମ୍) ମ୍ୟାଚ୍ ଆରମ୍ଭ ହୋଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ସୁଯୋଗ ପାଇଥିବା ମହାରାଷ୍ଟ୍ର ଦଳ ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୫ ୱିକେଟ ବିନିମୟରେ ୨୯୯ ରନ ସଂଗ୍ରହ କରି ଦୃଢ଼ସ୍ଥିତିରେ ରହିଛି। ଦଳ ପକ୍ଷରୁ ଓପନର ଜାସନ ସିଂହ ସର୍ବାଧିକ ୧୦୨ ରନ କରିଥିଲେ। ସେହିଭଳି ୱିକେଟକିପର ସାଇ ପ୍ରଦେଶୀ ଏବଂ ଏସ୍ ଜଗତପ ଯଥାକ୍ରମେ ୪୫ ଏବଂ ୪୮ ରନ ସଂଗ୍ରହ କରି ଅପରାଜିତ ରହିଛନ୍ତି। ଓଡ଼ିଶା ପକ୍ଷରୁ ଅର୍ପିତ ମହାନ୍ତି ୩ଟି ଏବଂ ରାଜ ଯାଦବ ୨ଟି ୱିକେଟ ଦଖଲ କରିଛନ୍ତି। ପ୍ରଥମ ଦିବସରେ ଓଡ଼ିଶା ବୋଲର ୯୨ ଓଭର ବୋଲିଂ କରି ମାତ୍ର ୫ ୱିକେଟ୍ ନେଇ ନିରାଶ କରିଛନ୍ତି।

### ଏସିଆ କପ୍ ରାଇଜିଂ ଷ୍ଟାର୍

# ସୂର୍ଯ୍ୟବଂଶୀଙ୍କ ଦ୍ରୁତ ଇନିଂସ ବେକାର

**ଦୋହା, ୧୬।୧୧ (ଏଜେନ୍ସି):** ଏଠାରେ ଚାଲିଥିବା ଏସିଆ କପ୍ ରାଇଜିଂ ଷ୍ଟାର୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଭାରତ-ଏ ପ୍ରଥମ ପରାଜୟବରଣ କରିଛି। ରବିବାର ରାତିରେ ଖେଳାଯାଇଥିବା ଟୁର୍ଣ୍ଣାମେଣ୍ଟର ସବୁଠୁ ହାଇଭୋଲଟେଜ ମ୍ୟାଚରେ ଭାରତ-ଏ ୮ ୱିକେଟ୍‌ରେ ପାକିସ୍ତାନ-ଏ ନିକଟରୁ ପରାସ୍ତ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ଭାରତ-ଏ ୧୯ ଓଭରାରେ ୧୩୬ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଦଳ ପକ୍ଷରୁ ଓପନର୍ ବୈଭବ ସୂର୍ଯ୍ୟବଂଶୀ ୨୮ ବଲରେ ୫ ଚୌକା ଓ ୩ ଛକା ସହ ସର୍ବାଧିକ ୪୫ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନମନ ଧୀର ୩୫, ହର୍ଷ ଦୁବେ ୧୯, ନେହାଲ ୱାଧେର ୮ ଓ ରମନଦୀପ୍ ସିଂହ ୧୧ ରନ କରିଥିଲେ। ପାକିସ୍ତାନର ଶାହିଦ ଅଜିଜ ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ। ଜବାବରେ ପାକିସ୍ତାନ-ଏ ୧୩.୨ ଓଭରରେ ୨ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଓପନର୍ ମାଜ୍ ସାଦକତ୍ ୪୭ ବଲରେ ଅପରାଜିତ ୭୯ ରନ କରିଥିଲେ। ଗ୍ରୁପ୍-ବି'ରେ ସ୍ଥାନ ପାଇଥିବା ଭାରତ ପୂର୍ବରୁ ପ୍ରଥମ ମ୍ୟାଚରେ ୧୪୮ ରନରେ ୟୁଏଇ'କୁ ହରାଇଥିଲା। ଶେଷ ମ୍ୟାଚରେ ଭାରତ ମଙ୍ଗଳବାର ଓମାନକୁ ଭେଟିବ।

### ଟୋକିଓ ଡିଫ୍ ଅଲିମ୍ପିକ୍ସ

# ଟାଇଟଲ୍ ବଜାୟ ରଖିଲେ ଶୁଟର୍ ଶ୍ରୀକାନ୍ତ



**ଟୋକିଓ, ୧୬।୧୧ (ଏଜେନ୍ସି):** ଜାପାନର ରାଜଧାନୀ ଟୋକିଓରେ ଗତକାଲିଠାରୁ ଆରମ୍ଭ ହୋଇଥିବା ଡିଫ୍ (ବଧିର) ଅଲିମ୍ପିକ୍ସର ୨୫ତମ ସଂସ୍କରଣରେ ଭାରତୀୟ ସୁଟର୍ ଧନୁଶ ଶ୍ରୀକାନ୍ତ ଟାଇଟଲ୍ ବଜାୟ ରଖିବାରେ ସଫଳ ହୋଇଛନ୍ତି। ପୁରୁଷ ଏୟାର ରାଇଫଲ୍‌ରେ ଶ୍ରୀକାନ୍ତ ୨୫୨.୨ ସ୍କୋର ସହ ପୋଡିୟମର ଶୀର୍ଷ ସ୍ଥାନରେ ରହିଥିଲେ। ଶ୍ରୀକାନ୍ତ ୨୦୨୨ରେ ବ୍ରାଜିଲରେ ଅନୁଷ୍ଠିତ ଡିଫ୍ ଅଲିମ୍ପିକ୍ସର ଗତ ସଂସ୍କରଣରେ ମଧ୍ୟ ଏହି ଇଭେଣ୍ଟରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଅନ୍ୟତମ ଭାରତୀୟ ସୁଟର୍ ମହମ୍ମଦ ଭାନିଆ ୨୫୦.୧ ସ୍କୋର ସହ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଫଳରେ ଭାରତ ଏହି ଇଭେଣ୍ଟରୁ ୨ଟି ପଦକ ଜିତିବାରେ ସଫଳ ହୋଇଛି। ସେହିଭଳି ମହିଳା ଏୟାର ରାଇଫଲ୍ ଇଭେଣ୍ଟରେ ମଧ୍ୟ ଭାରତ ୨ଟି ପଦକ ଜିତିଛି। ମହିତ ସାନ୍ଧୁ ଓ କୋମଳ ୱାଗମାରେ ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଛନ୍ତି।

# ରାଜ୍ୟ ଓପନ ଚେସ୍ ଜିତିଲେ ତନ୍ମୟ

**ଭୁବନେଶ୍ୱର, ୧୬।୧୧(ସମିସ):** ଓଡ଼ିଶା ରାଜ୍ୟ ଚେସ ସଂଘ ପକ୍ଷରୁ ଆଉ ଏକ ପ୍ରୋତ୍ସାହନମୂଳକ ଚେସ୍ ପ୍ରତିଯୋଗିତା 'ନିର୍ମଳ କୁମାର ପଟ୍ଟନାୟକ ସ୍ମାରକୀ ରାଜ୍ୟ ଓପନ ଚେସ୍ ଚାମ୍ପିଅନସିପ୍' ରବିବାର ଅନୁଷ୍ଠିତ ହୋଇଯାଇଛି। କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଆୟୋଜିତ ଏହି ପ୍ରତିଯୋଗିତାରେ ଭୁବନେଶ୍ୱରର ତନ୍ମୟ ତ୍ରିପାଠୀ ପ୍ରଥମ ସ୍ଥାନ ଅଧିକାର କରି ଚାମ୍ପିଅନ ହୋଇଛନ୍ତି। ତାଙ୍କ ପଛକୁ ପାରାଦୀପର ଜ୍ଞାନରଞ୍ଜନ ସେଠୀଙ୍କୁ ରନର୍ସଅପ୍‌ରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। କଟକର ନିରେକ ପରିଡ଼ା, ପ୍ରତ୍ୟୁଷ ମହାପାତ୍ର, ବାଲେଶ୍ୱରର ଶୁଭେନ୍ଦୁ କୁମାର ପାତ୍ର, ଭୁବନେଶ୍ୱରର ସତ୍ୟମାଧବ ଶତପଥୀ, ପୁରୀର କ୍ରିତୀଶ କୁମାର ଓ ଗଜପତିର ମନୀନ୍ଦ୍ର କାର୍ଜୀ ଯଥାକ୍ରମେ ତୃତୀୟରୁ ୮ମ ସ୍ଥାନ ଅଧିକାର କରିଛନ୍ତି। ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲାବେଳେ ରୟାଲ ପବ୍ଲିକ୍ ସ୍କୁଲର ପ୍ରଜ୍ଞା ସାହୁ, ସଞ୍ଜୀବ ପଟ୍ଟନାୟକ, ସ୍ମିତା ଭୋଳ ପ୍ରମୁଖ ପୁରସ୍କାର ବିତରଣ ଉତ୍ସବରେ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ।



## ଆଜିର ରାଶିଫଳ

**ମେଷ:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟ ଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**କର୍କଟ:** ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି। ମାନସିକ ଚିନ୍ତା ଦୂର ହେବ। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମ ଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ତୁଳା:** ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ଚକ୍ଷୁ ସମସ୍ୟା ଦେଖା ଦେବ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ଧନୁ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପରିବାର ସଦସ୍ୟଙ୍କ ସହ ହସ ଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ମୀନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

## ଆଜିର ଐତିହ୍ୟ

- ୧୮୩୧- ଇକ୍ୱାଡୋର ଓ ଭେନେଜୁଏଲା ଗ୍ରେଟର୍ କଲମ୍ବିଆଠାରୁ ଅଲଗା ହେଲେ।
- ୧୯୨୮ -ସ୍ୱାଧୀନତା ସଂଗ୍ରାମୀ ଲାଲା ଲଜପତ୍ ରାୟଙ୍କ ବିୟୋଗ।
- ୧୯୬୬- ରୀତା ଫାରିଆ ବିଶ୍ୱ ସୁନ୍ଦରୀ ହେଲେ।
- ୧୯୯୯ -ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳନ ପାଇଁ ୟୁନେସ୍କୋ ଅନୁମତି ଦେଲା।



# ଆସିପାରେ 'କୁଛ କୁଛ ହୋତା ହୈ'ର ସିକ୍ୱେଲ

## କରନ୍ ଦେଲେ ଇସାରା

ବଲିଡ୍‌ର କିଙ୍ଗ୍‌ଖାନ୍ ଶାହାରୁଖ୍, କାଜଲ ଓ ରାନୀ ମୁଖାର୍ଜୀଙ୍କ ଅଭିନୀତ 'କୁଛ କୁଛ ହୋତା ହୈ'(୧୯୯୮) ଫିଲ୍ମ ବଲିଉଡର ଏକ ଆଇକନିକ୍ ଫିଲ୍ମ ଭାବେ ଜଣାଯାଏ। ଏହି ଫିଲ୍ମ ଆଜିବି ଦର୍ଶକଙ୍କ ହୃଦୟରେ ରାଜ୍ କରୁଛି। ଫିଲ୍ମଟି ପ୍ରେମ ଏବଂ ବନ୍ଧୁତା ଉପରେ ପର୍ଯ୍ୟବେସିତ ଥିଲା। ଏହା ବକ୍ସ ଅଫିସ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। କରନ୍ ଜୋହର୍‌ଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ପୁଣି ଥରେ ଚର୍ଚ୍ଚାକୁ ଆସିଛି। ନିକଟରେ କରନ୍ ଏକ ସାକ୍ଷାତକାରରେ 'କୁଛ କୁଛ ହୋତା ହୈ ୨' ବିଷୟରେ କହିବା ସହ ଏଥିରେ କେଉଁ କଳାକାରମାନେ ଅଭିନୟ କରିବେ ସେବିଷୟରେ ମଧ୍ୟ କହିଥିଲେ। କରନ୍ କହିଥିଲେ ଯେ, ଯଦି 'କୁଛ କୁଛ ହୋତା ହୈ'ର ସିକ୍ୱେଲ ସେ ଆଣୁଛନ୍ତି ତେବେ ଏଥିରେ ରଣବୀର ସିଂହ, ଆଲିଆ ଭଟ୍ଟ, ଅନନ୍ୟା ପାଣ୍ଡେଙ୍କୁ ନେବେ। ଆଲିଆ ମଡର୍ଣ୍ଣ ଅଞ୍ଜଳି, ରଣବୀର ରାହୁଲ ଓ ଅନନ୍ୟା ଟିନା ହେବେ। ଟିନା ପାଇଁ ଜାହ୍ନବୀ କପୁର ଓ ସାରା ଅଲ୍ଲୀ ଖାନ୍‌ଙ୍କୁ ମଧ୍ୟ ସେ ବିକଳ୍ପ ଭାବେ ରଖିଥିବା କହିଛନ୍ତି। କରନ୍‌ଙ୍କ ଏହି ବୟାନ ପରେ ସାମାଜିକ ଗଣମାଧ୍ୟମରେ ଏହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇ ଯାଇଛି। ଏହି ଫିଲ୍ମକୁ ପସନ୍ଦ କରୁଥିବା ଅନେକ ୟୁଜର୍ସ ଏଭଳି ଏକ ଆଇକନିକ୍ ଫିଲ୍ମର ସିକ୍ୱେଲ ଆଣନ୍ତୁ ନାହିଁ ବୋଲି କରନ୍‌ଙ୍କୁ କହିଛନ୍ତି। ଏଯାବତ୍ କରନ୍ ଏହାକୁ ନିର୍ମାଣ କରିବେ କି ନାହିଁ ତାହା ସ୍ପଷ୍ଟ ଭାବେ କିଛି କହିନାହାନ୍ତି।

# ହତ୍ୟାକାରୀକୁ ଧରିବା ପାଇଁ ୨୬ ବର୍ଷ ଦେଲେ ଘରଭଡ଼ା

ପତିପତ୍ନୀଙ୍କ ମଧ୍ୟରୁ କାହାରି ଜଣକର ମୃତ୍ୟୁ ହୋଇଗଲେ ଆର ଜଣକ ବଞ୍ଚିବା ବେଶ୍ କଷ୍ଟଦାୟକ ହୋଇଥାଏ। ଏହି କ୍ରମରେ ଜାପାନରୁ ଏକ ଚକିତ କଲା ଭଳି ଘଟଣା ସାମ୍ନାକୁ ଆସିଛି। ଜଣେ ବ୍ୟକ୍ତି ୨୬ ବର୍ଷ ଧରି ଏକ ଫ୍ଲାଟ୍‌ର ଭଡ଼ା ଦେଇ ଆସୁଥିଲେ ଯେଉଁଠାରେ ତାଙ୍କ ପତ୍ନୀଙ୍କୁ ହତ୍ୟା କରାଯାଇଥିଲା। ପତ୍ନୀର ହତ୍ୟାକାରୀଙ୍କୁ ଧରିବା ପାଇଁ କୌଣସି ତଥ୍ୟ ମିଳିଯାଉ ବୋଲି ଆଶା କରି ସେ ଏପରି କରି ଆସୁଥିଲେ। ୧୩ ନଭେମ୍ବର, ୧୯୯୯ ମସିହାରେ ନାମିକୋ ତାକାବାଙ୍କୁ ତାଙ୍କ ଫ୍ଲାଟ୍‌ରେ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ହତ୍ୟାକାରୀ ତାଙ୍କ ବେକରେ ବାରମ୍ବାର ଛୁରୀ ଭୂଷିଥିଲା। ଏହି ସମୟରେ ତାଙ୍କ ସାନ ପୁଅ ପାଖରେ ଶୋଇଥିଲେ ମଧ୍ୟ ତାର କୌଣସି କ୍ଷତି ହୋଇ ନ ଥିଲା। ଏନେଇ ପୁଲିସ ୫ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ପଚରାଉଚରା କରିବା ପରେ ବି ହତ୍ୟାକାରୀର ସନ୍ଧାନ ମିଳି ନ ଥିଲା। ତେବେ ସାତୋରୁ ତାକାବା(ନାମିକୋଙ୍କ ସ୍ୱାମୀ) ଅପରାଧ ସ୍ଥଳରେ ଲାଗିଥିବା ରକ୍ତଛିଟାକୁ ସଫା କରିବା ତଥା ସେହି ଫ୍ଲାଟ୍‌ରୁ ତାଙ୍କର ଆସବାବପତ୍ରକୁ ହଟାଇବାକୁ ସିଧାସିଧା ମନା କରିଥିଲେ। ସେ ନିଜ ଝିଅକୁ ଧରି ଅନ୍ୟ ଏକ ସ୍ଥାନରେ ରହିଲେ। ସେ ଦ୍ୱିତୀୟ ବିବାହ କରି ନ ଥିଲେ। ସ୍ତ୍ରୀର ହତ୍ୟାକାରୀକୁ ଧରିବା ପାଇଁ ୨୬ ବର୍ଷ ଧରି ଫ୍ଲାଟ୍‌ର ଭଡ଼ା ବାବଦରେ ୧.୨ କୋଟି ଟଙ୍କା ଦେଇଥିଲେ। ସେ ଲଗାତାର ଗଣମାଧ୍ୟମରେ ସାକ୍ଷାତକାର ଦେଇ ତାଙ୍କ ସ୍ତ୍ରୀଙ୍କ ହତ୍ୟାକାରୀଙ୍କୁ ଧରିବା ପାଇଁ କହୁଥିଲେ। ଶେଷରେ ଏହି ଘଟଣାର ୨୬ ବର୍ଷ ପରେ ଚଳିତ ବର୍ଷ ଅକ୍ଟୋବର ମାସରେ ହତ୍ୟାକାରୀ ଚିହ୍ନଟ ହୋଇଥିଲେ। ହତ୍ୟାକାରୀ ନାଁ ହେଉଛି କୁମିକୋ ୟାସୁଫୁକୁ। ସେ ସାତୋରୁଙ୍କର ସ୍କୁଲ ସାଙ୍ଗ ଥିଲେ। କୁମିକୋ ସାତୋରୁଙ୍କୁ ଏକତରଫା ପ୍ରେମ କରୁଥିଲେ। ସାତୋରୁଙ୍କୁ କିନ୍ତୁ କୁମିକୋଙ୍କ ପ୍ରେମକୁ ପ୍ରତ୍ୟାଖ୍ୟାନ କରିଥିଲେ। ୩୦ ଅକ୍ଟୋବର, ୨୦୨୫ରେ କୁମିକୋ ପୁଲିସ୍ ନିକଟରେ ଆତ୍ମସମର୍ପଣ କରିଥିଲେ। ତେବେ ଅପରାଧ ସ୍ଥଳକୁ ମିଳିଥିବା ରକ୍ତନମୁନା ତାଙ୍କ ସହିତ ମ୍ୟାଚ୍ ହୋଇଥିଲା। ତେବେ ସାତୋରୁ ହତ୍ୟାକାରୀଙ୍କ ସମ୍ପର୍କରେ ଶୁଣିବା ପରେ ସ୍ତବ୍ଧ ହୋଇ ଯାଇଥିଲେ। ସାତୋରୁ କହିଛନ୍ତି ଯେ, 'ସେ ଯେଉଁ ଘର ପାଇଁ ଏତେ ଦିନରୁ ଭଡ଼ା ଦେଇ ଆସୁଥିଲେ କୁମିକୋ ତାରି ଆଖପାଖରେ ଦୀର୍ଘ ବର୍ଷ ଧରି ରହି ଆସୁଥିଲେ।' ଦୀର୍ଘ ୨୬ବର୍ଷ ଧରି ସେ ନ ରହି ମଧ୍ୟ ଯେଉଁ ଫ୍ଲାଟ୍ ପାଇଁ ଭଡ଼ା ଦେଇ ଆସୁଥିଲେ, ଉକ୍ତ ନିଷ୍ପତ୍ତି ଠିକ୍ ଥିଲା ବୋଲି ସାତୋରୁ କହିଛନ୍ତି।



# କର୍ମଚାରୀଙ୍କୁ ସୁନା କି-କ୍ୟାପ୍ ଉପହାର



ଅନେକ କମ୍ପାନି କର୍ମଚାରୀଙ୍କୁ ଉତ୍ସାହିତ କରିବା ପାଇଁ ବୋନ୍‌ସ, ଉପହାର ଆଦି ଦିଅନ୍ତି। ଏହି କ୍ରମରେ ଚୀନ୍‌ର ଏକ କମ୍ପାନି ଉପହାରରେ କର୍ମଚାରୀଙ୍କୁ ସୁନା କି ବୋର୍ଡ କ୍ୟାପ୍ ଦେଇ ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛି। ଚୀନ୍ ଶେନ୍‌ଝେନ୍‌ରେ ଥିବା ଇନ୍‌ଷ୍ଟା ୩୬୦ ନାମକ କମ୍ପାନି କର୍ମଚାରୀଙ୍କୁ ଦୀର୍ଘ ଚାରିବର୍ଷ ଧରି ସୁନା କିବୋର୍ଡ କ୍ୟାପ୍ ଦେଇ ଆସୁଛି। କମ୍ପାନି ପକ୍ଷରୁ ଏହାର ନାମ 'ଗୋଲଡେନ୍ ବୋନସ୍' ନାମ ଦିଆଯାଇଛି। ନିକଟରେ ଏହି କମ୍ପାନି ଚୀନ୍ ପ୍ରୋଗାମର ଡେ ( ୨୪ ଅକ୍ଟୋବରରେ) ଅବସରରେ ୨୧ ଜଣ କର୍ମଚାରୀଙ୍କୁ ସୁନାର କି କ୍ୟାପ୍ ଉପହାରରେ ଦେଇଥିଲା। ଏହି କି କ୍ୟାପ୍‌ଗୁଡ଼ିକ ମଧ୍ୟରେ ସ୍ପେଶ୍ ବାର୍ ମଧ୍ୟ ଥିଲା। ଏହାର ମୂଲ୍ୟ ପାଖାପାଖି ୪୫ ଲକ୍ଷ ଟଙ୍କା ହେବ। ଏଯାବତ୍ କମ୍ପାନି ପକ୍ଷରୁ କର୍ମଚାରୀଙ୍କୁ ସମୁଦାୟ ୫୫ଟି ସୁନାର କି କ୍ୟାପ୍ ପ୍ରଦାନ କରାଯାଇଛି। ସୁନାର ଏହି କି କ୍ୟାପ୍‌ଗୁଡ଼ିକ କେବଳ ବୋନସ୍ ନୁହେଁ ଏହା କର୍ମଚାରୀଙ୍କ ପରିଶ୍ରମ ଓ ନିଷ୍ଠାର ପ୍ରତୀକ ବୋଲି ଇନ୍‌ଷ୍ଟା ୩୬୦ ପକ୍ଷରୁ କୁହାଯାଇଛି। ସୁନା ଦେଉଥିବାରୁ ଏହି କମ୍ପାନିକୁ ଚୀନ୍‌ରେ 'ଗୋଲଡ୍ ଫ୍ୟାକ୍ଟ୍ରି' ବୋଲି କୁହାଯାଏ। ସେହିପରି ଇନ୍‌ଷ୍ଟା ୩୬୦ ଏହାର ୧୦ ବର୍ଷ ପୂର୍ତ୍ତି ଅବସରରେ କର୍ମଚାରୀ ଓ ଇଣ୍ଟର୍ଣ୍ଣଙ୍କୁ ଉପହାର ସ୍ୱରୂପ ଗୋଲଡ୍ ବ୍ଲାଇଣ୍ଡ ବାକ୍ସ ଦେଇଥିଲା। ଏଥିରେ ୦. ୩୬ ଗ୍ରାମ୍‌ର ଶୁଦ୍ଧ ସୁନାର ଷ୍ଟିକର୍ ଥିଲା। ଏହି କମ୍ପାନି କର୍ମଚାରୀଙ୍କୁ କେବଳ ବୋନ୍‌ସ ନୁହେଁ, ସେମାନଙ୍କ ବ୍ୟକ୍ତିଗତ ଖୁସିକୁ ମଧ୍ୟ ପ୍ରାଧାନ୍ୟ ଦେଇଥାଏ। ବିଶେଷ ଅବସରରେ ସୁନା ଉପହାର ଦେଇଥାଏ। କୌଣସି କର୍ମଚାରୀଙ୍କ ବିବାହ କିମ୍ବା ପିଲା ଜନ୍ମ ହେଲେ କମ୍ପାନି ପକ୍ଷରୁ ଏକ ଗ୍ରାମ୍ ଓଜନର ସୁନା ମୁଦ୍ରା ପ୍ରଦାନ କରାଯାଏ।

# ତୁଳସୀ ଜଟାର ମହତ୍ତ୍ୱ



**ହିନ୍ଦୁ ଧର୍ମରେ ତୁଳସୀକୁ ସବୁଠୁ ପବିତ୍ର ବୃକ୍ଷ ବୋଲି କୁହାଯାଇଛି। ତୁଳସୀ କେବଳ ଭଗବାନ ବିଷ୍ଣୁଙ୍କ ପ୍ରିୟ ନୁହେଁ, ଏହା ଘରର ସକାରାତ୍ମକ ଶକ୍ତି ସଞ୍ଚାର କରିବା ସହିତ ସମୃଦ୍ଧିର ପ୍ରତୀକ ଭାବେ ବିବେଚନା କରାଯାଏ। ଯେମିତି ତୁଳସୀ ପତ୍ରର ମହତ୍ତ୍ୱ ଅଛି, ଠିକ୍‌ସେମିତି ତୁଳସୀ ଫୁଲ ବି ମଙ୍ଗଳକାରୀ। କୁହାଯାଏ ତୁଳସୀ ଗଛରେ ତୁଳସୀ ଫୁଲ ମା' ଲକ୍ଷ୍ମୀଙ୍କ ଆଗମନର ସଙ୍କେତ ଦେଇଥାଏ।**

ଧାର୍ମିକ ଗ୍ରନ୍ଥରେ କୁହାଯାଇଛି, ଭଗବାନ ବିଷ୍ଣୁଙ୍କ ପୂଜା ତୁଳସୀ ବିନା ଅଧୁରା। ତେଣୁ ତୁଳସୀରେ ଫୁଲ ଆସିଲେ ଏହାକୁ ଶ୍ରୀହରିଙ୍କ ଭୋଗ ସହିତ ଅର୍ପଣ କରନ୍ତୁ। ଏଭଳି କରିବା ଦ୍ୱାରା ଭଗବାନ ବିଷ୍ଣୁ ଅତ୍ୟନ୍ତ ପ୍ରସନ୍ନ ହୋଇଥାନ୍ତି ଏବଂ ପୁଣ୍ୟ ପ୍ରାପ୍ତି ହୁଏ। ଏହା ଜୀବନରୁ ନକାରାତ୍ମକତାକୁ ଦୂରେଇ ସୌଭାଗ୍ୟ ଆଣେ। ସେହିପରି ଆର୍ଥିକ ସମସ୍ୟା ଦେଇ ଗତି କରୁଥିଲେ, ଶୁକ୍ରବାର ମା' ଲକ୍ଷ୍ମୀଙ୍କୁ ତୁଳସୀ ଫୁଲ ଅର୍ପଣ କରିବା ଉଚିତ। ଏଭଳି କରିବା ଦ୍ୱାରା ଦେବୀ ଲକ୍ଷ୍ମୀ ଶୀଘ୍ର ପ୍ରସନ୍ନ ହୋଇଥାନ୍ତି। ଏହି ଉପାୟ ଅର୍ଥ ସମସ୍ୟା ଦୂର କରେ।


ସେହିପରି ଘରେ ଲଗାତାର କଳି, ଝଗଡ଼ା, ଚିନ୍ତା ଓ ନକାରାତ୍ମକ ପରିବେଶ ବଜାୟ ରହିଲେ, ତୁଳସୀ ଫୁଲକୁ ବ୍ୟବହାର କରିବା ଭଲ। ଏକ ପାତ୍ରରେ ଗଙ୍ଗାଜଳ ନେଇ ତାହାକୁ ତୁଳସୀ ଫୁଲରେ ଘରେ ସିଞ୍ଚନ କରିବା ଦ୍ୱାରା ଘର ପରିବେଶ ଶୁଦ୍ଧ ଓ ଶାନ୍ତିପୂର୍ଣ୍ଣ ହୋଇଥାଏ। ଉଭୟ ତୁଳସୀ ଓ ଗଙ୍ଗାଜଳ ପବିତ୍ରତାର ପ୍ରତୀକ ହୋଇଥିବାରୁ ଏହାର ମିଶ୍ରଣ ଶୁଭଫଳ ପ୍ରଦାନ କରେ।

## ସ୍ୱସ୍ତି

# ପୂଜା ଫୁଲ ଧୋଇ ଚଢ଼ାଉ ଥିଲେ

ଫୁଲ ବିନା ଦେବୀ ଦେବତା ଏବଂ ଧାର୍ମିକ ଅନୁଷ୍ଠାନ ଅଧୁରା ବୋଲି କୁହାଯାଏ। ଶାସ୍ତ୍ରରେ ପୂଜା ଫୁଲର ଅନେକ ନିୟମ ରହିଛି। ସେହିପରି ଭଗବାନଙ୍କ ପାଖେ ଲାଗି ହେଉଥିବା ଫୁଲର ମହତ୍ତ୍ୱ ବେଶି। ତେବେ ଏହି ଫୁଲକୁ ଭଗବାନଙ୍କୁ ଲାଗି କରିବା ପୂର୍ବରୁ ଏହାକୁ ଅନେକ ଧୋଇ ଚଢ଼ାଇ ଥାନ୍ତି। ହେଲେ ଏଭଳି କରିବା ଠିକ୍ କି ଭୁଲ୍ ସେ ସମ୍ପର୍କରେ ଅନେକ ଜାଣନ୍ତି ନାହିଁ।

ଧ୍ୟାନ ଦେବା ଦରକାର ଯେ, ଭଗବାନଙ୍କୁ କୌଣସି ଜିନିଷ ଲାଗି କରିବା ବେଳେ ତାହା ତାଜା ଥିବା ଦରକାର। ତେଣୁ ଭଗବାନଙ୍କୁ ଚଢ଼ାଯାଉଥିବା ଫୁଲ ବାସି ହେବା ଅନୁଚିତ। ଫୁଲରେ ଜଳ ସ୍ପର୍ଶ ହେବା ଯୋଗୁଁ ତାହା ଜଳ ଦେବତାଙ୍କୁ ଅର୍ପିତ ବୋଲି ବିବେଚନା କରାଯାଏ। ତେଣୁ ଫୁଲକୁ ଧୋଇ ଠାକୁରଙ୍କୁ ଲାଗି କରିବା ଠିକ୍ ନୁହେଁ। ଫୁଲକୁ ଧୋଇ ଚଢ଼ାଇବା ଦ୍ୱାରା ଏହାର ପବିତ୍ରତା ନଷ୍ଟ ହୁଏ। ତା'ସହ ଭଗବାନଙ୍କ ପାଖେ ଅର୍ପଣ ହେଉଥିବା ଫୁଲକୁ ଧୋଇବା ଠିକ୍ ନୁହେଁ। ନିୟମ ଅନୁସାରେ, ସ୍ନାନ ପରେ ଫୁଲ ତୋଳିବା ଉଚିତ। ସେହିପରି ବଜାରରୁ ଆଣୁଥିବା ଫୁଲକୁ ମଧ୍ୟ ନ ଧୋଇ ପୂଜା ଥାଳିରେ ସିଧା ରଖିବା ଉଚିତ। ହିନ୍ଦୁ ମାନ୍ୟତାନୁସାରେ, ଭଗବାନଙ୍କୁ ବାସି, ପୋକ ଲଗା ଭୁଲ, ଛିଣ୍ଡା ଫୁଲ, ତଳେ ପଡ଼ିଥିବା ଫୁଲ ଲାଗି କରିବା ଅନୁଚିତ। ସେହିପରି ଠାକୁରଙ୍କ ପାଖରେ ଲାଗି ହୋଇଥିବା ଫୁଲକୁ ଅନ୍ୟ ଠାକୁରଙ୍କୁ ଲାଗି କରିବା ଅନୁଚିତ।





# ମା' ଲକ୍ଷ୍ମୀଙ୍କ ପ୍ରିୟ ଭୋଗ



**ମା'ଲକ୍ଷ୍ମୀଙ୍କ ପୂଜାରେ ଭୋଗର ବିଶେଷ ମହତ୍ତ୍ୱ ରହିଛି। କୁହାଯାଏ ଠିକ୍ ଓ ପବିତ୍ର ଭୋଗ ସାମଗ୍ରୀ ଦ୍ୱାରା ମା' ଲକ୍ଷ୍ମୀଙ୍କ ଆରାଧନା କରିବା ଦ୍ୱାରା ତାଙ୍କ କୃପା ପ୍ରାପ୍ତି ହୁଏ। ତେଣୁ ମା'ଲକ୍ଷ୍ମୀଙ୍କୁ ପ୍ରସନ୍ନ କରିବା ପାଇଁ ଭୋଗ ଉପରେ ବିଶେଷ ଗୁରୁତ୍ୱ ଦେବା ଉଚିତ।**

- କ୍ଷୀର, ଚାଉଳ ଏବଂ ଗୁଡ଼ରେ ପ୍ରସ୍ତୁତ କ୍ଷୀରି ଭୋଗ ମା' ଲକ୍ଷ୍ମୀଙ୍କୁ ଅର୍ପଣ କରିବା ଶୁଭ। କ୍ଷୀରି ଭୋଗ ଲାଗି କରିବା ଦ୍ୱାରା ଘରେ ଧନ, ସୁଖ ଓ ସମୃଦ୍ଧି ବଜାୟ ରହେ।
- ଲଡୁକୁ ସୌଭାଗ୍ୟର ପ୍ରତୀକ ବୋଲି କୁହାଯାଏ। ବେସନ କିମ୍ବା ବୁନ୍ଦିରେ ତିଆରି ଲଡୁ ମା' ଲକ୍ଷ୍ମୀଙ୍କୁ ଲାଗି କରିବା ଦ୍ୱାରା ପାରିବାରିକ ସମୃଦ୍ଧି ଓ ପ୍ରେମ ଭାବ ବୃଦ୍ଧି ପାଏ।
- ସୁଜି, ଦେଶୀ ଘିଅ ଓ ଗୁଡ଼ରେ ପ୍ରସ୍ତୁତ ହାଲୁଆ ମା' ଲକ୍ଷ୍ମୀଙ୍କ ଅତ୍ୟନ୍ତ ପ୍ରିୟ। ଏହାକୁ ଭୋଗ ଭାବେ ଅର୍ପଣ କଲେ ଘରେ ସକାରାତ୍ମକ ଶକ୍ତି ସଞ୍ଚାର ହୁଏ।
- କଦଳୀ, ସେଓ, ଡାଳିମ୍ବ ଭଳି ଅନ୍ୟ ଫଳ ଲକ୍ଷ୍ମୀ ମା'ଙ୍କୁ ଅର୍ପଣ କଲେ ଜୀବନରେ ସ୍ଥିରତା ଆସେ। ମା' ଲକ୍ଷ୍ମୀ ପ୍ରସନ୍ନ ହୁଅନ୍ତି।
- ନଡ଼ିଆ ବା ଶ୍ରୀଫଳକୁ ପୂର୍ଣ୍ଣତାର ପ୍ରତୀକ ବୋଲି ବିବେଚନା କରାଯାଏ। ଏହାକୁ ଅର୍ପଣ କଲେ ଆଧ୍ୟାତ୍ମିକ ଉନ୍ନତି ହୋଇଥାଏ। ମା' ଲକ୍ଷ୍ମୀଙ୍କୁ ଏହା ପ୍ରଦାନ କଲେ ଭୌତିକ ସୁଖ, ସାଧନର ବିକାଶ ଘଟେ।



# ସୂର୍ଯ୍ୟଦେବଙ୍କୁ ଅର୍ଘ୍ୟ ଅର୍ପଣର ନିୟମ

**ସୂର୍ଯ୍ୟଦେବଙ୍କୁ ପ୍ରସନ୍ନ କରିବା ପାଇଁ ସୂର୍ଯ୍ୟୋଦୟ ପୂର୍ବରୁ ଜଳ ଅର୍ଘ୍ୟ ଅର୍ପଣ କରିବା ଉଚିତ। ଏହି ଅର୍ଘ୍ୟ ଅର୍ପଣର ନିୟମ ବି ଅଛି।**

- ପ୍ରଥମେ ସ୍ନାନ ସାରି ପରିଷ୍କାର ବସ୍ତ୍ର ପରିଧାନ କରନ୍ତୁ।
- ସୂର୍ଯ୍ୟୋଦୟ ସମୟରେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରନ୍ତୁ।
- ତା'ସହ ଅର୍ଘ୍ୟ ଅର୍ପଣର ସମୟ ନିର୍ଦ୍ଧାରିତ କରି ସେହି ସମୟରେ ସବୁଦିନ ଅର୍ଘ୍ୟ ଦେବା ଉଚିତ।
- ତମ୍ବା ଢ଼ାଳରେ ଅର୍ଘ୍ୟ ଅର୍ପଣ କରିବା ଉଚିତ।
- ଅର୍ଘ୍ୟ ଜଳରେ ନାଲି ଫୁଲ, ଚନ୍ଦନ ଓ ଅକ୍ଷତ ପକାନ୍ତୁ। ସେହି ଜଳକୁ ଅର୍ଘ୍ୟ ଭାବେ ଅର୍ପଣ କରନ୍ତୁ।
- ଅର୍ଘ୍ୟ ଦେବାବେଳେ ଜଳଧାରରେ ସୂର୍ଯ୍ୟଙ୍କ ଦର୍ଶନ କରିବା ଶୁଭ।
- ଏହି ଅର୍ଘ୍ୟ ସମୟରେ ସୂର୍ଯ୍ୟଙ୍କ କିରଣ ଦେଖିବା ଉତ୍ତମ।
- ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରିବା ବେଳେ ସୂର୍ଯ୍ୟ ମନ୍ତ୍ର ଜପ କରିବା ଉଚିତ।
- ଅର୍ଘ୍ୟ ଅର୍ପଣ ସମୟରେ ନିଜ ମୁଖକୁ ପୂର୍ବ ଦିଗରେ ରଖନ୍ତୁ।

ଇଡେନ୍ ସ୍ପିନ୍ ପିଚ୍ ହେଲା ବୁମେରାଂ | ହାର୍ମର ଶ୍ରେଷ୍ଠ ଖେଳାଳି | ୨୨ରୁ ଦ୍ୱିତୀୟ ଟେଷ୍ଟ

# ଅଢ଼େଇ ଦିନରେ ହାରିଲା ଭାରତ

କୋଲକାତା,୧୬।୧୧(ଏଜେନ୍ସି)

ଅଢ଼େଇ ଦିନରେ ଇଡେନ୍ ଟେଷ୍ଟ ଲଢ଼େଇ ଶେଷ। ଅଧିନାୟକ ଶୁବମନ ଗିଲ୍‌ଙ୍କ ଅନୁପସ୍ଥିତିରେ ଇଡେନ୍‌ର ସ୍ପିନ୍ ପିଚ୍‌ରେ ଦକ୍ଷିଣ ଆଫ୍ରିକା ବୋଲରଙ୍କୁ ଉଚିତ ମୁକାବିଲା କରିପାରିଲାନି ଭାରତ। ଯାହା ଫଳରେ ଏଠାରେ ରବିବାରର ଶେଷ ହୋଇଥିବା ପ୍ରଥମ ଟେଷ୍ଟର ତୃତୀୟ ଦିନ ଟି' ପୂର୍ବରୁ ଭାରତ ୩୦ ରନ୍‌ରେ ଦକ୍ଷିଣ ଆଫ୍ରିକା ନିକଟରୁ ପରାଜିତ ହୋଇଛି। ଭ୍ରମଣକାରୀ ଦଳ ପ୍ରଦତ୍ତ ୧୨୪ ରନ୍‌ର ଟାର୍ଗେଟ୍‌କୁ ହାସଲ କରିବାରେ ସମର୍ଥ ହେଲାନି ଭାରତ। ଦଳ ୩୫ ଓଭରରେ ୯ ୱିକେଟ ହରାଇ ୯୩ ରନ୍ କରିଅଲଆଉଟ ହୋଇଥିଲା। ଆହତ ଯୋଗୁଁ ପ୍ରଥମ ଇନିଂସରେ ୩ଟି ବଲ୍‌ରୁ ୪ ରନ୍ କରିଥିବା ଗିଲ୍ ଦ୍ୱିତୀୟ ଇନିଂସରେ ବ୍ୟାଟିଂ କରିବାକୁ ଆସି ନ ଥିଲେ। ଦକ୍ଷିଣ ଆଫ୍ରିକାର ଏହି ଐତିହାସିକ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ୩୭ ବର୍ଷୀୟ ଅଫ୍‌ସ୍ପିନର ସାଇମନ ହାର୍ମର ଉଭୟ ଇନିଂସରେ ୪ଟି ଲେଖାଏଁ ୱିକେଟ ନେଇ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟରେ ସିରିଜ୍‌ରେ ୧-୦ରେ ଆଗୁଆ ରହିଥିବା ଦକ୍ଷିଣ ଆଫ୍ରିକା ଆସାମର ଗୁଆହାଟୀରେ ଭାରତ ସହ ଦ୍ୱିତୀୟ ଟେଷ୍ଟ ନଭେମ୍ବର ୨୨ରୁ ଖେଳିବ। ଭାରତରେ ଦୀର୍ଘ ୧୫ ବର୍ଷ ପରେ ଦକ୍ଷିଣ ଆଫ୍ରିକା ଟେଷ୍ଟ ଜିତିବାରେ ସମର୍ଥ ହୋଇଛି। ତାହା ପୁଣି ସ୍ପିନ୍ ବୋଲରଙ୍କ ସଫଳତା ବଳରେ। ଭାରତ ଉଭୟ ଇନିଂସରେ ହରାଇଥିବା ୧୮ଟି ୱିକେଟ ମଧ୍ୟରୁ ଦକ୍ଷିଣ ଆଫ୍ରିକୀୟ ସ୍ପିନରମାନେ ୧୨ଟି ୱିକେଟ ନେଇଥିଲେ।



## ୨୦୬ ଓଭର, ୫୧୭ ରନ୍, ୩୮ ୱିକେଟ୍

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ଅଢ଼େଇଦିନରେ ଶେଷ ହୋଇଛି। ଆଲୋକ ଅଭାବରୁ ଖେଳ ବ୍ୟାହତ ହୋଇ ନ ଥିଲେ ଆହୁରି ଆଗରୁ ଶେଷ ହୋଇଥାନ୍ତା। ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ଦକ୍ଷିଣ ଆଫ୍ରିକା ୫୫ ଓଭରରେ ୧୫୯ ରନ୍ କରିଥିଲା। ଜବାବରେ ଗିଲ୍ ୪ ରନ୍‌ରେ ମ୍ୟାଚ୍ ଛାଡ଼ିବା ପରେ ଭାରତ ୬୨.୨ ଓଭରରେ ୧୮୯ ରନ୍ କରିଥିଲା। ୩୦ ରନ୍‌ରେ ପଛୁଆ ଥିବା ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସରେ ୫୪ଓଭରରେ ୧୫୩ ରନ୍ କରିଥିଲା। ଏହା ଫଳରେ ଭାରତକୁ ଏହି ମ୍ୟାଚ୍ ଜିତିବାକୁ ୧୨୪ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଭାରତ ଦ୍ୱିତୀୟ ଇନିଂସରେ ମାତ୍ର ୩୫ ଓଭର ଖେଳି ୯୩ ରନ୍‌ରେ ଆଉଟ ହୋଇଥିଲା। ଆହତ ଯୋଗୁ ଗିଲ୍ ବ୍ୟାଟିଂ କରିବାକୁ ଆସି ନ ଥିଲେ। ଏହା ଫଳରେ ଏହି ମ୍ୟାଚ୍‌ରେ ମୋଟ ୨୦୬.୨ ଓଭର ଖେଳ ସମ୍ଭବ ହୋଇଥିଲା। ଏଥିରେ ଉଭୟ ଦଳ ମିଳିତଭାବେ ୫୧୭ ରନ୍ କରିଥିଲାବେଳେ ୩୮ଟି ୱିକେଟର ପତନ ଘଟିଥିଲା। ଆହତ ଥିବାରୁ ଗିଲ ଉଭୟ ଇନିଂସରେ ବ୍ୟାଟିଂ କରି ପାରି ନ ଥିଲେ।

ଏହି ମ୍ୟାଚ୍‌ର ଆଜି ସକାଳେ ଦକ୍ଷିଣ ଆଫ୍ରିକା ତାହାର ଦ୍ୱିତୀୟ ଇନିଂସ ୭ ୱିକେଟରେ ୯୩ ରନ୍‌ରୁ ଖେଳ ଆରମ୍ଭ କରି ୧୫୩ ରନ୍‌ରେ ଆଉଟ ହୋଇଥିଲା। ୨୯ ରନ୍‌ରେ ଅପରାଜିତ ଥିବା ଅଧିନାୟକ ତେମ୍ବା ୧୩୬ ବଲ୍‌ରୁ ଏହି ମ୍ୟାଚ୍‌ରେ ସର୍ବାଧିକ ୫୫ ରନ୍ କରି ଶେଷଯାଏ ଆଉଟ ହୋଇ ନ ଥିଲେ। କିନ୍ତୁ ନଂ-୯ରେ ବ୍ୟାଟିଂ କରିଥିବା କର୍ବିନ ବୋଶ୍‌ଙ୍କ ୨୫ ରନ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ଭାରତ ପକ୍ଷରୁ ରବୀନ୍ଦ୍ର ଜାଡେଜା ୪ଟି, କୁଲଦୀପ ଯାଦବ ଓ ମହମ୍ମଦ୍ ସିରାଜ ୨ଟି ଲେଖାଏଁ ୱିକେଟ ନେଇଥିଲେ।

ଏହା ଫଳରେ ଏହି ମ୍ୟାଚ୍ ଜିତିବାକୁ ଭାରତ ପାଇଥିବା ୧୨୪ ରନ୍‌ର ଟାର୍ଗେଟ୍‌କୁ ପିଛା କରି ଦ୍ୱିତୀୟ ଇନିଂସରେ ୯୩ ରନ୍ କରିଥିଲା। ନଂ-୩ରେ ବ୍ୟାଟିଂ କରିଥିବା ୱାଶିଂଟନ ସୁନ୍ଦର ୯୨ ବଲ୍ ଖେଳି ସର୍ବାଧିକ ୩୧, ଅକ୍ଷର ପଟେଲ ୨୬, ଜାଡେଜା ୧୮ ଓ ଧ୍ରୁବ ଜୁରେଲ ୧୩ ରନ୍ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ସାଇମନ ହାର୍ମର ୨୧ ରନ୍‌ରେ ୪ଟି, ମାର୍କୋ ୟାନ୍‌ସେନ୍ ଓ କେଶବ ମହାରାଜ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

**ଦକ୍ଷିଣ ଆଫ୍ରିକା**: ୧୫୯ (ମାରକ୍ରମ-୩୧, ବୁମ୍‌ରା-୫/୨୭) ଓ ୧୫୩ (ବଭୁମା-୫୫*, ଜାଡେଜା-୪/୫୦)।
**ଭାରତ**: ୧୮୯ (ରାହୁଲ-୩୯, ସୁନ୍ଦର-୨୯, ହାର୍ମର-୪/୩୦, ୟାନ୍‌ସେନ୍-୩/୩୫) ଓ ୯୩ (ସୁନ୍ଦର-୩୧, ଅକ୍ଷର-୨୬, ଜାଡେଜା-୧୮, ହାର୍ମର-୪/୨୧)।

## ୧୫ ବର୍ଷ ପରେ ଟେଷ୍ଟ ଜିତିଲା ଦ. ଆଫ୍ରିକା



କୋଲକାତା,୧୬।୧୧(ଏଜେନ୍ସି): ଭାରତକୁ ୩୦ ରନ୍‌ରେ ହରାଇ ଦକ୍ଷିଣ ଆଫ୍ରିକା ଭାରତ ମାଟିରେ ଦୀର୍ଘ ୧୫ ବର୍ଷ ପରେ ପ୍ରଥମ ଟେଷ୍ଟ ବିଜୟ ହାସଲ କରିଛି। ୨୦୧୦ରେ ଶେଷଥର ଭାରତ ମାଟିରେ ଦକ୍ଷିଣ ଆଫ୍ରିକା ଟେଷ୍ଟ ଜିତିବା ପରେ ଏଠାରେ ଉଭୟଙ୍କ ମଧ୍ୟରେ ଖେଳାଯାଇଥିବା ମୁକାବିଲାରେ ୬ଷ୍ଠ ବିଜୟ ହାସଲ କରିଛି। ୩୬ ବର୍ଷ ୨୭୯ ଦିନରେ ସ୍ପିନର ସାଇମନ୍ ହାର୍ମର ତୃତୀୟ ବରିଷ୍ଠ ଖେଳାଳି ଭାବେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଏହା ପୂର୍ବରୁ କ୍ଲାଇବ୍ ଲୟଡ ୧୯୮୩-୮୪ରେ ଓ କିଥ୍ ଫ୍ଲେଚର ୧୯୮୧-୮୨ ଟେଷ୍ଟ ସିରିଜ୍‌ରେ ଭାରତ ବିପକ୍ଷରେ ହାର୍ମରଙ୍କଠାରୁ ଅଧିକ ବୟସରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

### ● ଇଡେନ୍ ପିଚ୍‌କୁ ଗମ୍ଭୀରଙ୍କ ସମର୍ଥନ



ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ କୋଲକାତାର ଇଡେନ ଗାର୍ଡେନରେ ଖେଳାଯାଇଥିବା ପ୍ରଥମ ଟେଷ୍ଟର ପିଚ୍‌କୁ ସମର୍ଥନ ଜଣାଇଛନ୍ତି ଭାରତୀୟ କୋଚ୍ ଗୌତମ ଗମ୍ଭୀର। ଏହି ମ୍ୟାଚ୍ ଅଢ଼େଇ ଦିନରେ ଶେଷ ହୋଇଥିଲା ଓ ମୋଟ ୨୦୬.୨ ଓଭର ଖେଳରେ ଉଭୟ ଦଳ ଦୁଇଥର ଲେଖାଏଁ ଅଲଆଉଟ ହୋଇଥିଲେ। ଏହା ସତ୍ତ୍ୱେ ଗମ୍ଭୀର ଇଡେନ୍ ପିଚ୍‌କୁ ଖରାପ ବୋଲି କହି ନ ଥିଲେ। ବରଂ ଆମେ ଏଭଳି ପିଚ୍‌ରେ ୧୨୪ ରନ୍ କରିବା ସମ୍ଭବ ଥିଲା। ପିଚ୍ ନିର୍ମାତା ସୁଜନ ମୁଖାର୍ଜୀ ଖୁବ୍ ସହଯୋଗ କରିଥିଲେ। ଆମେ ଯେଉଁ ପିଚ୍ ଚାହିଁଥିଲୁ ତାହା ମିଳିଥିଲା। କିନ୍ତୁ ଯେଉଁ ଦଳ ଭଲ ଖେଳିଲା, ସେହି ଦଳ ବିଜୟୀ ହେଲା ବୋଲି ଗମ୍ଭୀର କହିଛନ୍ତି।

### ● ଅପରାଜେୟ ଟେଷ୍ଟ ଅଧିନାୟକ ତେମ୍ବା

ଦକ୍ଷିଣ ଆଫ୍ରିକା ଟେଷ୍ଟ ଦଳର ନେତୃତ୍ୱ ନେବା ପରଠାରୁ ଅଧିନାୟକ ତେମ୍ବା ବଭୁମା ଗୋଟିଏ ହେଲେ ମ୍ୟାଚ୍‌ରେ ହାରି ନାହାନ୍ତି। ତାଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକା ଦଳ ୧୧ଟି ଟେଷ୍ଟ ଖେଳି ୧୦ଟିରେ ବିଜୟୀ ହୋଇଛି। ଏହି ୧୦ଟି ମଧ୍ୟରେ ଇଂଲଣ୍ଡର ଲର୍ଡ୍ସର ଅନୁଷ୍ଠିତ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲରେ ଅଷ୍ଟ୍ରେଲିଆ ବିପକ୍ଷରେ ବିଜୟ ସର୍ବଶ୍ରେଷ୍ଠ ବୋଲି ସେ କହନ୍ତି। ସେହିପରି ଭାରତୀୟ ମାଟିରେ ମଧ୍ୟ ଦଳକୁ ସେ ୧୫ ବର୍ଷ ପରେ ଟେଷ୍ଟ ବିଜୟର ସ୍ୱାଦ ଚଖାଇଛନ୍ତି।

### ● ବିଶ୍ୱ ଚାମ୍ପିଅନ ହେଲା ଭଳି ଲାଗିଲା



କୋଲକାତାରେ ଭାରତ ବିପକ୍ଷ ବିଜୟକୁ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ବିଜୟ ସହ ତୁଳନା କରିଛନ୍ତି ଦକ୍ଷିଣ ଆଫ୍ରିକାର କୋଚ୍ ଶୁକରି କନରାଡ। ତାଙ୍କ ମତରେ ଏହି ବିଜୟ ମୋତେ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ ବିଜୟ ଭଳି ଲାଗୁଛି। ୧୫ ବର୍ଷ ପରେ ଭାରତରେ ଟେଷ୍ଟ ଜିତିଥିବାରୁ ଏହା ବୋନସ ମିଳିଲା ଭଳି ଲାଗୁଛି। ଏତିକିରେ ଆମର କାମ ଶେଷ ହୋଇନାହିଁ। ସିରିଜ୍ ବିଜୟୀ ହେବା ପରେ ଆମେ ଭାରତର ଦୁର୍ଗ ଦଖଲ କରିବୁ ବୋଲି ସେ କହିଛନ୍ତି।

### ● ଚତୁର୍ଥ ଇନିଂସରେ ଭାରତର ତୃତୀୟ ସର୍ବନିମ୍ନ ସ୍କୋର

ଏଠାରେ ଭାରତ ଆଗରେ ୧୨୪ ରନ୍‌ର ଟାର୍ଗେଟ ରହିଥିଲା। ଜବାବରେ ଭାରତ ୯୩ ରନ୍ କରିଥିଲା। ଟେଷ୍ଟ ଇତିହାସର ଚତୁର୍ଥ ଇନିଂସରେ ଏହା ଭାରତର ତୃତୀୟ ସର୍ବନିମ୍ନ ସ୍କୋର। ପୂର୍ବରୁ ଦଳ ୧୯୯୭ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ୮୧, ୧୯୭୭ ଇଂଲଣ୍ଡ ବିପକ୍ଷରେ ୮୩ ରନ୍ କରିଥିଲା। ଏଠାରେ ୯୩ ରନ୍‌ରେ ଆଉଟ ହେବା ଭାରତର ତୃତୀୟ ସର୍ବନିମ୍ନ ଟେଷ୍ଟ ସ୍କୋର। ୯ମ ଥର ଲାଗି ଭାରତ ଟେଷ୍ଟର ପ୍ରଥମ ଇନିଂସରେ ଅଗ୍ରଣୀ ନେବା ପରେ ପରାଜିତ ହୋଇଛି।

## ସିରିଜ୍ ଜିତାଇଲେ ଗାଏକ୍‌ୱାଡ

ରାଜକୋଟ, ୧୬।୧୧ (ଏଜେନ୍ସି): ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା-ଏ ବିପକ୍ଷରେ ଏଠାରେ ରବିବାର ଖେଳାଯାଇଥିବା ଦ୍ୱିତୀୟ ଅନ୍‌ଅଫିସିଆଲ୍ ଦିନିକିଆ ମ୍ୟାଚକୁ ଭାରତ-ଏ ୯ ୱିକେଟ୍‌ରେ ବିଜୟୀ ହୋଇଛି। ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା-ଏ ଘରୋଇ ବୋଲର ନିଶାନ୍ତ ସିନ୍ଧୁ ଓ ହର୍ଷିତ ରାଣାଙ୍କ ବୋଲିଂକୁ ସାମ୍ନା କରି ନ ପାରି ୩୦.୩ ଓଭରରେ ୧୩୨ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଓପନର୍ ରିଭାଲ୍ଡୋ ମୁନସାମୀ ସର୍ବାଧିକ ୩୩ ରନ କରିଥିଲେ। ଭାରତ-ଏ ପକ୍ଷରୁ ନିଶାନ୍ତ ସିନ୍ଧୁ (୭-୧-୧୬-୪) ଓ ହର୍ଷିତ ରାଣା (୫-୧-୨୧-୩) ମିଳିତ ଭାବେ ୭ଟି ୱିକେଟ୍ ନେଇଥିଲେ। ଜବାବରେ ଓପନର୍ ଋତୁରାଜ ଗାଏକ୍‌ୱାଡଙ୍କ ଅପରାଜିତ ୬୮ ରନ ବଳରେ ଭାରତ-ଏ ୨୭.୫ ଓଭରରେ ଗୋଟିଏ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଅଭିଷେକ ଶର୍ମା ୩୨ ରନ କରି ଆଉଟ୍ ହୋଇଥିଲେ। ପ୍ରଥମ ଦିନିକିଆକୁ ୪ ୱିକେଟ୍‌ରେ ଜିତିଥିବା ଭାରତ-ଏ ଏଥିସହ ୨-୦ରେ ଆଗୁଆ ସିରିଜ କବ୍‌ଜା କରିନେଇଛି। ଅନ୍ତିମ ତଥା ୩ୟ ମ୍ୟାଚ୍ ନଭେମ୍ବର ୧୯ରେ ଏଠାରେ ଅନୁଷ୍ଠିତ ହେବ।


## ରଣଜୀ ଟ୍ରଫି | ଓଡ଼ିଶାର ସମ୍ମାନ ରଖିଲେ ବିପ୍ଳବ-ଅନିଲ

ଭୁବନେଶ୍ୱର, ୧୬।୧୧ (ସମିସ):

ଘରୋଇ ଓଡ଼ିଶା ଓ ନାଗାଲାଣ୍ଡ ମଧ୍ୟରେ ରବିବାରଠାରୁ ସ୍ଥାନୀୟ କିଟ୍ କ୍ରିକେଟ୍ ଷ୍ଟାଡିୟମରେ ରଣଜୀ ଟ୍ରଫି ୫ମ ରାଉଣ୍ଡ ମ୍ୟାଚ୍ ଆରମ୍ଭ ହୋଇଛି। ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଓଡ଼ିଶା ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୮୯ ଓଭରରେ ୭ ୱିକେଟ୍ ହରାଇ ୨୪୩ ରନ ସଂଗ୍ରହ କରିଛି। ଖେଳ ଶେଷବେଳକୁ ଅନିଲ ପରିଡ଼ା ୯୮ ଓ ରାଜେଶ ମହାନ୍ତି ୨ ରନ କରି ଖେଳୁଛନ୍ତି।

### ୩୪/୪: ଓଡ଼ିଶାର ପ୍ରାରମ୍ଭିକ ବିପର୍ଯ୍ୟୟ

ପାଞ୍ଚ ବର୍ଷର ବ୍ୟବଧାନ ପରେ କିଟ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ରଣଜୀ ଲଢ଼େଇରେ ଟସ୍ ଜିତି ଘରୋଇ ଓଡ଼ିଶା ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଧୀମା ବ୍ୟାଟିଂ ଆରମ୍ଭ କରିଥିବା ଓଡ଼ିଶା ୨୦ ଓଭରବେଳକୁ ମାତ୍ର ୩୪ ରନ ମଧ୍ୟରେ ଗୌରବ ଚୌଧୁରୀ (୧୦ ରନ) ଓ ସ୍ୱସ୍ତିକ ସାମଲ (୯)ଙ୍କ ସହ ଅଧିନାୟକ ଶୁଭ୍ରାଂଶୁ ସେନାପତି (୧୩) ଓ ଗୋବିନ୍ଦ (୦)ଙ୍କ ୱିକେଟ୍ ହରାଇଥିଲା। ଏହି ସମୟରେ ମଧ୍ୟକ୍ରମରେ ଅଭିଜ୍ଞ ବିପ୍ଳବଙ୍କ ସହ ଯୁବ ବ୍ୟାଟର୍ ଅନିଲ ବ୍ୟାଟିଂର ମଙ୍ଗ ସମ୍ଭାଳିଥିଲେ। ଗତ ସିଜନ ଭଳି ଚଳିତ ବର୍ଷ ମଧ୍ୟ ପ୍ରାରମ୍ଭରୁ ଅଣଦେଖାର ଶିକାର ହୋଇଥିବା ବିପ୍ଳବ ପ୍ରତ୍ୟାବର୍ତ୍ତନ ସୁଯୋଗର ଭରପୁର ଫାଇଦା ଉଠାଇଥିଲେ। ଅନିଲଙ୍କ ସହ ମିଶି ବିପ୍ଳବ ନାଗାଲାଣ୍ଡ ବୋଲରଙ୍କୁ ଧୈର୍ଯ୍ୟର ସହ ମୁକାବିଲା କରି ୫ମ ୱିକେଟ୍‌ରେ ୧୭୯ ରନର ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି ଗଢ଼ିଥିଲେ। ଫଳରେ ଦଳୀୟ ସ୍କୋର ୨୦୦ ଶହ ରନ ଅତିକ୍ରମ ହୋଇଥିଲା। ତେବେ ବିପ୍ଳବ ୯୨ ରନ (୧୪୫ ବଲ୍, ୯ ଚୌକା ଓ ୧ ଛକା) କରି ଶତକରୁ ବଞ୍ଚିତ ହୋଇଥିଲେ। ଏହାପରେ ସମ୍ବିତ ବରାଳ (୧୧ ରନ) ଓ ପଦାର୍ପଣକାରୀ ୱିକେଟ୍‌କିପର ଶାୱନ ପହରିୟା (୧) ନିରାଶ କରିଥିଲେ। ନିଜର ୨ୟ ମ୍ୟାଚ୍ ଖେଳୁଥିବା ଅନିଲ ୨୪୯ ବଲରେ ୯୮ ରନ କରି ଅପରାଜିତ ରହିଛନ୍ତି। ଗତ ସିଜନରେ ପଦାର୍ପଣରେ ସର୍ଭିସେସ ବିପକ୍ଷରେ ଅପରାଜିତ ୯୯ ରନ କରିଥିଲେ ମଧ୍ୟ ଅନିଲଙ୍କୁ ଚଳିତ ସିଜନ ପ୍ରାରମ୍ଭରୁ ଅଣଦେଖା କରାଯାଇଥିଲା। ନାଗାଲାଣ୍ଡର ଅଧିନାୟକ ରଙ୍ଗସେନ ଜୋନାଥନ, ରୋନିତ୍ ମୋରେ ଓ ଲାମଲିୱତି ଲାମଲିୱତି ୨ଟି ଲେଖାଏ ୱିକେଟ୍ ନେଇଛନ୍ତି।






ସକାଳ THE SAKALA
A Unit of Nandighosha Network Pvt. Ltd.
ନନ୍ଦିଘୋଷ

'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଉପଲକ୍ଷେ ରାଜ୍ୟସ୍ତରୀୟ
ବିତର୍କ ପ୍ରତିଯୋଗିତା ୨୦୨୫
ଭାଷା: ଓଡ଼ିଆ

5th Anniversary

Presented by:
BHARAT MASALA
The Taste of New India

In Association with:
CBSE-XI & XII SRI VINAYAKA Concept School BHUBANESWAR

ପ୍ରତିଯୋଗିତା ସ୍ଥାନ ଓ ଯୋଗାଯୋଗ ନଂ.

| | | |
|---|---|---|
| ଭୁବନେଶ୍ୱର | ଡ଼ିଏଭି ପବ୍ଲିକ ସ୍କୁଲ୍, ୟୁନିଟ୍-୮, ଭୁବନେଶ୍ୱର | ସୁଧାଂଶୁ ସାହୁ - ୭୩୭୧୬୯୪୧୪୨ |
| ଖୋର୍ଦ୍ଧା | ସିଗମା ପବ୍ଲିକ ସ୍କୁଲ, ଖୋର୍ଦ୍ଧା | ରଞ୍ଜିତ କେଏନ୍ ସାମନ୍ତରାୟ - ୯୪୩୭୪୫୬୫୬୬ |
| ନୟାଗଡ଼ | ସାମ୍ବାଦିକ ଭବନ, ନୟାଗଡ଼ | ଅନିଲ କୁମାର ପଣ୍ଡା - ୭୩୭୭୭୧୦୦୯୭ |
| ଅନୁଗୋଳ | ରୋଟାରୀ ପବ୍ଲିକ ସ୍କୁଲ, ଅନୁଗୋଳ | ସଂଗ୍ରାମ ଦାସ - ୯୪୩୯୦୧୬୦୧୯ |
| ପୁରୀ | କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସଦାଶିବ ପରିସର, ପୁରୀ | ହେମନ୍ତ କୁମାର ନାୟକ - ୯୯୩୭୫୨୧୬୨୯ |
| କଟକ | ସାରଳା ଭବନ ,ବିଜୁ ପଟ୍ଟନାୟକ ଛକ, ତୁଳସିପୁର, କଟକ | ଭକ୍ତି ଭୂଷଣ ମହାନ୍ତି - ୯୩୩୮୧୦୧୦୮୩ |
| ଢେଙ୍କାନାଳ | ଢେଙ୍କାନାଳ, ସିନର୍ଜି ଇଞ୍ଜିନିୟରିଂ ବୈଷୟିକ ମହାବିଦ୍ୟାଳୟ | ସୟେଦ ଇମତିଆଜ୍ ହୁସେନ୍ - ୯୪୩୭୦୭୪୦୩୩ |
| ମୟୂରଭଞ୍ଜ | ସାଇଆଦର୍ଶ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ରଘୁନାଥପୁର ବାରିପଦା | ମନୋଜ କୁମାର ପଣ୍ଡା - ୯୪୩୮୨୪୮୪୯୧ |
| ଗଜପତି | ମହେନ୍ଦ୍ରଗିରି ପୌର ସରକାରୀ ଉଚ୍ଚ ବିଦ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି | ରଶ୍ମି ରଞ୍ଜନ ମିଶ୍ର-୯୪୩୭୧୪୦୦୦୨ |
| ଗଞ୍ଜାମ | ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ, କୋର୍ଟପେଟା, ବ୍ରହ୍ମପୁର | କ୍ଷୀରସିନ୍ଧୁ ମହାନ୍ତି - ୭୭୪୯୮୧୧୭୦୩ |
| କନ୍ଧମାଳ | ଡିଆଇପିଆରଓ କନଫରେନ୍ସ ହଲ, ଫୁଲବାଣୀ, କନ୍ଧମାଳ | ସଞ୍ଜୟ ପାତ୍ର - ୭୦୦୮୭୨୫୭୧୯ |
| କେନ୍ଦ୍ରାପଡ଼ା | ସେଣ୍ଟ ଜାଭିୟର ହାଇସ୍କୁଲ, ଗୋପ, କେନ୍ଦ୍ରାପଡ଼ା | ଦେବଦତ୍ତ ଦାଶ - ୯୯୩୭୨୨୭୯୯୪ |
| ଜଗତସିଂହପୁର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁର | ଶଶାଙ୍କ ଶେଖର ପଣ୍ଡା - ୯୮୬୧୩୩୭୯୮୨ |
| ଯାଜପୁର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଯାଜପୁର | ସନ୍ଦିପ୍ତ ରାୟ - ୯୪୩୯୪୯୭୬୪୫ |
| ବାଲେଶ୍ୱର | ସକାଳ-ନନ୍ଦିଘୋଷ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ପଡୁଆଁପଦା, ପ୍ରୁଫ ରୋଡ, ବାଲେଶ୍ୱର | ଅସୀମ ମହାପାତ୍ର - ୯୪୩୯୪୫୨୧୮ |
| ଭଦ୍ରକ | ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟ (ପୁରୁଣା ସରକାରୀ ବାଳିକା ବିଦ୍ୟାଳୟ), ଭଦ୍ରକ | ଉମାକଲ୍ୟାଣ ମହାପାତ୍ର - ୯୦୯୦୯୦୪୦୭୭ |

୨୩ ନଭେମ୍ବର ୨୦୨୫ । ରବିବାର

ଜୁନିୟର: ହାଇସ୍କୁଲ ଛାତ୍ରଛାତ୍ରୀ
ସିନିୟର: କଲେଜ / ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ

ପ୍ରାରମ୍ଭିକ ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବ।
ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ୍ ଅଫ୍ ପାର୍ଟିସିପେସନ୍ ପ୍ରଦାନ କରାଯିବ।

ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରର ପ୍ରତିଯୋଗିତା ପାଇଁ ଭୁବନେଶ୍ୱର ଡକାଯିବ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS